DHARITRI

ବ୍ରହ୍ମପୁର, ରବିବାର, ମେ ୮/୨୦୨୨ (୧୪ ପୃଷ୍ଠା+ଛୁଟିଦିନ) | Berhampur, Sunday, May 8/2022 | Page 14 | ₹ 7.00 | ★★★

୧୮ଶ ଭାଗ ୯୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ₹୭/-



**ଜୟସ୍ୱାଲ ପ୍ଲେୟର ଅଫ୍ ଦି ମ୍ୟାଚ**

ପଞ୍ଜାବ କିଙ୍ଗ୍ସ ବିପକ୍ଷ ଆଇପିଏଲ୍ ମ୍ୟାଚରେ ରାଜସ୍ଥାନ ରୟାଲ୍ସର ଯଶସ୍ୱୀ ଜୟସ୍ୱାଲ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି।

୧୨

୧୦

**କିପ୍ ସାଇନିଂ ଶେହନାଜ**

ରିଆଲିଟି ଶୋ' ବିଗ୍ ବସ୍ ଫେମ୍ ଶେହନାଜ ଗିଲ୍‌ଙ୍କୁ ବ୍ରହ୍ମାକୁମାରୀ ସଂସ୍ଥାନ ପକ୍ଷରୁ 'କିପ୍ ସାଇନିଂ' ସମ୍ମାନ ପ୍ରଦାନ କରାଯାଇଛି।



# ହାଣ୍ଡିଶାଳରେ ମହଙ୍ଗା ମାଡ଼

- **ଏଲ୍‌ପିଜି ସିଲିଣ୍ଡର ୫୦ ଟଙ୍କା ବଢ଼ିଲା**
- **ବର୍ଷକରେ ୧୯୦ ବୃଦ୍ଧି, ଖାଉଟି ହନ୍ତସନ୍ତ**

ନୂଆଦିଲ୍ଲୀ,୭।୫

ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକର ଆକାଶଛୁଆଁ ଦର ବୃଦ୍ଧିକୁ ନେଇ ହନ୍ତସନ୍ତ ହେଉଥିବା ଭାରତୀୟ ଉପଭୋକ୍ତାଙ୍କ ମୁଣ୍ଡରେ ଆଉ ଏକ ବୋଝ ଲଦିଦେଇଛନ୍ତି ସରକାର। ଦେଶରେ ୧୪.୨ କେ.ଜି.ର ଘରୋଇ ଲିକ୍ୱିଫାଏଡ୍ ପେଟ୍ରୋଲିୟମ୍ ଗ୍ୟାସ୍ (ଏଲ୍‌ପିଜି) ସିଲିଣ୍ଡର ପିଛା ୫୦ ଟଙ୍କା ବୃଦ୍ଧି କରାଯାଇଛି। ନୂଆ ଦର ଶନିବାରଠାରୁ ଲାଗୁ ହୋଇଛି। ଏଥିସହ ଘରୋଇ ସିଲିଣ୍ଡର ପିଛା ଦର ଦିଲ୍ଲୀରେ ୯୯୯.୫୦ ଟଙ୍କା ଛୁଇଁଛି। ଭୁବନେଶ୍ୱରରେ ଏଲ୍‌ପିଜି ଦର ୧୦୨୬ ଟଙ୍କା, କଟକରେ ୧୦୨୬.୫୦ ଟଙ୍କା ହୋଇଥିବାବେଳେ ମାଲକାନଗିରିରେ ସର୍ବାଧିକ ୧୦୪୯.୫୦ ଟଙ୍କା ରହିଛି। ୬ ସପ୍ତାହ ମଧ୍ୟରେ ଏହା ହେଉଛି ଏଲ୍‌ପିଜି ମୂଲ୍ୟରେ ଦ୍ୱିତୀୟ ବୃଦ୍ଧି। ୫ ରାଜ୍ୟର ବିଧାନସଭା ନିର୍ବାଚନ ଶେଷ ହେବା ପରଠାରୁ ପେଟ୍ରୋଲ, ଡିଜେଲ ଏବଂ ଏଲ୍‌ପିଜି ଦର କ୍ରମାଗତ ଭାବେ ବଢ଼ିଚାଲିଛି। ତେଲ ଦର ବୃଦ୍ଧି ଉପଭୋକ୍ତାଙ୍କ ବଜେଟକୁ ସଙ୍କୁଚିତ କରିଦେଇଥିବାବେଳେ ଏଲ୍‌ପିଜି ମୂଲ୍ୟ ବଢ଼ିବା ପରେ ବିଶେଷକରି ନିମ୍ନ ମଧ୍ୟବିତ୍ତ ତଥା ମଧ୍ୟବିତ୍ତ ପରିବାରଙ୍କ ରୋଷେଇଘରେ ମହଙ୍ଗା ମାଡ଼ ପଡ଼ିବ। ମାର୍ଚ୍ଚ ୨୨ରେ ରିହାତିରେ ମିଳୁଥିବା ଘରୋଇ ଏଲ୍‌ପିଜି ସିଲିଣ୍ଡର ପ୍ରତି ୫୦ ଟଙ୍କା ବୃଦ୍ଧି କରାଯାଇଥିଲା। ଏହା ପୂର୍ବରୁ ଅକ୍ଟୋବର ୬ ପରଠାରୁ ଘରୋଇ ଏଲ୍‌ପିଜି ଦର ବୃଦ୍ଧି କରାଯାଇ ନ ଥିଲା। ତେବେ ୨୦୨୧ ଏପ୍ରିଲ ପରେ ଏଲ୍‌ପିଜି ସିଲିଣ୍ଡର ପିଛା ୧୯୦ ଟଙ୍କା ମହଙ୍ଗା ହେଲାଣି, ଯାହକି ପ୍ରତ୍ୟେକ ଭାରତୀୟଙ୍କ ମୁଣ୍ଡରେ ଚିନ୍ତାର ବୋଝ ଲଦିଦେଇଛି।

ଭାରତର ପ୍ରତ୍ୟେକ ପରିବାର ବାର୍ଷିକ କୋଟାରେ ୧୪.୨ କେ.ଜି.ର ୧୨ଟି ସିଲିଣ୍ଡର ରିହାତି ମୂଲ୍ୟରେ ପାଇବାକୁ ଯୋଗ୍ୟ। ପହଲ (ଏଲ୍‌ପିଜିର ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର) ଯୋଜନାରେ ଉପଭୋକ୍ତାମାନଙ୍କୁ ଏଲ୍‌ପିଜି ସିଲିଣ୍ଡର ରିହାତି ମୂଲ୍ୟରେ ମିଳିଥାଏ। ଏହି ସବ୍‌ସିଡି ଫରେନ୍ ଏକ୍ସଚେଞ୍ଜ ରେଟ୍ ଓ କ୍ରୁଡ୍ ଅଏଲ୍ ଦର ଭଳି ଅନେକ କାରକ ଉପରେ ନିର୍ଭର କରେ। ତେବେ କେନ୍ଦ୍ର ସରକାର ଏହି ବାବଦରେ ଯେଉଁ ରିହାତି ଦେଉଛନ୍ତି ତାହା ନାମକୁ ମାତ୍ର। ସବ୍‌ସିଡାଇଜ୍‌ଡ ଏଲ୍‌ପିଜିରେ ବ୍ୟାଙ୍କ ଖାତାକୁ ମାତ୍ର ୧୩.୯୫ ଟଙ୍କା ଫେରିଥାଏ। ଏହା ବାଦ୍ ଉପଭୋକ୍ତାମାନେ ଅତିରିକ୍ତ ସିଲିଣ୍ଡର ପାଇବାକୁ ଚାହିଁଲେ ବଜାର ଦରରେ କିଣିପାରିବେ। ଏହାକୁ ନନ୍‌ସବ୍‌ସିଡାଇଜ୍‌ଡ (ବିନା ରିହାତିରେ ମିଳୁଥିବା) ରନ୍ଧନ ଗ୍ୟାସ୍ କୁହାଯାଏ। ଘରୋଇ ରନ୍ଧନ ଗ୍ୟାସ୍‌ର ମୂଲ୍ୟ ଉପରେ ମୂଲ୍ୟଯୁକ୍ତ ଟିକସ (ଭାଟ୍) ଭଳି ସ୍ଥାନୀୟ ଟ୍ୟାକ୍ସ ଲଗାଯାଉଥିବାରୁ ବିଭିନ୍ନ ରାଜ୍ୟରେ ଏହାର ଦର ଭିନ୍ନ ଭିନ୍ନ ରହିଥାଏ। ଫୁଏଲ୍ ରିଟେଲର୍ସ ପ୍ରତିମାସ ଆରମ୍ଭରେ ସମୀକ୍ଷା କରି ଏହାର ଦର ଧାର୍ଯ୍ୟ କରିଥାଆନ୍ତି। ସଦ୍ୟ ମୂଲ୍ୟ ବୃଦ୍ଧି ସହ ନନ୍‌ସବ୍‌ସିଡାଇଜ୍‌ଡ ଏଲ୍‌ପିଜିର ☞ପୃଷ୍ଠା-୪




> ଉପା ସରକାର ଅମଳରେ ଏଲ୍‌ପିଜି ସିଲିଣ୍ଡର ପିଛା ୪୧୪ ଟଙ୍କା ଥିଲା। ପ୍ରତି ସିଲିଣ୍ଡରରେ ସରକାର ୮୨୭ ଟଙ୍କା ସବ୍‌ସିଡି ଦେଉଥିଲେ। ସାଧାରଣ ଲୋକଙ୍କୁ ମିଳୁଥିବା ଏଭଳି ସୁରକ୍ଷାକୁ ମୋଦି ସରକାର ପ୍ରତ୍ୟାହାର କରିନେଇଛନ୍ତି। ଫଳରେ କୋଟି କୋଟି ଭାରତୀୟ ଉଚ୍ଚ ମୁଦ୍ରାସ୍ଫୀତି, ବେକାରି ଓ ଦୁର୍ବଳ ଶାସନ ଭଳି ଆହ୍ୱାନର ସମ୍ମୁଖୀନ ହେଉଛନ୍ତି। **-ରାହୁଲ ଗାନ୍ଧୀ, କଂଗ୍ରେସ ନେତା**

> କେନ୍ଦ୍ର ସରକାର ତୈଳ ବିପଣନ କମ୍ପାନୀଗୁଡ଼ିକୁ ପର୍ଯ୍ୟାପ୍ତ ସ୍ୱାଧୀନତା ଦେଇଥିବାରୁ ସେମାନେ ମନଇଚ୍ଛା ଦର ବୃଦ୍ଧି ଘଟାଇ ଚାଲିଛନ୍ତି। ଏହା ସାଧାରଣ ଲୋକଙ୍କ ଦୁର୍ଦ୍ଦଶା ପ୍ରତି କେନ୍ଦ୍ରର ସମ୍ବେଦନହୀନତାକୁ ଦର୍ଶାଉଛି। **-ଡି. ରାଜା, ସିପିଆଇ ସାଧାରଣ ସମ୍ପାଦକ**

## ରଣଭାର: ମା', ପୁଅଙ୍କ ଆତ୍ମହତ୍ୟା


ରଜନୀ ଗୁଡ୍‌ଲା


ଶ୍ୟାମ୍

**ଅସହ୍ୟ ହେଲା ଲୋକଙ୍କ ଅପମାନ**

ରାୟଗଡ଼ା ଅଫିସ,୭।୫

ରାୟଗଡ଼ା ଜିଲା ଶେଷଖାଲ ଥାନା ଅଧୀନ ଜେମାଦେଇପେଣ୍ଠ ଗ୍ରାମରେ ଶୁକ୍ରବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ରଣଭାର ଏବଂ ଲୋକଙ୍କ ଅପମାନ ସହି ନ ପାରି ମା' ଏବଂ ପୁଅ କୀଟନାଶକ ପିଇ ଜୀବନ ହାରିଛନ୍ତି। ଦୁହେଁ ହେଲେ ରଜନୀ ଗୁଡ୍‌ଲା(୫୫) ଏବଂ ତାଙ୍କ ପୁଅ ଶ୍ୟାମ୍(୨୨)। ସୂଚନା ଅନୁଯାୟୀ, ରଜନୀ ଏବଂ ଶ୍ୟାମ୍ ଜେମାଦେଇପେଣ୍ଠ ନିକଟରେ ଏକ ହୋଟେଲ କରିଥିଲେ। କରୋନା ସମୟରେ ତାହା ବନ୍ଦ ରହିବାରୁ ବ୍ୟବସାୟ ବନ୍ଦ ହୋଇଥିଲା। କରୋନା ସ୍ଥିତି ସୁଧୁରିବା ପରେ ପୁଣି ହୋଟେଲ ଚାଲୁ କରିବାକୁ ଉଭୟ ମା' ଏବଂ ପୁଅ ପରିଚିତ ଲୋକଙ୍କଠାରୁ ଲକ୍ଷାଧିକ ଟଙ୍କା ଧାରରେ ☞ପୃଷ୍ଠା-୧୧

## ସ୍କୁଲ, ହଷ୍ଟେଲରୁ ୬୪ ପିଲା କରୋନା ପଜିଟିଭ

**ଲେଉଟିଲାଣି କରୋନା**

ରାୟଗଡ଼ା ଅଫିସ,୭।୫

କରୋନା ସ୍ଥିତିରେ ସୁଧାର ଆସିବା ପରେ ସମସ୍ତ ସ୍କୁଲ ଏବଂ ହଷ୍ଟେଲଗୁଡ଼ିକ ଖୋଲିଛି। ପିଲାମାନେ ଏକଠି ବସି ପଢ଼ିବା ସହ ହଷ୍ଟେଲରେ ଗୋଟିଏ ରୁମ୍‌ରେ ରହୁଛନ୍ତି। ଏଭଳି ପରିସ୍ଥିତିରେ ଏବେ ପୁଣି କରୋନା ସଂକ୍ରମିତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ରାୟଗଡ଼ା ଜିଲାରେ ମଙ୍ଗଳ ବିଭାଗ ଅଧୀନରେ ଥିବା ସ୍କୁଲ ଏବଂ ☞ପୃଷ୍ଠା-୪




## ସୁପ୍ରିମକୋର୍ଟରେ ୨ ବିଚାରପତି ନିଯୁକ୍ତ

- **ଜଷ୍ଟିସ୍‌ଙ୍କ ସଂଖ୍ୟା ୩୪ରେ ପହଞ୍ଚିଲା**



ବିଚାରପତି ସୁଧାଂଶୁ ଧୁଲିଆ ଓ ଜାମସେଦ ବି. ପର୍ଡିୱାଲା

ନୂଆଦିଲ୍ଲୀ,୭।୫(ପି.ଟି.)

ସୁପ୍ରିମକୋର୍ଟରେ ଶନିବାର ଦୁଇ ଜଣ ନୂଆ ବିଚାରପତିଙ୍କୁ ନିଯକ୍ତି ଦିଆଯାଇଛି। ଫଳରେ ସର୍ବୋଚ୍ଚ ଅଦାଲତର ବିଚାରପତି ସଂଖ୍ୟା ୩୪ (ପୂର୍ଣ୍ଣ କ୍ଷମତା)ରେ ପହଞ୍ଚିବାକୁ ଯାଉଛି। ଦୁଇଦିନ ପୂର୍ବରୁ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଏନ୍.ଭି. ରମନାଙ୍କ ଅଧ୍ୟକ୍ଷତାରେ ସୁପ୍ରିମକୋର୍ଟ କଲେଜିୟମ ଉତ୍ତରାଖଣ୍ଡ ☞ପୃଷ୍ଠା-୧୧

**ଆଜିର ସମ୍ପାଦକୀୟ**

**ଆମେ ତଳକୁ ଖସୁଛୁ**

## ବାତ୍ୟା ଭୟ ନାହିଁ

ଭୁବନେଶ୍ୱର,୭।୫(ବ୍ୟୁରୋ)

**ସମୁଦ୍ରରେ ମିଳେଇଯିବ**

- **ଗଞ୍ଜାମ, ଗଜପତି, ପୁରୀ, କଟକ, ଜଗତ୍‌ସିଂହପୁରରେ ବର୍ଷା**
- **୯ରୁ ୧୧ ସମୁଦ୍ର ମଧ୍ୟକୁ ଯିବାକୁ ମତ୍ସ୍ୟଜୀବୀଙ୍କୁ ବାରଣ**
- **ସବୁ ବନ୍ଦରରେ ୧ ନମ୍ବର ବିପଦ ସଙ୍କେତ**
- **ପ୍ରସ୍ତୁତି କମ୍ କରାଯାଇନାହିଁ:ଏସ୍‌ଆର୍‌ସି**

ସମ୍ଭାବ୍ୟ ବାତ୍ୟା ସ୍ଥଳଭାଗ ଛୁଇଁବ ନାହିଁ। ଓଡ଼ିଶା କିମ୍ବା ଆନ୍ଧ୍ର ଉପକୂଳକୁ ଆସିବ ନାହିଁ। ସମୁଦ୍ରରେ ହିଁ ମିଳେଇ ଯିବ। ଦକ୍ଷିଣ ଆଣ୍ଡାମାନ ଓ ଏହାର ପାର୍ଶ୍ୱବର୍ତ୍ତୀ ଦକ୍ଷିଣ ପୂର୍ବ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଶନିବାର ଅପରାହ୍ନ ସାଢ଼େ ୫ଟାରେ ଗଭୀର ଅବପାତ (ଡିପ୍ ଡିପ୍ରେସନ)ରେ ପରିଣତ ହୋଇଛି। ଏହା ଆହୁରି ଘନୀଭୂତ ହୋଇ




ରବିବାର ପୂର୍ବାହ୍ନରେ ବାତ୍ୟା ସୁଦ୍ଧା ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗରରେ ଭୀଷଣ ବାତ୍ୟାରେ ପରିଣତ ହେବ। ତାହା ଓଡ଼ିଶା ଆଡ଼କୁ ଆସୁଥିଲେ ମଧ ସମୁଦ୍ର ଭିତରେ ରହି ଗତିପଥ ପରିବର୍ତ୍ତନ କରିବ। ପରେ ଉତ୍ତର- ପଶ୍ଚିମ ବଙ୍ଗୋପସାଗର ମଧ୍ୟରେ ଗତି କରି ଧୀରେ ଧୀରେ ଦୁର୍ବଳ ହୋଇଯିବ ବୋଲି ପାଣିପାଗ ବିଭାଗ ଆକଳନ କରିଛି।

ଶନିବାର ରାତି ୧୦ଟାରେ ମିଳିଥିବା ସୂଚନା ଅନୁଯାୟୀ ଗଭୀର ଅବପାତ ବିଶାଖାପାଟଣାଠାରୁ ଦକ୍ଷିଣ-ପୂର୍ବ ଦିଗରେ ୧୧୪୦ କି.ମି. ଏବଂ ପୁରୀଠାରୁ ଦକ୍ଷିଣ- ଦକ୍ଷିଣ- ପୂର୍ବ ଦିଗରେ ୧୧୮୦ କିଲୋମିଟର ଦୂରରେ ରହିଛି। ଏହା ଘଣ୍ଟାପତି ୨୦ କିଲୋମିଟର ବେଗରେ ଗତି କରୁଛି। ଏହା ଗତିପଥ ପରିବର୍ତ୍ତନ କରି ଉତ୍ତର- ଉତ୍ତର- ପୂର୍ବ ଦିଗକୁ ଯିବ ଓ ପୁଣି ଉତ୍ତର- ପଶ୍ଚିମ ମୁହାଁ ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି। ବାତ୍ୟାରେ ପରିଣତ ହେବା ପରେ ଏହାର ବେଗ ୯୦ରୁ ୧୦୦ କିଲୋମିଟର ରହିବ। ☞ପୃଷ୍ଠା-୪

# ବେଡ୍‌ରେ ରୋଗୀ, ତଳେ ମୃତଦେହ

କଟକ ଅଫିସ,୭।୫

ବେଡ୍ ଉପରେ ଚାଲିଛି ରୋଗୀ ଚିକିତ୍ସା, ତଳେ ପଡିଛି ମୃତଦେହ। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି କଟକ ଏସ୍‌ସିବି ମେଡିକାଲ କାଜୁଆଲ୍‌ଟିରେ। ଏହି ଘଟଣା ଲୋକଲୋଚନକୁ ଆସିବା ପରେ ମେଡିକାଲ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ୨୪ ଘଣ୍ଟା ପରେ ମୃତଦେହକୁ ଉଠାଇ ନିଆଯାଇ ଶବଗୃହରେ ରଖାଯାଇଛି।

ଭଦ୍ରକ ଜିଲା ତିହିଡି ଅଞ୍ଚଳର ବିଦ୍ୟାଧର ଜେନା(୬୬) କୌଣସି ରୋଗରେ ଆକ୍ରାନ୍ତ ହୋଇଥିଲେ। ଚିକିତ୍ସା ଲାଗି ତାଙ୍କୁ ସମ୍ପର୍କୀୟମାନେ ଗତ ଶୁକ୍ରବାର ସକାଳ ୭ଟା ୫୦ରେ ଏସ୍‌ସିବି ମେଡିକାଲ ଆଣିଥିଲେ। ତାଙ୍କୁ କାଜୁଆଲ୍‌ଟିରେ ଭର୍ତ୍ତି କରାଯାଇଥିବାବେଳେ କିଛି ସମୟ ପରେ ତାଙ୍କର ମୃତ୍ୟୁ ଘଟିଥିଲା। ପରେ ତାଙ୍କ ସମ୍ପର୍କୀୟମାନେ ମୃତଦେହ ଛାଡ଼ି ଚାଲିଯାଇଥିଲେ। ଏହି ସମୟରେ ଆଉ ଜଣେ ରୋଗୀ ଆସିବାରୁ ବିଦ୍ୟାଧରଙ୍କ ମୃତଦେହ ବେଡ୍ ତଳକୁ ଓହ୍ଲାଇ ଦିଆଯାଇଥିଲା। ଉକ୍ତ ବେଡ୍‌ରେ ଅନ୍ୟ ରୋଗୀଙ୍କ ଚିକିତ୍ସା ଆରମ୍ଭ ହୋଇଥିଲା। ଦୁଃଖର ବିଷୟ ୨୪ ଘଣ୍ଟା ଧରି ମୃତଦେହ ପଡିରହିଥିଲେ ମଧ ଏଥିପ୍ରତି କାହାର ନଜର ନ ଥିଲା। ଡାକ୍ତର ଓ ନର୍ସ ଆସି ରୋଗୀଙ୍କ ଚିକିତ୍ସା କରୁଥିଲେ ମଧ ତଳେ ପଡିଥିବା ମୃତଦେହକୁ ଉଠାଇ ନ ଥିଲେ। ଏ ସମ୍ପର୍କରେ ଜଣାପଡିବା ପରେ ମେଡିକାଲରେ କିଛି ସମୟ ପାଇଁ ଉତ୍ତେଜନା ସୃଷ୍ଟି ହୋଇଥିଲା। ମେଡିକାଲ ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଡାକ୍ତର, ମେଡିକାଲ କର୍ମଚାରୀ ଓ ଅନ୍ୟ ରୋଗୀଙ୍କ ସମ୍ପର୍କୀୟମାନଙ୍କ ସହ ଆଲୋଚନା କରିବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ପରେ ମୃତଦେହକୁ ଉଠାଇ ନିଆଯାଇ ଶବଗୃହରେ ରଖାଯାଇଥିଲା। ଏ ସମ୍ପର୍କରେ ଏସ୍‌ସିବି ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଲୁସି ଦାସ କହିଛନ୍ତି, ଘଟଣା ଜାଣିବା ପରେ ପ୍ରଶାସନିକ ଅଧିକାରୀମାନେ ପଦକ୍ଷେପ ନେଇଛନ୍ତି। ଘଟଣାର ତଦନ୍ତ କରି ରିପୋର୍ଟ ଦେବାକୁ ସେମାନଙ୍କୁ କହିଛି।

**ଏସ୍‌ସିବି ମେଡିକାଲରେ ଦୟନୀୟ ସ୍ଥିତି**





ଧରିତ୍ରୀ
DHARITRI
ରବିବାର, ୮ ମେ, ୨୦୨୨

**ଦିଲ୍ଲୀରେ ଯୁବକଙ୍କୁ ପିଟି ହତ୍ୟା**

ଦକ୍ଷିଣ-ପଶ୍ଚିମ ଦିଲ୍ଲୀର ଉତ୍ତମନଗରରେ ଜଣେ ୨୦ ବର୍ଷୀୟ ଯୁବକଙ୍କୁ ପିଟି ହତ୍ୟା କରାଯାଇଛି। ଏହି ଘଟଣାରେ ବର୍ତ୍ତମାନ ସୁଦ୍ଧା ୯ ଜଣଙ୍କୁ ଗିରଫ କରାଗଲାଣି। ହୋଲି ବିବାଦକୁ କେନ୍ଦ୍ର କରି ଅନ୍ୟ ଏକ କଲୋନିର କେତେଜଣ ଯୁବକ ଗତ ମାସ ୨୪ରେ କ୍ରିଷ୍ଣାଙ୍କୁ ମାଡ଼ ମାରିଥିଲେ। ଗୁରୁତର ଅବସ୍ଥାରେ ସଫଦରଜଙ୍ଗ ହସ୍ପିଟାଲରେ ଚିକିତ୍ସାଧୀନ ଥିବା କ୍ରିଷ୍ଣାଙ୍କର ଗୁରୁବାର ମୃତ୍ୟୁ ଘଟିଥିଲା।



## ସଂକ୍ଷେପରେ

### ବିଲ୍ଡିଂରେ ନିଆଁ: ୭ ମୃତ

**ଇନ୍ଦୋର,୭।୫:** ମଧ୍ୟପ୍ରଦେଶର ଇନ୍ଦୋର ଅନ୍ତର୍ଗତ ସ୍ୱର୍ଣ୍ଣବାଗ ଅଞ୍ଚଳରେ ଥିବା ଏକ ୩ ମହଲା ରେସିଡେନ୍ସିଆଲ ବିଲ୍ଡିଂରେ ଶୁକ୍ରବାର ରାତି ୨ଟାରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ୨ ମହିଳାଙ୍କ ସମେତ ୭ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୫ ଜଣ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରୁ ଅଧିକାଂଶ ଛାତ୍ର। ସେମାନେ ଉକ୍ତ ବିଲ୍ଡିଂରେ ଭଡ଼ାରେ ରହୁଥିଲେ। ନିଆଁ ବିଲ୍ଡିଂରେ ବ୍ୟାପିଯାଇଥିବାବେଳେ ସେମାନେ ଶୋଇପଡ଼ିଥିବାରୁ ବାହାରି ପାରି ନ ଥିଲେ। ଅନ୍ୟ କେତେଜଣ ଜୀବନ ବଞ୍ଚାଇବା ପାଇଁ ତଳକୁ ଡେଇଁ ପଡ଼ିଥିବାବେଳେ ଝରକା ଭାଙ୍ଗି ଅନ୍ୟମାନଙ୍କୁ ଉଦ୍ଧାର କରାଯାଇଥିଲା। ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ ମୃତକଙ୍କ ଲାଗି ଶୋକବ୍ୟକ୍ତ କରିବା ସହ ସେମାନଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। ଅଗ୍ନିକାଣ୍ଡର ତଦନ୍ତ ଲାଗି ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ନିଆଁ ଲାଗିବାବେଳେ ବିଲ୍ଡିଂରେ ୧୨ ଜଣ ଥିଲେ। ତଳ ମହଲା ପାର୍କିଂ ସ୍ଥାନରେ ଥିବା ମୁଖ୍ୟ ବିଦ୍ୟୁତ୍ ମିଟରରେ ଶର୍ଟ-ସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା ପୋଲିସ କହୁଛି। ସେଠାରେ ପାର୍କିଂରେ ଥିବା ଗାଡ଼ିଗୁଡ଼ିକରେ ନିଆଁ ଲାଗିଯିବାରୁ ବିଲ୍ଡିଂରୁ ବାହାରିବା ବାଟ ବନ୍ଦ ହୋଇଯାଇଥିଲା। ଧୂଆଁରେ ଶ୍ୱାସରୁଦ୍ଧ ହୋଇ ଅଧିକାଂଶଙ୍କର ମୃତ୍ୟୁ ଘଟିଥିବା କୁହାଯାଉଛି।

### ବେଲୁଚିସ୍ତାନରେ ଭୂକମ୍ପ: ୮୦ ଘର ଭାଙ୍ଗିଲା

**ଇସ୍‌ଲାମାବାଦ,୭।୫:** ପାକିସ୍ତାନର ବେଲୁଚିସ୍ତାନ ପ୍ରଦେଶ ଅନ୍ତର୍ଗତ ଖୁଜ୍‌ଦର ଜିଲାରେ ୫.୨ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଛି। ଏଥିରେ ୮୦ରୁ ଊର୍ଦ୍ଧ୍ୱ ଘର ଭାଙ୍ଗିଥିବାବେଳେ ଅନ୍ୟ ୨୬୦ଟି ଘରେ ଫାଟ ସୃଷ୍ଟି ହୋଇଛି। ୨୦୦ରୁ ଅଧିକ ପରିବାର ବାସହରା ହୋଇଛନ୍ତି। ଶୁକ୍ରବାର ରାତି ୧୧ଟା ୫୫ ମିନିଟରେ ଭୂକମ୍ପ ଅନୁଭୂତ ହୋଇଥିଲା। ଔରନାଜି ନିକଟରେ ଏହାର କେନ୍ଦ୍ରସ୍ଥଳ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ପ୍ରାୟ ୩୦ ସେକେଣ୍ଡ ଧରି କମ୍ପନ ଅନୁଭୂତ ହେବାରୁ ଲୋକେ ଘରୁ ବାହାରକୁ ପଳାଇଆସିଥିଲେ। ଔରନାଜିର ବ୍ୟାପକ ଅଞ୍ଚଳ କ୍ଷତିଗ୍ରସ୍ତ ହୋଇଛି।

### ଯମୁନା ଏକ୍ସପ୍ରେସ୍‌ୱେରେ କାର୍ ଦୁର୍ଘଟଣା: ୭ ମୃତ

**ଲକ୍ଷ୍ନୌ, ୭।୫:** ଉତ୍ତର ପ୍ରଦେଶ ମଥୁରା ଜିଲା ଅନ୍ତର୍ଗତ ଯମୁନା ଏକ୍ସପ୍ରେସ୍‌ୱେରେ ଶନିବାର ବଡ଼ ଧରଣର ସଡ଼କ ଦୁର୍ଘଟଣାରେ ଜଣେ ଶିଶୁଙ୍କ ସମେତ ୭ ଜଣଙ୍କ ମୃତ୍ୟୁ ହୋଇଛି। ଏକ କାର୍ ଅଜଣା ଗାଡ଼ି ସହିତ ଧକ୍କାହେବା ଫଳରେ ଏହି ଦୁର୍ଘଟଣା ଘଟିଥିବା ପୋଲିସ କହିଛି। ଘଟଣାରେ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ଆହତମାନଙ୍କ ଚିକିତ୍ସା ପାଇଁ ସେମାନଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣାନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକ ବ୍ୟକ୍ତ କରିବା ସହ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।

### ଆଫଗାନ ମହିଳାଙ୍କ ପାଇଁ ବୁର୍ଖା ବାଧ୍ୟତାମୂଳକ

**କଠୋର ନିୟମ ଆଣିଲା ତାଲିବାନ୍**



**କାବୁଲ,୭।୫:** କଠୋରପନ୍ଥୀ ତାଲିବାନ୍ ଆଫଗାନିସ୍ତାନରେ ମହିଳାଙ୍କ ଉପରେ ଗୋଟିଏ ପରେ ଗୋଟିଏ ନୂଆ ନିୟମ ଲାଗୁ କରିବାରେ ଲାଗିଛି। ଛାତ୍ରୀମାନଙ୍କ ପାଇଁ ବିଦ୍ୟାଳୟ ବନ୍ଦ କରିବା ପରେ ଏବେ ମହିଳାଙ୍କୁ ଟାର୍ଗେଟ କରିଛି ତାଲିବାନ୍ ସରକାର। ମହିଳାମାନେ ସର୍ବସାଧାରଣ ସ୍ଥାନରେ ମୁହଁ ଢାଙ୍କିବା ବାଧ୍ୟତାମୂଳକ କରାଯାଇଛି। ଶନିବାର ତାଲିବାନ୍ ନେତା ହିବାତୁଲ୍ଲାହ ଅଖୁନ୍ଦଜାଦା ଏହି ସୂଚନା ଦେଇଛନ୍ତି। ଯଦି କୌଣସି ମହିଳା ଏହି ନିୟମକୁ ଅବମାନନା କରନ୍ତି ତେବେ ମହିଳାଙ୍କ ବାପା କିମ୍ବା ଘନିଷ୍ଠ ପୁରୁଷ ସମ୍ପର୍କୀୟଙ୍କୁ ଜେଲ ଦଣ୍ଡ ଭୋଗିବାକୁ ପଡ଼ିବ। ଏଥିସହ ଯଦି ସେମାନେ ସରକାରୀ ଚାକିରି କରିଥାନ୍ତି ତେବେ ତାଙ୍କୁ ତୁରନ୍ତ ଚାକିରିରୁ ନିଲମ୍ବିତ କରାଯିବ ବୋଲି ସେ କହିଛନ୍ତି। ନୀଳରଙ୍ଗ ତାଲିବାନ୍ ସରକାରଙ୍କ ବୈଶ୍ୱିକ ପ୍ରତୀକ ହୋଇଥିବାବେଳେ ମହିଳାମାନେ ଏହି ରଙ୍ଗର ବୁର୍ଖା ପରିଧାନ କରିବା ପାଇଁ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

## ଷ୍ଟିଲ୍ ପ୍ଲାଣ୍ଟରେ ବିସ୍ଫୋରଣ: ୩ ଆହତ



ଝାଡ଼ଖଣ୍ଡର ଜାମ୍‌ସେଦପୁରସ୍ଥିତ ଟାଟା ଷ୍ଟିଲ୍ କାରଖାନାର ଗ୍ୟାସ୍ ପାଇପ୍ ଲାଇନରେ ବିସ୍ଫୋରଣ ଘଟି ୩ ଜଣ ଠିକା କର୍ମଚାରୀ ଆହତ ହୋଇଛନ୍ତି। ସେମାନଙ୍କୁ ଟାଟା ମୁଖ୍ୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଶନିବାର ପୂର୍ବାହ୍ନ ୧୦ଟା ୨୦ ମିନିଟ ସମୟରେ କମ୍ପାନୀର କୋକ୍ ପ୍ଲାଣ୍ଟରେ ଅଚଳ ହୋଇପଡ଼ିଥିବା ବ୍ୟାଟେରି-୬ ନିକଟ ଗ୍ୟାସ୍ ପାଇପ୍ ଲାଇନରେ ଏହି ବିସ୍ଫୋରଣ ଘଟିଥିଲା। ଫଳରେ କାରଖାନା ଭିତରେ ଭୟର ବାତାବରଣ ସୃଷ୍ଟି ହେବା ସହ କର୍ମଚାରୀମାନେ ଏଣେତେଣେ ଧାଁ ଦଉଡ଼ କରୁଥିବା ଦେଖାଯାଇଥିଲା। ତେବେ ବିସ୍ଫୋରଣ ଯୋଗୁ କାରଖାନା ଉତ୍ପାଦନ ବାଧାପ୍ରାପ୍ତ ହୋଇ ନ ଥିବା କମ୍ପାନୀ ପକ୍ଷରୁ ଟୁଇଟ୍ କରାଯାଇଛି।

## ମୁମ୍ବାଇ ଏଲ୍‌ଆଇସି ଅଫିସରେ ଅଗ୍ନିକାଣ୍ଡ




ମୁମ୍ବାଇର ଭିଲେ ପାର୍ଲେ ଅଞ୍ଚଳରେ ଥିବା ଜୀବନ ବୀମା ନିଗମ (ଏଲ୍‌ଆଇସି) କାର୍ଯ୍ୟାଳୟରେ ଶନିବାର ସକାଳେ ଅଗ୍ନିକାଣ୍ଡ ଘଟି ବହୁ କାଗଜପତ୍ର ପୋଡ଼ିଯାଇଛି। ଏଥିରେ କେହି ମୃତାହତ ହୋଇ ନାହାନ୍ତି। ସାନ୍ତାକ୍ରୁଜ୍(ଡବ୍ଲ୍ୟୁ)ସ୍ଥିତ ଏଲ୍‌ଆଇସିର ଜୀବନ ସେବା ବିଲ୍ଡିଂର ଦ୍ୱିତୀୟ ମହଲାରେ ସକାଳ ୬ଟା ୪୦ ମିନିଟ ସମୟରେ ନିଆଁ ଲାଗିଯାଇଥିଲା। ଅଗ୍ନିଶମ ବାହିନୀ ଦୀର୍ଘ ସମୟର ଉଦ୍ୟମ ପରେ ନିଆଁକୁ ଆୟତ୍ତ କରିଥିଲା। ଏଲ୍‌ଆଇସିର ଡାଟା ସେଣ୍ଟର ସୁରକ୍ଷିତ ରହିଛି ଏବଂ ଆଇଟି ସମ୍ପତ୍ତିର ସୁରକ୍ଷା ପାଇଁ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଥିବା ନିଗମ ପକ୍ଷରୁ କୁହାଯାଇଛି।

# ୫ ବର୍ଷରେ ୧% ମହିଳାଙ୍କୁ ନିଯୁକ୍ତି

**ନୂଆଦିଲ୍ଲୀ,୭।୫**

ଭାରତରେ ମାତ୍ର ୩୨% ବିବାହିତା ମହିଳା ଓ ଝିଅ (୧୫ରୁ ୪୯ ବର୍ଷୀୟା) ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି ପାଇଛନ୍ତି। ସେମାନଙ୍କ ମଧ୍ୟରୁ ୮୩% ରୋଜଗାର କରୁଥିବାବେଳେ ଅବଶିଷ୍ଟ ୧୫ ପ୍ରତିଶତ ଅର୍ଥ ଉପାର୍ଜନ କରନ୍ତି ନାହିଁ। ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ (ଏନ୍‌ଏଫ୍‌ଏଚ୍‌ଏସ୍) ପକ୍ଷରୁ ୨୦୧୯-୨୧ରେ କରାଯାଇଥିବା ପଞ୍ଚମ ପର୍ଯ୍ୟାୟ ସର୍ଭେରୁ ଏହି ଉଦ୍‌ବେଗଜନକ ବିଷୟ ସାମ୍ନାକୁ ଆସିଛି। ପୂର୍ବରୁ ୨୦୧୫-୧୬ରେ କରାଯାଇଥିବା ଏନ୍‌ଏଫ୍‌ଏଚ୍‌ଏସ୍-୪ ସର୍ଭେରେ ମହିଳାଙ୍କ ନିଯୁକ୍ତି ୩୧% ଥିବାବେଳେ ଏବେ ଏଥିରେ ସାମାନ୍ୟ ଉନ୍ନତି ଦେଖିବାକୁ ମିଳିଛି। ସେହିପରି ଅର୍ଥ ଉପାର୍ଜନକାରୀ ମହିଳାଙ୍କ ସଂଖ୍ୟା ମଧ୍ୟ ମାତ୍ର ୩% ବଢ଼ିଛି।

**୧୫ ପ୍ରତିଶତ କର୍ମଜୀବୀଙ୍କୁ ମିଳେନି ମଜୁରି**



ଏନ୍‌ଏଫ୍‌ଏଚ୍‌ଏସ୍‌ର ସଦ୍ୟ ରିପୋର୍ଟ ଅନୁସାରେ ପୁରୁଷଙ୍କ ନିଯୁକ୍ତି କ୍ଷେତ୍ରରେ କୌଣସି ପରିବର୍ତ୍ତନ ଆସିନାହିଁ। ଦେଶରେ ୧୫ରୁ ୪୯ ବୟସ ବର୍ଗର ୯୮% ପୁରୁଷଙ୍କୁ ନିଯୁକ୍ତି ମିଳିଛି। ପୂର୍ବରୁ ସେମାନଙ୍କ ମଧ୍ୟରୁ ୯୧% ଅର୍ଥ ଉପାର୍ଜନ କରୁଥିବାବେଳେ ବର୍ତ୍ତମାନ ଏହା ୯୫%ରେ ପହଞ୍ଚିଛି। କର୍ମଜୀବୀ ମହିଳାଙ୍କ ମଧ୍ୟରୁ ୮୩% ଦରମା କିମ୍ବା ଅନ୍ୟ ପ୍ରକାର ପାରିଶ୍ରମିକ ପାଇଥାଆନ୍ତି। ହେଲେ ୧୫% ମହିଳାଙ୍କୁ ସେମାନଙ୍କ କାର୍ଯ୍ୟ ପାଇଁ ଅର୍ଥ ଦିଆଯାଇ ନ ଥାଏ। ଏପରି କି ମହିଳାମାନଙ୍କ ଜୀବନ ଶୈଳୀରେ ମଧ୍ୟ କୌଣସି ପରିବର୍ତ୍ତନ ଆସିନାହିଁ। ୫ ବର୍ଷ (୨୦୧୫-୧୬ରୁ ୨୦୧୯-୨୧) ମଧ୍ୟରେ ମହିଳାଙ୍କ ନିଯୁକ୍ତିରେ ମାତ୍ର ୧% ବୃଦ୍ଧି ଅତ୍ୟନ୍ତ ନୈରାଶ୍ୟଜନକ ବୋଲି ପପୁଲେଶନ୍ ଫାଉଣ୍ଡେଶନ ଅଫ୍ ଇଣ୍ଡିଆ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ପୁନମ୍ ମୁତ୍ରେଜା କହିଛନ୍ତି। ପୁନମ୍‌ଙ୍କ ମତରେ ଦେଶର ଅନେକ ରାଜ୍ୟରେ ମହିଳାଙ୍କ ପାଇଁ ନିଯୁକ୍ତି ସୁଯୋଗ ସଙ୍କୁଚିତ ହେବାରେ ଲାଗିଛି। ଏନ୍‌ଏଫ୍‌ଏଚ୍‌ଏସ୍-୪ରୁ ଏହା ପ୍ରତିଫଳିତ ହେଉଛି। ତେଣୁ ମହିଳାଙ୍କ ସ୍ୱାଧୀନତା ତଥା ସୁଯୋଗର ବିସ୍ତାର ଲାଗି ସରକାରୀ ସ୍ତରରେ ଅଧିକ ଉଦ୍ୟମ ଓ ପୁଞ୍ଜିନିବେଶର ଆବଶ୍ୟକତା ରହିଥିବା ସେ କହିଛନ୍ତି। ସେଣ୍ଟର ଫର୍ ମନିଟରିଂ ଇଣ୍ଡିଆନ୍ ଇକୋନୋମି (ସିଆଇଏମ୍‌ଇ) ପକ୍ଷରୁ ନିକଟରେ ପ୍ରକାଶିତ ଡାଟା ଅନୁସାରେ ଲକ୍ଷ ଲକ୍ଷ ଭାରତୀୟ ବିଶେଷକରି ମହିଳାମାନେ ବିଗତ ୫ ବର୍ଷରେ ଚାକିରି ଖୋଜିବା ବନ୍ଦ କରିଦେଇଛନ୍ତି। କାରଣ ଦେଶରେ ନୂଆ ନିଯୁକ୍ତି ମିଳୁ ନ ଥିବାରୁ ସେମାନେ ହତାଶ ହୋଇଯାଇଛନ୍ତି। ଗତ ମାର୍ଚ୍ଚରେ ଦେଶରେ ବେକାରି ହାର ୭.୬% ଥିବାବେଳେ ଏପ୍ରିଲରେ ଏଥିରେ ୦.୨୩ ପ୍ରତିଶତ ବୃଦ୍ଧି ଘଟି ୭.୮୩% ଛୁଇଁଥିଲା। ଗ୍ରାମାଞ୍ଚଳରେ ପୂର୍ବ ମାସରେ ଏହି ହାର ୭.୧୮% ଥିବାବେଳେ ଏପ୍ରିଲରେ ୭.୨୯% ଥିବା ସିଆଇଏମ୍‌ଇ ଦର୍ଶାଇଛି।

### ଦ୍ୱିତୀୟ ଥର ଫ୍ରାନ୍ସ ରାଷ୍ଟ୍ରପତି ଭାବେ ଶପଥ ନେଲେ ମାକ୍ରଁ



**ପ୍ୟାରିସ,୭।୫**

ଏମାନୁଏଲ୍ ମାକ୍ରଁ ଶନିବାର ଦ୍ୱିତୀୟ ଥର ପାଇଁ ଫ୍ରାନ୍ସ ରାଷ୍ଟ୍ରପତି ଭାବେ ଶପଥ ଗ୍ରହଣ କରିଛନ୍ତି। ୟୁକ୍ରେନ୍‌ରେ ରୁଷିଆର ଆକ୍ରମଣକୁ ଅଧିକ ବଢ଼ିବାକୁ ନ ଦେବା ଦିଗରେ ସେ ପଦକ୍ଷେପ ନେବେ ବୋଲି ପ୍ରଥମ ଶପଥ ନେବା ସହ ଫ୍ରାନ୍ସ ଓ ୟୁରୋପର ବିକାଶ ଉପରେ ଧ୍ୟାନ ଦେବେ ବୋଲି କହିଛନ୍ତି। ଗତ ଏପ୍ରିଲ ୪ରେ ମାକ୍ରଁ ଆଉ ୫ ବର୍ଷ ପାଇଁ ରାଷ୍ଟ୍ରପତି ନିର୍ବାଚିତ ହୋଇଥିଲେ। ସେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ମାରିନ୍ ଲେ ପେନ୍‌ଙ୍କୁ ପରାସ୍ତ କରିଥିଲେ। ଶାସନ କ୍ଷେତ୍ରରେ ସେ ସ୍ୱଚ୍ଛ ପଦ୍ଧତି ଆପଣାଇବା ସହ ସାମାଜିକ ଉତ୍ତେଜନା ହ୍ରାସ ଲାଗି ତାଙ୍କ ସରକାର ଏବଂ ପାର୍ଲାମେଣ୍ଟ ବିଭିନ୍ନ ୟୁନିୟନ, ସଂଗଠନ ଓ ରାଜନୀତି, ଅର୍ଥନୀତି, ସାମାଜିକ ତଥା ସାଂସ୍କୃତିକ ଜଗତ ସହ ଜଡ଼ିତ ଲୋକମାନଙ୍କ ସହିତ ଏକାଠି କାର୍ଯ୍ୟ କରିବ ବୋଲି କହିଛନ୍ତି।

## ବଗ୍‌ଗାଙ୍କ ନାଁରେ ସାନି ଗିରଫ ୱାରେଣ୍ଟ

**ମୋହାଲି,୭।୫**

ପଞ୍ଜାବର ମୋହାଲିସ୍ଥିତ ଏକ କୋର୍ଟ ଶନିବାର ଦିଲ୍ଲୀର ଭାଜପା ନେତା ତେଜିନ୍ଦର ପାଲ୍ ସିଂ ବଗ୍‌ଗାଙ୍କ ବିରୋଧରେ ସାନି ଗିରଫଦାରି ୱାରେଣ୍ଟ ଜାରି କରିଛନ୍ତି। ଦୁଇ ସମ୍ପ୍ରଦାୟ ମଧ୍ୟରେ ଶତ୍ରୁତା ସୃଷ୍ଟି, ହିଂସା ଉସୁକାଇବା ପାଇଁ ଉତ୍ତେଜକ ଭାଷଣ ଓ ଆପରାଧିକ ଧମକ ଦେବା ଭଳି ସଙ୍ଗିନ ଅଭିଯୋଗରେ ବଗ୍‌ଗାଙ୍କୁ ଗିରଫ କରି ହାଜର ପାଇଁ କୋର୍ଟ ପଞ୍ଜାବ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ବଗ୍‌ଗାଙ୍କୁ ପଞ୍ଜାବ ପୋଲିସ ଶୁକ୍ରବାର ଗିରଫ କରି ନେଉଥିବାବେଳେ ତାଙ୍କ ବାପା ଅପହରଣ ଅଭିଯୋଗ ଆଣି ଏତଲା ଦେବାରୁ କୁରୁକ୍ଷେତ୍ରରେ ହରିୟାଣା ପୋଲିସ ଅଟକାଇଥିଲା। ସେଠାରୁ ଦିଲ୍ଲୀ ପୋଲିସ ଉଦ୍ଧାର କରି ଜାତୀୟ ରାଜଧାନୀକୁ ନେଇ ଛାଡ଼ି ଦେଇଥିଲା। ଏହି ହାଇଡ୍ରାମାର ଦିନକ ପରେ ସାଇବର ଅପରାଧ ମାମଲାରେ ଜୁଡିସିଆଲ ମାଜିଷ୍ଟ୍ରେଟ୍ ରଭତେଶ ଇନ୍ଦ୍ରଜିତ୍ ସିଂ ନୂଆ ଗିରଫ ୱାରେଣ୍ଟ ଜାରି କରିଛନ୍ତି। ମେ’ ୨୩ରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ।




## ହାଜତ ମୃତ୍ୟୁ: ୬ ପୋଲିସ ଗିରଫ

**ଚେନ୍ନାଇ,୭।୫**

ଚେନ୍ନାଇରେ ପୋଲିସ ହାଜତରେ ଜଣେ ୨୫ ବର୍ଷୀୟ ଯୁବକଙ୍କ ମୃତ୍ୟୁ ଘଟଣାକୁ ନେଇ ଶନିବାର ତାମିଲନାଡୁର ୬ ପୋଲିସ କର୍ମଚାରୀଙ୍କୁ ଗିରଫ କରାଯାଇଛି। ପୂର୍ବରୁ ସେମାନଙ୍କ ବିରୋଧରେ ସନ୍ଦେହଜନକ ହତ୍ୟା ମାମଲା ରୁଜୁ ହୋଇଥିବାବେଳେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଏହାକୁ ହତ୍ୟା ମାମଲାରେ ପରିବର୍ତ୍ତନ କରାଯାଇଛି। ଏଥିସହିତ ସେମାନଙ୍କ ବିରୋଧରେ ଅନୁସୂଚିତ ଜାତି ଓ ଜନଜାତି (ଅତ୍ୟାଚାର ପ୍ରତିକାର) ଆଇନରେ ମାମଲା ରୁଜୁ ହୋଇଛି। ବିଗ୍ନେଶଙ୍କ ଦେହରେ ୧୩ଟି କ୍ଷତଚିହ୍ନ ଥିବା ଶବ ବ୍ୟବଚ୍ଛେଦ ରିପୋର୍ଟରୁ ଜଣାପଡ଼ିଥିଲା। ଗଞ୍ଜେଇ ନେଉଥିବା ଏବଂ ପୋଲିସକୁ ଆକ୍ରମଣ ଉଦ୍ୟମ କରିବା ଅଭିଯୋଗରେ ବିଗ୍ନେଶଙ୍କୁ ଗିରଫ କରାଯିବା ପରଦିନ ହାଜତରେ ତାଙ୍କ ମୃତଦେହ ମିଳିଥିଲା। ଘଟଣାର ସିବିଆଇ ତଦନ୍ତ ଦାବିରେ ତାମିଲନାଡୁ ବିଧାନସଭାରେ ବିରୋଧୀ ଦଳ କକ୍ଷତ୍ୟାଗ କରିଥିଲେ।

## କ୍ୟୁବା ହୋଟେଲରେ ବିସ୍ଫୋରଣ: ୨୫ ମୃତ

**ହାଭାନା,୭।୫**

କ୍ୟୁବା ରାଜଧାନୀ ହାଭାନା ସହରରେ ଥିବା ଏକ ବିଳାସପୂର୍ଣ୍ଣ ହୋଟେଲରେ ଶୁକ୍ରବାର ରାତିରେ ବିସ୍ଫୋରଣ ଘଟି ୨୫ ଜଣଙ୍କ ମୃତ୍ୟୁ ହେବା ସହ ଅନେକେ ଆହତ ହୋଇଛନ୍ତି। କେତେଜଣ ଏବେ ବି ନିଖୋଜ ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ଭଗ୍ନାବଶେଷ ମଧ୍ୟରୁ ମୃତଦେହ ଖୋଜା ଜାରି ରହିଛି। ୯୬ ପ୍ରକୋଷ୍ଠ ବିଶିଷ୍ଟ ହୋଟେଲ ସାରାଟୋଗାରେ ପ୍ରାକୃତିକ ଗ୍ୟାସ୍ ଲିକ୍‌ରୁ ବିସ୍ଫୋରଣ ଘଟିଥିବା କୁହାଯାଉଛି। ଉନବିଂଶ ଶତାବ୍ଦୀର ଏହି ବିଲ୍ଡିଂର ନବୀକରଣ କାର୍ଯ୍ୟ ଚାଲିଥିବାରୁ ସେଠାରେ କୌଣସି ଅତିଥି କିମ୍ବା ପର୍ଯ୍ୟଟକ ନ ଥିଲେ। ମଙ୍ଗଳବାର ଉକ୍ତ ହୋଟେଲ ପୁନଃଉଦ୍‌ଘାଟନ ହେବାର ଥିଲା। ବିସ୍ଫୋରଣ ପରେ କେତେଜଣ ନିଖୋଜ ଥିବାରୁ ସେମାନଙ୍କ ପ୍ରତୀକ୍ଷାରେ ସମ୍ପର୍କୀୟମାନେ ଗତ ରାତିରୁ ସେଠାରୁ ପଡ଼ିରହିଛନ୍ତି। ଏହା ବ୍ୟତୀତ ଆହତମାନେ ଭର୍ତ୍ତି ହୋଇଥିବା ହସ୍ପିଟାଲ ବାହାରେ ମଧ୍ୟ ଆତ୍ମୀୟସ୍ୱଜନଙ୍କ ଭିଡ଼ ଲାଗିଥିବା ଦେଖିବାକୁ ମିଳିଛି।



ଯୁଦ୍ଧ ପ୍ରଭାବିତ ୟୁକ୍ରେନରୁ ପ୍ରାୟ ୯ ଲକ୍ଷ ନାଗରିକ ପଳାୟନ କରି ରୋମାନିଆରେ ଆଶ୍ରୟ ନେଇଛନ୍ତି। ଆମେରିକାର ଫାଷ୍ଟ ଲେଡି ଜିଲ୍ ବାଇଡେନ୍ ଶନିବାର ବୁଚାରେଷ୍ଟର ଏକ ସରକାରୀ ସ୍କୁଲ୍‌ରେ ଶିଶୁ ଓ ମହିଳା ଶରଣାର୍ଥୀଙ୍କୁ ଭେଟି ସେମାନଙ୍କ ଦୁର୍ଦ୍ଦଶାର କାହାଣୀ ଶୁଣୁଛନ୍ତି।

### ସାଓମି ଅଧିକାରୀଙ୍କୁ ଇଡିର ମାଡ଼ ଧମକ ଅଭିଯୋଗ

**ନୂଆଦିଲ୍ଲୀ, ୭।୫**

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଅଧିକାରୀମାନେ ଚାଇନା ସ୍ମାର୍ଟ ଫୋନ୍ ନିର୍ମାତା ସାଓମି କମ୍ପାନୀର କାର୍ଯ୍ୟନିର୍ବାହୀଙ୍କୁ ଜେରା ବେଳେ ମାଡ଼ ଧମକ ଦେଇଥିବା ଅଭିଯୋଗ ହୋଇଛି। ଆବଶ୍ୟକ ତଥ୍ୟ ନ ଦେଲେ ପରିଣାମ ଭୟାବହ ହେବ ବୋଲି ଇଡି ଅଧିକାରୀମାନେ ସାଓମି କମ୍ପାନୀର ଭାରତ ପାଇଁ ଥିବା ପୂର୍ବତନ ପରିଚାଳନା ନିର୍ଦ୍ଦେଶକ ମନୁ କୁମାର ଜୈନ, ବର୍ତ୍ତମାନର ସିଏଫ୍‌ଓ ସମୀର ବି.ଏସ୍. ରାଓ ଏବଂ ତାଙ୍କ ପରିବାର ସଦସ୍ୟଙ୍କୁ ଧମକ ଦେଇଥିଲେ। ସୂଚନାଯୋଗ୍ୟ, ବିଦେଶୀ ବିନିମୟ ପରିଚାଳନା ଆଇନ (ଫେମା) ଉଲ୍ଲଂଘନ ଅଭିଯୋଗରେ ଗତ ଫେବୃୟାରୀରୁ ସାଓମି ତଦନ୍ତର ସମ୍ମୁଖୀନ ହୋଇଛି। ଗତ ସପ୍ତାହରେ ଇଡି ସାଓମି ଇଣ୍ଡିଆର ୭୨୫ ନିୟୁତ ଡଲାର (୫୫୦୦ କୋଟି ଟଙ୍କା) ମୂଲ୍ୟର ସମ୍ପତ୍ତି ଜବତ କରିଥିଲା। ତେବେ ରୟାଲ୍‌ଟି ପୈଠରେ କୌଣସି ଭୁଲ୍ କରି ନ ଥିବା ସାଇମି ପକ୍ଷରୁ କୁହାଯାଇଛି। ଗତ ଗୁରୁବାର ଅଦାଲତ ସାଓମି ଓକିଲଙ୍କ ଯୁକ୍ତି ଶୁଣିବା ପରେ ଭାରତୀୟ ସଂସ୍ଥା ଏହାର ବ୍ୟାଙ୍କ ଆକାଉଣ୍ଟ ଅଚଳ କରିବା ନିଷ୍ପତ୍ତିକୁ ସ୍ଥଗିତ ରଖିଥିଲେ। ମାମଲାର ପରବର୍ତ୍ତୀ ଶୁଣାଣି ୧୨ ତାରିଖରେ ହେବ।

# ମସ୍କଙ୍କ ଟୁଇଟର ଡିଲ୍‌କୁ ଆଇନଗତ ବାଧା

**ସାନ୍ ଫ୍ରାନ୍ସିସ୍କୋ, ୭।୫(ଆଇଏଏନ୍‌ଏସ୍)**

ଟେସ୍‌ଲା ମାଲିକ ଏଲନ୍ ମସ୍କ ଟୁଇଟର କିଣିବା ପାଇଁ କରିଥିବା ଡିଲ୍ ଆମେରିକାରେ ପ୍ରଥମ ଆଇନଗତ ପ୍ରତିବନ୍ଧକର ସମ୍ମୁଖୀନ ହୋଇଛି। ମସ୍କ ଓ ତାଙ୍କର ୪୪ ବିଲିଅନ ଡଲାର ଟୁଇଟର କିଣା ଡିଲ୍ ଉପରେ ଓର୍ଲାଣ୍ଡୋ ପୋଲିସ ପେନ୍‌ସନ ଫଣ୍ଡ ପକ୍ଷରୁ ମାମଲା ଦାଏର ହୋଇଛି। ଉକ୍ତ ମାଇକ୍ରୋ-ବ୍ଲଗିଂ ପ୍ଲାଟ୍‌ଫର୍ମରେ ଟେସ୍‌ଲା ସିଇଓଙ୍କର ଅଂଶଧନ ରହିଥିବାରୁ ୨୦୨୫ ପର୍ଯ୍ୟନ୍ତ ଡିଲ୍ ସମ୍ପୂର୍ଣ୍ଣ ହୋଇପାରିବ ନାହିଁ ବୋଲି ଏଥିରେ କୁହାଯାଇଛି। ଡେଲାୱେର ଚାନ୍‌ସେରି କୋର୍ଟରେ ଦାଏର ମାମଲା ଅନୁଯାୟୀ ଟୁଇଟର ବୋର୍ଡ ଦ୍ୱାରା ମିଶ୍ରଣ ରାଜିନାମା ଅନୁମୋଦିତ ହେବା ପୂର୍ବରୁ ମସ୍କ ଏହାର ଜଣେ ଅଂଶୀଦାର ଥିଲେ। ତେଣୁ ପ୍ରସ୍ତାବିତ ଅଧିଗ୍ରହଣ ଆଇନଗତ ଭାବେ ୨୦୨୫ ପୂର୍ବରୁ ଶେଷ ହୋଇପାରିବ ନାହିଁ। କାରଣ ଟୁଇଟର ଭୋଟିଂ ଷ୍ଟକ୍‌ର ୬୬ ପ୍ରତିଶତରୁ ଊର୍ଦ୍ଧ୍ୱ ଭୋଟ ମସ୍କ ହାସଲ କରିପାରି ନାହାନ୍ତି। ଉକ୍ତ ଲ’ ଶୁଟ୍‌ରେ ଟୁଇଟରର ପୂର୍ବତନ ସିଇଓ ଜାକ୍ ଡୋର୍ସି, ବର୍ତ୍ତମାନର ସିଇଓ ପରାଗ ଅଗ୍ରୱାଲ ଏବଂ କମ୍ପାନୀ ବୋର୍ଡକୁ ପକ୍ଷଭୁକ୍ତ କରାଯାଇଛି। ଆଇନର ଧାରା ୨୦୩ ଅନୁଯାୟୀ କମ୍ପାନୀର ୧୫ ପ୍ରତିଶତରୁ ଊର୍ଦ୍ଧ୍ୱ ଅଂଶୀଦାର ଥିବା ବ୍ୟକ୍ତି ଅବଶିଷ୍ଟ ଶେୟାରର ଦୁଇ-ତୃତୀୟାଂଶ ଅନୁମୋଦନ ବିନା ମିଶ୍ରଣ ପ୍ରକ୍ରିୟାରେ ପ୍ରବେଶ କରିପାରିବେ ନାହିଁ। ଗତ ଜାନୁୟାରୀରେ ମସ୍କ ଟୁଇଟର ଶେୟାର କିଣିବା ଆରମ୍ଭ କରିଥିଲେ। ତାଙ୍କର ଟୁଇଟର କିଣିବା ପ୍ରସ୍ତାବକୁ ବୋର୍ଡ ଅନୁମୋଦନ କରିବା ସମୟରେ ସେ ଏହାର ୯.୬ ପ୍ରତିଶତ ବଳକା ଭୋଟିଂ ଷ୍ଟକ୍ ହାସଲ କରିଥିଲେ। ତେଣୁ ଧାରା ୨୦୩ ଅନୁଯାୟୀ ମସ୍କଙ୍କୁ ଟୁଇଟର ଅଧିଗ୍ରହଣ କରିବାକୁ ହେଲେ ଏହାର ଅନ୍ୟ ଦୁଇଜଣ ପ୍ରମୁଖ ଲାଭ ହାସଲକାରୀ ଅଂଶୀଦାରଙ୍କ ସହ ଚୁକ୍ତିନାମା କିମ୍ବା ବୁଝାମଣା କରିବାକୁ ହେବ ବୋଲି ଲ’ ଶୁଟ୍‌ରେ କୁହାଯାଇଛି। ସେମାନେ ହେଲେ ମୋର୍ଗାନ ଷ୍ଟାନ୍‌ଲି ଏବଂ ଟୁଇଟରର ସହପ୍ରତିଷ୍ଠାତା ଡୋର୍ସି। ଟୁଇଟରରେ ମୋର୍ଗାନ ଷ୍ଟାନ୍‌ଲିର ୮.୮ ପ୍ରତିଶତ ଅଂଶଧନ ରହିଛି ଏବଂ ଏହା ମସ୍କଙ୍କ ଆର୍ଥିକ ପରାମର୍ଶଦାତା ଭାବେ କାର୍ଯ୍ୟ କରୁଛି। ସେହିପରି ଟୁଇଟର ଭୋଟିଂ ଷ୍ଟକ୍‌ରେ ଡୋର୍ସିଙ୍କର ୨.୪ ପ୍ରତିଶତ ରହିଛି।



**୨୦୨୫ ପୂର୍ବରୁ ସମ୍ପୂର୍ଣ୍ଣ ହୋଇ ନ ପାରେ**

### ଅଜଣା ରୋଗରେ ୧୦୯ ଶିଶୁ ଆକ୍ରାନ୍ତ

**ୱାଶିଂଟନ, ୭।୫**

ଆମେରିକାରେ ଶିଶୁଙ୍କୁ ଅଜଣା ଯକୃତ ରୋଗ ଚିନ୍ତା ବଢ଼ାଇଦେଇଛି। ଅଦ୍ୟାବଧି ୧୦୯ ଶିଶୁ ଏହି ରୋଗରେ ଆକ୍ରାନ୍ତ ହେଲେଣି। ଏଥିରୁ ୯୦% ଶିଶୁଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ୧୪%ଙ୍କ କ୍ଷେତ୍ରରେ ଯକୃତ ପ୍ରତିରୋପଣ ସ୍ଥିତି ଉପୁଜିଥିବା ସେଣ୍ଟର ଫର୍ ଡିଜିଜ୍ କଣ୍ଟ୍ରୋଲ ଆଣ୍ଡ ପ୍ରିଭେନ୍ସନ (ସିଡିସି) ପକ୍ଷରୁ ସୂଚନା ଦିଆଯାଇଛି। ଅଜଣା ରୋଗ ସଂକ୍ରାନ୍ତରେ ପରୀକ୍ଷା ନିରୀକ୍ଷା ଆରମ୍ଭ ହୋଇଥିବା ସିଡିସି ଉପନିର୍ଦ୍ଦେଶକ ଜୟ ବଟଲର କହିଛନ୍ତି। ଅଧିକାଂଶ ସଂକ୍ରମିତ ଶିଶୁ ଆଡେନୋଭାଇରସ ୪୧ ଦ୍ୱାରା ଆକ୍ରାନ୍ତ ଥିବାବେଳେ ଏବେ ସୁଦ୍ଧା ମୋଟ ୫ ଜଣ ଶିଶୁଙ୍କ ମୃତ୍ୟୁ ହୋଇଛି।

## କରୋନା ସଂକ୍ରମଣ ସ୍ଥିତି

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୧,୬୭,୭୮,୪୧୬ | ୬୨,୭୫,୨୮୫ | ୪୭,୧୪,୧୮,୧୪୪ |
| ଭାରତ | ୪,୩୦,୯୮,୭୪୩ | ୫,୨୪,୦୨୪ | ୪,୨୫,୫୪,୪୧୬ |
| ଓଡ଼ିଶା | ୧୨,୮୮,୧୩୧ | ୯୧୨୬(+୫୩) | ୧୨,୭୮,୮୬୩ |

ଶନିବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର




# ବିଶ୍ୱ ଦକ୍ଷତା ପ୍ରତିଯୋଗିତା | ସ୍ୱର୍ଣ୍ଣ ଜିତିଲେ ମିଳିବ ୧ କୋଟି

## ଉତ୍କର୍ଷକୁ ଅଭ୍ୟାସରେ ପରିଣତ କରିଛନ୍ତି ଓଡ଼ିଶା ପିଲା: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୭।୫(ବ୍ୟୁରୋ)**

ବିଜୟ ଏକ ଅଭ୍ୟାସ। ବିଜୟରୁ ମିଳେ ଉତ୍କର୍ଷତା। ଓଡ଼ିଶାର ପିଲାମାନେ ଉତ୍କର୍ଷକୁ ଏକ ଅଭ୍ୟାସରେ ପରିଣତ କରିଛନ୍ତି। ଜାତୀୟ ଓ ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ବିଜୟ ଲାଭ କରି ରାଜ୍ୟ ପାଇଁ ଓଡ଼ିଆ ପିଲା ଗୌରବ ଆଣୁଛନ୍ତି। ଶନିବାର ଲୋକସେବା ଭବନଠାରେ ବିଜେତା ସମ୍ବର୍ଦ୍ଧନା ଉତ୍ସବ ଆୟୋଜିତ ହୋଇଥିଲା। ଏଥିରେ ଭାରତ ଦକ୍ଷତା ପ୍ରତିଯୋଗିତାରେ ବିଜୟ ଲାଭ କରିଥିବା ଓଡ଼ିଶାର ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରିବା ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା କହିଛନ୍ତି। ଏହି ଅବସରରେ ୨୦୨୨ ଜାନୁୟାରୀରେ ନୂଆଦିଲ୍ଲୀଠାରେ ଅନୁଷ୍ଠିତ ଭାରତ ଦକ୍ଷତା ପ୍ରତିଯୋଗିତାରେ ୫୯ଟି ମେଡାଲ ଜିତିଥିବା ଓଡ଼ିଶା ପ୍ରତିଭାଙ୍କୁ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଦକ୍ଷତା ପୁରସ୍କାର ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ଏହାସହ ୨୦୨୨ ଅକ୍ଟୋବରରେ ହେବାକୁ ଥିବା ବିଶ୍ୱ ଦକ୍ଷତା ପ୍ରତିଯୋଗିତା ପାଇଁ ଶୁଭେଚ୍ଛା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ସାଂଘାଇରେ ହେବାକୁ ଥିବା ବିଶ୍ୱ ଦକ୍ଷତା ପ୍ରତିଯୋଗିତାରେ ବିଜେତାଙ୍କ ପାଇଁ ପୁରସ୍କାର ରାଶି ଘୋଷଣା କରିଛନ୍ତି। ପ୍ରତିଯୋଗୀ ସ୍ୱର୍ଣ୍ଣ ପଦକ ଜିତିଲେ ୧ କୋଟି, ରୌପ୍ୟ ଜିତିଲେ ୫୦ଲକ୍ଷ ଏବଂ ବ୍ରୋଞ୍ଜ ଜିତିଲେ ୨୫ଲକ୍ଷ ଟଙ୍କା ପୁରସ୍କାର ପ୍ରଦାନ କରାଯିବ। ସ୍ୱର୍ଣ୍ଣ ବିଜେତାଙ୍କୁ ପ୍ରସ୍ତୁତ କରିଥିବା ସଂସ୍ଥାକୁ ୫କୋଟି ଟଙ୍କା ଦିଆଯିବ। ଆସନ୍ତା ବିଶ୍ୱ ଦକ୍ଷତା ପ୍ରତିଯୋଗିତାରେ ୨-୩-୪ ଲକ୍ଷ୍ୟ ନେଇ ପ୍ରସ୍ତୁତି ହେବା ଆବଶ୍ୟକ। ଓଡ଼ିଶାର ଯୁବଗୋଷ୍ଠୀ ଦେଶ ପାଇଁ ୨ଟି ସ୍ୱର୍ଣ୍ଣ ପଦକ, ୩ଟି ରୌପ୍ୟ ପଦକ ଓ ୪ଟି ବ୍ରୋଞ୍ଜ ପଦକ ବିଜୟୀ ହେବା ନେଇ ପ୍ରସ୍ତୁତ ହେବାକୁ ପରାମର୍ଶ ଦିଆଯାଇଛି। ମନରେ ସାଂଘାଇ, ହୃଦୟରେ ଭାରତ ଭାବି ଆଗକୁ ବଢ଼ିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଭାରତ ଦକ୍ଷତା ପ୍ରତିଯୋଗିତାରେ ଓଡ଼ିଶା ୫୯ଟି ପଦକ ଜିତି ପ୍ରଥମ ସ୍ଥାନ ଅଧିକାର କରିଛି। ମୁଖ୍ୟମନ୍ତ୍ରୀ ଏଥିପାଇଁ ବିଜେତାଙ୍କ ମାତାପିତା, କୋଚ, ଅନୁଷ୍ଠାନ ଓ ଶିଳ୍ପ ଅଂଶୀଦାରଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଆମର ଝିଅ,ପୁଅଙ୍କ ନିକଟରେ ବହୁବିଧ ଦକ୍ଷତା ରହିଛି। ପଦକଗୁଡ଼ିକ ପାରମ୍ପରିକ ଦକ୍ଷତାରୁ ଉତ୍କର୍ଷ ବୈଷୟିକ ଦକ୍ଷତା ମଧ୍ୟରୁ ଆସିଛି। ଝିଅମାନଙ୍କୁ ବୈଷୟିକ ଶିକ୍ଷା ପ୍ରଦାନ କରିବା ନେଇ ଆମେ ପ୍ରତିଶ୍ରୁତିବଦ୍ଧ। ଏହାଦ୍ୱାରା ପାରମ୍ପରିକ ପୁରୁଷ ପ୍ରଭାବିତ କ୍ଷେତ୍ରରେ ଝିଅମାନେ ଦେଶରେ ରାଜ୍ୟକୁ ଗର୍ବିତ କରି ପାରିଛନ୍ତି। ଓଡ଼ିଆ ଯୁବଗୋଷ୍ଠୀଙ୍କୁ ଦକ୍ଷ କରିବା ପାଇଁ ଭୁବନେଶ୍ୱରଠାରେ ଥିବା ବିଶ୍ୱ ଦକ୍ଷତା କେନ୍ଦ୍ର ସହିତ ସିଙ୍ଗାପୁରସ୍ଥିତ ଆଇଟିଇଇଏସ୍ ନଲେଜ ପାର୍ଟନର ଭାବେ କାର୍ଯ୍ୟ କରୁଛି। ଏହା ସରକାରଙ୍କର ଯୁବଗୋଷ୍ଠୀଙ୍କ ପ୍ରତି ପ୍ରତିବଦ୍ଧତା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ଦକ୍ଷତା ବିକାଶ କର୍ତ୍ତୃପକ୍ଷ ଅଧ୍ୟକ୍ଷ ସୁବ୍ରତ ବାଗ୍‌ଚୀ କହିଛନ୍ତି ଯେ ଭାରତ ଦକ୍ଷତା ପ୍ରତିଯୋଗିତାରେ ସମସ୍ତ ବିଜୟୀ ତୃଣମୂଳ ସ୍ତରରୁ ଆସିଛନ୍ତି। ସମଗ୍ର ରାଜ୍ୟ ପାଇଁ ସେମାନେ ଏକ ସମ୍ଭାବନା। ମୁଖ୍ୟମନ୍ତ୍ରୀ ହକି ପାଇଁ ଯାହାକିଛି କରିଛନ୍ତି ଦକ୍ଷତା ହାସଲ ପାଇଁ ମଧ୍ୟ ତାହା କରୁଛନ୍ତି। ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ପ୍ରେମାନନ୍ଦ ନାୟକ କହିଛନ୍ତି ଯେ ବିଜେତାମାନେ ହେଉଛନ୍ତି ରାଜ୍ୟର ଦକ୍ଷତା ତାରକା। ବିଭାଗ ସେମାନଙ୍କ ସ୍ୱପ୍ନ ସାକାର କରିବା ଦିଗରେ କାର୍ଯ୍ୟ କରିବ। ଏହି ଅବସରରେ ବିଭାଗୀୟ ସଚିବ ହେମନ୍ତ ଶର୍ମା ସ୍ୱାଗତ ଭାଷଣ ଦେଇଥିବା ବେଳେ ଓଡ଼ିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷ ସିଇଓ ଜି. ରେଘୁ ଧନ୍ୟବାଦ ଜଣାଇଥିଲେ।


ଭାରତ ଦକ୍ଷତା ପ୍ରତିଯୋଗିତାରେ ଓଡ଼ିଶାର ବିଜୟୀ ପ୍ରତିଭାଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଭୁବନେଶ୍ୱର ଲୋକସେବା ଭବନରେ ବିଜୁ ପଟ୍ଟନାୟକ ଦକ୍ଷତା ପୁରସ୍କାରରେ ସମ୍ବର୍ଦ୍ଧିତ କରୁଛନ୍ତି।

- **ରୌପ୍ୟ ପାଇଁ ୫୦ ଲକ୍ଷ**
- **ବ୍ରୋଞ୍ଜ ନିମନ୍ତେ ୨୫ ଲକ୍ଷ**
- **ଭାରତ ଦକ୍ଷତା ବିଜେତାଙ୍କୁ ବିଜୁ ପଟ୍ଟନାୟକ ଦକ୍ଷତା ପୁରସ୍କାର**

# ସରିଲା ମାଟ୍ରିକ ପରୀକ୍ଷା

**କପି କରି ଧରାପଡ଼ିଲେ ୧୫୬ ଛାତ୍ରୀଛାତ୍ର**

## ଉତ୍ତର ପତ୍ର ଆସିବା ପରେ ଅନୁପସ୍ଥିତ ପିଲାଙ୍କ ସଂଖ୍ୟା କହିପାରିବୁ: ବୋର୍ଡ ସଭାପତି

**କଟକ ଅଫିସ, ୭।୫**

ଚଳିତ ବର୍ଷର ମାଟ୍ରିକ ସମେଟିଭ-୨ ପରୀକ୍ଷା ଶନିବାର ଶେଷ ହୋଇଛି। ଶେଷଦିନରେ ସାମାଜିକ ବିଜ୍ଞାନ ପରୀକ୍ଷା ଥିବାବେଳେ ଏଥିରେ କପି କରି ୪୩ ଜଣ ପରୀକ୍ଷାର୍ଥୀ ଧରାପଡ଼ିଛନ୍ତି। ଗତ ୨୯ ତାରିଖରୁ ଆରମ୍ଭ ହୋଇଥିବା ଏହି ପରୀକ୍ଷାରେ ମୋଟ୍ ୧୫୬ ଜଣ କପି କରି ଧରାପଡ଼ିଛନ୍ତି। ଆସନ୍ତା ୧୦ ତାରିଖରେ ମଧ୍ୟମା ଓ ମୁକ୍ତ ବିଦ୍ୟାଳୟ ପରୀକ୍ଷା ଶେଷ ହେବ। ବର୍ତ୍ତମାନ ପର୍ଯ୍ୟନ୍ତ ଶାନ୍ତିଶୃଙ୍ଖଳାର ସହ ପରୀକ୍ଷା ସରିଥିବାବେଳେ ଖାତାଦେଖା ଆସନ୍ତା ୨୦ କିମ୍ବା ୨୧ ତାରିଖରୁ ଆରମ୍ଭ ହେବ ବୋଲି ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ସଭାପତି ରାମାଶିଷ ହାଜରା ସୂଚନା ଦେଇଛନ୍ତି।

ମାଟ୍ରିକ ପରୀକ୍ଷାରେ ପ୍ରାୟ ୪୬ ହଜାର ଛାତ୍ରୀଛାତ୍ର ଅନୁପସ୍ଥିତ ରହିଥିବା ନେଇ ଚର୍ଚ୍ଚା ହେଉଛି । ପ୍ରକୃତରେ କେତେ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି ସେ ନେଇ ବୋର୍ଡ ପାଖରେ ତଥ୍ୟ ନାହିଁ ବୋଲି ହାଜରା କହିଛନ୍ତି। ଏଥିସହ ସେ କହିଛନ୍ତି, ପରୀକ୍ଷା ପରିଚାଳନା ଆମ କାମ, ପିଲା ଫର୍ମ ପୂରଣ କଲେ ଆମେ ପରୀକ୍ଷା କରେଇବୁ। ପ୍ରକୃତରେ ସେ ଠିକ୍ ପିଲା କି ନୁହେଁ ତାହା ଯାଞ୍ଚ କରିବା ପାଇଁ ଆମର କୌଣସି ବ୍ୟବସ୍ଥା ନାହିଁ। ଯେଉଁମାନେ ଫର୍ମ ପୂରଣ କରିଥିଲେ ଆମେ ତାଙ୍କ ପାଇଁ ଆଡ୍‌ମିଟ କାର୍ଡ ଇସ୍ୟୁ କରିବା ସହ ପରୀକ୍ଷା ବନ୍ଦୋବସ୍ତ କରିଥିଲୁ। ତେବେ ପ୍ରକୃତରେ କେତେ ପିଲା ପରୀକ୍ଷା ଦେଇଛନ୍ତି ତାହା ବର୍ତ୍ତମାନ ପର୍ଯ୍ୟନ୍ତ ଜଣାପଡ଼ିନାହିଁ। ଆଉ ଦିନେ ଦୁଇଦିନ ମଧ୍ୟରେ ଏନେଇ ସୂଚନା ମିଳିଯିବ। ନୋଡାଲ ସେଣ୍ଟରଗୁଡ଼ିକରୁ ଉତ୍ତର ଖାତା ଆସିବା ପରେ ଅନୁପସ୍ଥିତ ପିଲାଙ୍କ ସଂଖ୍ୟା କହିପାରିବୁ। ଏ ନେଇ ଗଣଶିକ୍ଷା ବିଭାଗ ସହ ଆଲୋଚନା ହୋଇଛି। ଇଂଲିଶ, ଗଣିତ ଓ ସାମାଜିକ ବିଜ୍ଞାନ ବିଷୟରେ ପାଠ୍ୟକ୍ରମ ବାହାରୁ ପ୍ରଶ୍ନପତ୍ରକୁ ନେଇ ପରୀକ୍ଷାର୍ଥୀ କରୁଥିବା ଅଭିଯୋଗର ତର୍ଜମା କରାଯିବ। କେବଳ ଇଂଲିଶ ବିଷୟର କିଛି ପ୍ରଶ୍ନକୁ ନେଇ ତ୍ରୁଟିଥିବା ଜଣାପଡ଼ିଛି ବୋଲି ହାଜରା କହିଛନ୍ତି।

## ବଜ୍ରପାତରେ ଚାଷୀ ମୃତ

**ଭଦ୍ରକ ଅଫିସ,୭।୫:** ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ଓଲଙ୍ଗ ଗ୍ରାମରେ ଶନିବାର ଅପରାହ୍ନରେ ବଜ୍ରପାତରେ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗ୍ରାମର ଗରୁଆ ମହନ୍ତ(୫୫)। ସୂଚନା ଅନୁଯାୟୀ, ସେ ଗାଁ ନିକଟ ପରିବା କ୍ଷେତକୁ ଯାଇଥିବା ବେଳେ ଅପରାହ୍ନରେ ବିଜୁଳି ସାଙ୍ଗକୁ ବର୍ଷା ପବନ ଆରମ୍ଭ ହୋଇଥିଲା। ସେ ଘରକୁ ଫେରୁଥିବା ସମୟରେ ବଜ୍ରପାତ ହେବାରୁ ଅଚେତ ହୋଇପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ବିବାହକୁ ବିରୋଧ କରି ଥାନାରେ ପହଞ୍ଚିଲେ ନାବାଳିକା

**ସୋର, ୭।୫(ଡି.ଏନ.ଏ.):** ପରିବାର ଲୋକଙ୍କ ବିବାହ ନିଷ୍ପତ୍ତିକୁ ବିରୋଧ କରି ଥାନାରେ ପହଞ୍ଚିଛନ୍ତି ଜଣେ ନାବାଳିକା। ସେ ପାଠ ପଢ଼ିବାକୁ ଜିଦ୍ କରୁଥିବା ବେଳେ ପରିବାର ଲୋକେ ତାଙ୍କ ଇଚ୍ଛା ବିରୋଧରେ ବିବାହ କରାଇବା ଲାଗି ଅଡି ବସିଥିଲେ। ଶେଷରେ ଛାତ୍ରୀଜଣକ ଅନ୍ୟ ଉପାୟ ନ ପାଇ ଶନିବାର ଥାନାର ଦ୍ୱାରସ୍ଥ ହୋଇଥିଲେ। ପୋଲିସ ତାଙ୍କୁ ଚାଇଲ୍ଡଲାଇନ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରିଛନ୍ତି। ଏଭଳି ଘଟଣା ଘଟିଛି ବାଲେଶ୍ୱର ଜିଲା ସୋର ଥାନା ଅଞ୍ଚଳରେ। ଚାଇଲ୍ଡଲାଇନ୍ କର୍ମକର୍ତ୍ତା ଏନେଇ ଜିଲା ଶିଶୁ ମଙ୍ଗଳ ଅଧିକାରୀଙ୍କ ସହ ଆଲୋଚନା କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି କହିଛନ୍ତି।

## ମାଓବାଦୀଙ୍କ ଟାର୍ଗେଟରେ ଛତିଶଗଡ଼ ମନ୍ତ୍ରୀ

### ମାଓବାଦୀ ସଙ୍ଗଠନ ପକ୍ଷରୁ ବିଜ୍ଞପ୍ତି ଜାରି

**ମାଲକାନଗିରି,୭।୫ (ଡି.ଏନ୍.ଏ.):** ପୂର୍ବରୁ ସାଧାରଣ ଜନତାଙ୍କ ସହ ପୋଲିସକୁ ନିଜ ଟାର୍ଗେଟରେ ରଖୁଥିବା ମାଓବାଦୀମାନେ ଏବେ ମନ୍ତ୍ରୀଙ୍କୁ ଟାର୍ଗେଟ୍ କଲେଣି। ଏନେଇ ସେମାନେ ସଙ୍ଗଠନ ପକ୍ଷରୁ ମନ୍ତ୍ରୀଙ୍କ ବିରୋଧରେ ଏକ ବିଜ୍ଞପ୍ତି ମଧ ଜାରି କରିଛନ୍ତି। ଏଭଳି ଘଟଣା



ଦେଖିବାକୁ ମିଳିଛି ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ରେ। ଏଠାରେ ଶାସକ ଦଳର ମନ୍ତ୍ରୀ କବାସି ଲକ୍ଷ୍ମାଙ୍କ ବିରୋଧରେ ମାଓବାଦୀମାନେ ଗୁରୁତର ଅଭିଯୋଗ ଆଣି ସେ ପୁଞ୍ଜିପତିଙ୍କ ଇସାରାରେ ଚାଲୁଥିବା ଅଭିଯୋଗ କରିଛନ୍ତି। ମନ୍ତ୍ରୀ ଆଦିବାସୀଙ୍କ ସଂସ୍କୃତି ନଷ୍ଟକରି ଅନ୍ୟ ସଂସ୍କୃତିକୁ ପ୍ରୋତ୍ସାହିତ କରୁଛନ୍ତି ବୋଲି ଛତିଶଗଡ଼ର ବସ୍ତର ଜିଲା ସାଉଥ୍ ସବ୍ ଜୋନାଲ ବ୍ୟୁରୋ ସଙ୍ଗଠନର ନୂଆ ମୁଖପାତ୍ର ସମ୍‌ତା କହିଛନ୍ତି। ମନ୍ତ୍ରୀ ଲକ୍ଷ୍ମାଙ୍କ ସମସ୍ତ କାର୍ଯ୍ୟକ୍ରମକୁ ବିରୋଧ କରିବାକୁ ସେ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ତେବେ ସେ ନିଜର ଆଚରଣ ଓ କାର୍ଯ୍ୟଶୈଳୀରେ ପରିବର୍ତ୍ତନ ନ ଆଣିଲେ ଆଗାମୀ ଦିନରେ ଏହାର ଫଳ ଭୋଗିବେ ବୋଲି ଚେତାବନୀ ଜାରିକରି ବିଜ୍ଞପ୍ତିରେ କୁହାଯାଇଛି।

# ଡିଜେ ଲଗାଇ ରାସ୍ତାରେ ଗୁଆଘିଅ ଗୀତରେ ଡ୍ୟାନ୍ସ


ୟୁନିଫର୍ମ ପିନ୍ଧି ଅଣଛାତ୍ରମାନଙ୍କ ସହ ପରୀକ୍ଷାର୍ଥୀମାନେ ଡ୍ୟାନ୍ସ କରୁଛନ୍ତି।

**ଦିଗପହଣ୍ଡି,୭।୫(ଡି.ଏନ.ଏ.)**

ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ବମକେଇ ଗ୍ରାମ ଶିବାନନ୍ଦ ହାଇସ୍କୁଲର ମାଟ୍ରିକ ପରୀକ୍ଷାର୍ଥୀମାନେ ଶନିବାର ପରୀକ୍ଷା ସରିବା ପରେ ଖୁସିରେ ମତୁଆଲ ହୋଇ ବିଭିନ୍ନ ଓଡ଼ିଆ ଗୀତର ତାଳେ ତାଳେ ନାଚିଛନ୍ତି। ନିଜେ ନିଜେ ଆଦାୟ କରିଥିବା ଅର୍ଥରେ ଡିଜେ ବଜାଇ ଗୁଆଘିଅ ସଙ୍ଗୀତର ତାଳେ ତାଳେ ଡ୍ୟାନ୍ସ କରି ଗ୍ରାମର ପ୍ରମୁଖ ସାହି ବସ୍ତି ପରିକ୍ରମା କରିଥିଲେ। ଅନ୍ୟପଟେ ଗୋପାଳପୁର ଅଞ୍ଚଳର କେତେଜଣ ଛାତ୍ରୀଛାତ୍ର ମାଟ୍ରିକ୍ ପରୀକ୍ଷା ସରିବା ପରେ ସିଧାସଳଖ ଗୋପାଳପୁର ସମୁଦ୍ରରେ ପହଞ୍ଚି ବିପଦସଙ୍କୁଳ ସ୍ନାନ କରୁଥିବା ଭିଡିଓ ଭାଇରାଲ ହୋଇଛି।

ଶନିବାର ମାଟ୍ରିକ ପରୀକ୍ଷାର ଶେଷ ଦିନରେ ସାମାଜିକ ବିଜ୍ଞାନ ବିଷୟ ଥିଲା। ପରୀକ୍ଷା ସରିବା ପରେ ଛାତ୍ରମାନେ ନିଜେ ଚାନ୍ଦା କରି ଡିଜେ ସାଉଣ୍ଡ ବାକ୍ସ ଲଗାଇ ରାସ୍ତାରେ ଗୁଆଘିଅ ଓଡ଼ିଆ ସଙ୍ଗୀତର ତାଳେ ତାଳେ ନାଚୁଥିବା ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ପରୀକ୍ଷାର୍ଥୀମାନେ କେତେଜଣ ଅଣଛାତ୍ରଙ୍କ ସହ ସ୍କୁଲ ୟୁନିଫର୍ମ ପିନ୍ଧି ବେଧଡକ ନାଚୁଥିଲେ। ଏହାକୁ କେତେଜଣ ଅଭିଭାବକ ଏବଂ ଗ୍ରାମବାସୀ ଦେଖୁଥିଲେ ମଧ ସେମାନଙ୍କ ପ୍ରତିକ୍ରିୟା ନଥିବା ସ୍ଥାନୀୟ ଲୋକଙ୍କୁ ତାଜୁବ କରିଥିଲା। ଏ ସମ୍ପର୍କରେ ସ୍ଥାନୀୟ ହାଇସ୍କୁଲ ପ୍ରଧାନ ଶିକ୍ଷକ ଅରୁଣ ଚନ୍ଦ୍ର ମହାପାତ୍ରଙ୍କୁ ପଚାରିବାରୁ ପରୀକ୍ଷା ସରିବା ପରେ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟ ପାଇଁ ସେ ଏବଂ ଅନ୍ୟ ସହକାରୀ ଶିକ୍ଷୟିତ୍ରୀ ଶିକ୍ଷକମାନେ ବ୍ୟସ୍ତ ଥିଲେ। ପରୀକ୍ଷାର୍ଥୀମାନେ ନିଜ ଘରକୁ ନ ଫେରି କୁଆଡେ ଗଲେ କ'ଣ କଲେ ସେ ନେଇ ତାଙ୍କ ନିକଟରେ କିଛି ଖବର ନାହିଁ। କିନ୍ତୁ ରାସ୍ତାରେ ଡ୍ୟାନ୍ସ କରି ପରୀକ୍ଷାର୍ଥୀମାନେ ଗାଁ ବୁଲିବା ଶୁଣିଛନ୍ତି। ଘଟଣା ନିନ୍ଦନୀୟ ବୋଲି ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

### ମାଟ୍ରିକ ପରୀକ୍ଷା ପରେ ଖୁସି ମନାଇଲେ ଛାତ୍ର

**ୟୁନିଫର୍ମ ପିନ୍ଧି ବେଧଡକ ମଜା, ଭିଡିଓ ଭାଇରାଲ**

# ଭୁବନେଶ୍ୱରରେ ଖୋଲିଲା କେଏଲ୍ ବିଶ୍ୱବିଦ୍ୟାଳୟର ଆଞ୍ଚଳିକ କାର୍ଯ୍ୟାଳୟ

## ମେଧାବୀଙ୍କ ପାଇଁ ୧୦୦ କୋଟିର ସ୍କଲାରଶିପ୍ ଘୋଷଣା

**ଭୁବନେଶ୍ୱର, ୭।୫(ବ୍ୟୁରୋ)**

କେ.ଏଲ୍. ଡିମ୍‌ଡ୍ ଟୁ ବି ୟୁନିଭର୍ସିଟି ଆନ୍ଧ୍ରପ୍ରଦେଶର ଓଡ଼ିଶା ଆଞ୍ଚଳିକ କାର୍ଯ୍ୟାଳୟ ଭୁବନେଶ୍ୱରରେ ଖୋଲିଛି। ଶନିବାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସତ୍ୟନଗରଠାରେ ଏହି କାର୍ଯ୍ୟାଳୟର ଉଦ୍‌ଘାଟନ କରିଥିଲେ। ଏହା ପ୍ରତିଭାବାନ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଢ଼ିବା ସହ ବିଭିନ୍ନ ଶିକ୍ଷାଗତ ପାଠ୍ୟକ୍ରମ ଯୋଗାଇବ। ଏହି ଅବସରରେ ବିଶ୍ୱବିଦ୍ୟାଳୟର ଆଡ୍‌ମିଶନ ନିର୍ଦ୍ଦେଶକ ଡ. ଜେ. ଶ୍ରୀନିବାସା ରାଓ 'ମେରିଟ୍‌ସ୍କଲାରଶିପ୍' ଓ 'କେଏଲ ଇଞ୍ଜିନିୟରିଂ ପ୍ରବେଶିକା ପରୀକ୍ଷା ୨୦୨୨'ର ତାରିଖ ଘୋଷଣା କରିଥିଲେ। ଆସନ୍ତା ୨୧ରୁ ୨୪ ତାରିଖ ପର୍ଯ୍ୟନ୍ତ ଏହି ପରୀକ୍ଷା ଅନୁଷ୍ଠିତ ହେବ। ଏଥିପାଇଁ ଏପର୍ଯ୍ୟନ୍ତ ଦେଶ ବିଦେଶରେ ୫୦ହଜାରରୁ ଅଧିକ ଛାତ୍ରୀଛାତ୍ର ଆବେଦନ କରିଛନ୍ତି। ନାମଲେଖାରେ ମେଧାବୀ ଛାତ୍ରୀଛାତ୍ରଙ୍କୁ ଅଧିକ ପ୍ରାଧାନ୍ୟ ଦେଉଛି ବିଶ୍ୱବିଦ୍ୟାଳୟ। ତେଣୁ ଚଳିତ ବର୍ଷ ଅଧିକରୁ ଅଧିକ ଛାତ୍ରୀଛାତ୍ର ଯେପରି ସ୍କଲାରଶିପ ଓ ପ୍ରବେଶିକା ପରୀକ୍ଷା ଦେଇପାରିବେ ସେଥିପାଇଁ ଆଞ୍ଚଳିକ କାର୍ଯ୍ୟାଳୟ ଖୋଲିବା ଆଦି କେତେକ ନୂଆ ପଦକ୍ଷେପ ନିଆଯାଇଛି। ଏଥିସହ ଦୁର୍ବଳ ଶ୍ରେଣୀର ମେଧାବୀ ପିଲାଙ୍କ ପାଇଁ ଚଳିତ ବର୍ଷ ୧୦୦ କୋଟିର ଛାତ୍ରବୃତ୍ତି ପ୍ରଦାନ କରାଯିବ ବୋଲି ଡ. ରାଓ କହିଛନ୍ତି। ସେ କହିଛନ୍ତି, ଗତବର୍ଷ ଆମେ ଭୁବନେଶ୍ୱରର ବହୁ ଯୋଗ୍ୟ ଛାତ୍ରୀଛାତ୍ରଙ୍କୁ ଛାତ୍ରବୃତ୍ତି ପ୍ରଦାନ କରିଛୁ। କରୋନା ମହାମାରୀ ସତ୍ତ୍ୱେ ବିଶ୍ୱବିଦ୍ୟାଳୟର ଶତ ପ୍ରତିଶତ ଛାତ୍ରୀଛାତ୍ର ପ୍ଲେସ୍‌ମେଣ୍ଟ ପାଇଥିଲେ। ବିଶ୍ୱବିଦ୍ୟାଳୟରୁ ଛାତ୍ରୀଛାତ୍ର ଡେଲାଏଟ୍, ମାଇକ୍ରୋସଫ୍ଟ, ଆମାଜନ୍, ଆକ୍ସେଞ୍ଚର, ୱିପ୍ରୋ, ୱାଲ୍‌ମାର୍ଟ ଲ୍ୟାବ୍ ଆଦି କମ୍ପାନୀରେ ଚାକିରି ପାଇଛନ୍ତି।


କେଏଲ୍ ବିଶ୍ୱବିଦ୍ୟାଳୟର ଆଞ୍ଚଳିକ କାର୍ଯ୍ୟାଳୟକୁ ମନ୍ତ୍ରୀ ସମୀର ରଞ୍ଜନ ଦାଶ ଉଦ୍‌ଘାଟନ କରୁଛନ୍ତି।

# ନକଲି ସାର୍ଟିଫିକେଟ ଦେଇ ଚାକିରି, ଶିକ୍ଷକ ଗିରଫ

**ଉମରକୋଟ, ୭।୫(ସ୍ୱ.ପ୍ର.)**

ନକଲି ବି.ଏଡ୍. ସାର୍ଟିଫିକେଟ ଦେଇ ଚାକିରି କରୁଥିବା ଜଣେ ଶିକ୍ଷକଙ୍କୁ ଉମରକୋଟ ପୋଲିସ ଗିରଫକରି କୋର୍ଟ ଚାଲାଣ କରିଛି। ସେ ହେଲେ ଉମରଗାଁ ସରକାରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ରବୀନ୍ଦ୍ର କୁମାର ସ୍ୱାଇଁ। ତାଙ୍କ ନିଜ ଘର ନୟାଗଡ଼ ଜିଲା ଶରଣକୂଳ ଥାନା କୁରୁଡଙ୍ଗା ଗ୍ରାମରେ।

ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ଅଧୀନ ଉମରଗାଁ ସରକାରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ରବୀନ୍ଦ୍ର ୪ବର୍ଷ ହେବ ଶିକ୍ଷକ ଭାବେ କାର୍ଯ୍ୟ କରୁଥିଲେ। ତେବେ ଚାକିରି ବୈଧୀକରଣ ପାଇଁ ରବୀନ୍ଦ୍ରଙ୍କ ଶିକ୍ଷାଗତ ପ୍ରମାଣପତ୍ର ଜିଲା ପ୍ରଶାସନ ପକ୍ଷରୁ ଯାଞ୍ଚ କରାଯାଇଥିଲା। ରବୀନ୍ଦ୍ରଙ୍କ ବି.ଏଡ୍. ସାର୍ଟିଫିକେଟ ହରିୟାଣାର ଏକ ବିଶ୍ୱବିଦ୍ୟାଳୟର ଜାଣିବା ପରେ ନବରଙ୍ଗପୁର ଜିଲାପାଳ ଉକ୍ତ ବିଶ୍ୱବିଦ୍ୟାଳୟକୁ ଏହାର ଯାଞ୍ଚ କରି ରିପୋର୍ଟ ଦେବା ପାଇଁ ପତ୍ର ଲେଖିଥିଲେ। ଶିକ୍ଷକ ରବୀନ୍ଦ୍ର ଦେଇଥିବା ସାର୍ଟିଫିକେଟ ନକଲି, ଏପରି କୌଣସି ବ୍ୟକ୍ତିଙ୍କୁ ସାର୍ଟିଫିକେଟ ଦିଆଯାଇନାହିଁ ବୋଲି ହରିୟାଣାର ଉକ୍ତ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଜଣାଇଥିଲେ। ଏହାପରେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଉମରକୋଟ ବିଇଓ ବିକାଶ ଚନ୍ଦ୍ର ସରକାର ରବୀନ୍ଦ୍ରଙ୍କ ବିରୋଧରେ ଥାନାରେ ଏତଲା ଦେଇଥିଲେ। ଏହି ଏତଲା ଆଧାରରେ ଉମରକୋଟ ଅତିରିକ୍ତ ଥାନାଧିକାରୀ ଲିମାରାଜ ପ୍ରଧାନ ଶିକ୍ଷକ ରବୀନ୍ଦ୍ରଙ୍କୁ ରହୁଥିବା କୁସୁମଗୁଡ଼ା ସାହିରୁ ଗିରଫକରି କୋର୍ଟ ଚାଲାଣ କରିଛନ୍ତି।

# ମୁମ୍ବାଇ-ଓଡ଼ିଶା ଟ୍ରେନ୍ ଚଳାଚଳରେ ଅଧିକ ସୁବିଧା ପାଇଁ ରେଳମନ୍ତ୍ରୀଙ୍କୁ ଦାବିପତ୍ର

**ଭୁବନେଶ୍ୱର, ୭।୫ (ବ୍ୟୁରୋ)**

ମୁମ୍ବାଇରେ ଲକ୍ଷାଧିକ ଓଡ଼ିଆ ବାସ କରୁଛନ୍ତି। କିଏ ରୋଜଗାର ପାଇଁ ତ ଆଉ କେହି ଚିକିତ୍ସା, ଭ୍ରମଣ ଓ ଅନ୍ୟାନ୍ୟ କାର୍ଯ୍ୟରେ ମୁମ୍ବାଇକୁ ଯିବା ଆସିବା କରିଥାନ୍ତି। ଏଥିପାଇଁ ଶତକଡା ୯୫ ପ୍ରତିଶତ ଲୋକ ଟ୍ରେନ୍ ଉପରେ ନିର୍ଭର କରନ୍ତି। ମାତ୍ର ମୁମ୍ବାଇ-ଓଡ଼ିଶା ଟ୍ରେନ୍ ଚଳାଚଳରେ ସମସ୍ୟା ଲାଗି ରହିଥିବାରୁ ତୁରନ୍ତ ଏହାର ସମାଧାନ କରିବା ପାଇଁ ବମ୍ବେ ଓଡ଼ିଆ ମହାସଂଘ ପକ୍ଷରୁ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ମୁମ୍ବାଇରୁ ଭାଇଜାଗ୍ ଆସୁଥିବା ଟ୍ରେନ୍ (ନଂ.୧୮୫୨୦ ଓ ୧୮୫୧୯) ଭୁବନେଶ୍ୱର ପର୍ଯ୍ୟନ୍ତ ଯିବା ଆସିବା କରିବା ସହିତ ମୁମ୍ବାଇରୁ ପୁଣେ ଆସୁଥିବା ଟ୍ରେନ୍ ପ୍ରତିଦିନ ଭୁବନେଶ୍ୱର ଆସିବାକୁ ଦାବି କରାଯାଇଛି। ସେହିପରି ଭୁବନେଶ୍ୱରରୁ ମୁମ୍ବାଇ ଯାଉଥିବା କୋଣାର୍କ ଏକ୍ସପ୍ରେସ (ନଂ.୧୧୦୧୯ ଓ ୧୧୦୨୦) ଯଥାକ୍ରମେ ମୁମ୍ବାଇରେ ରାତି ୪ଟାରେ ଓ ଭୁବନେଶ୍ୱରରେ ରାତି ୧୧ରେ ପହଞ୍ଚୁଛି। ଫଳରେ ଲୋକଙ୍କୁ ନାନା ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଏଥିପାଇଁ ମନ୍ତ୍ରୀ ବିହିତ ପଦକ୍ଷେପ ନିଅନ୍ତୁ। ଏହି ଟ୍ରେନ୍‌ଗୁଡ଼ିକ ଚାଲିଲେ ବହୁ ଓଡ଼ିଆ ଉପକୃତ ହେବେ ବୋଲି ମହାସଂଘର ସଭାପତି ଡ. ବିପିନ ବିହାରୀ ମିଶ୍ର, ଉପସଭାପତି ବିଜୟ ପାଣିଗ୍ରାହୀ, କୋଷାଧ୍ୟକ୍ଷ ତଥା ଅବସରପ୍ରାପ୍ତ ପ୍ରଶାସକ ଗୋପାଳ ଚନ୍ଦ୍ର ତ୍ରିପାଠୀ ପ୍ରମୁଖ ଦାବି ଜଣାଇଛନ୍ତି। ଉକ୍ତ ଦାବିପତ୍ରର ନକଲ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନିକଟକୁ ପଠାଯାଇଛି।

# ସ୍ତ୍ରୀ ହତ୍ୟାକାରୀଙ୍କୁ ଆଜୀବନ ଜେଲ

**ଖଡ଼ିଆଳ, ୭।୫(ଡି.ଏନ୍.ଏ.)**

ନୂଆପଡ଼ା ଜିଲା ଖଡ଼ିଆଳ ଥାନା ସୁନାରୀସିକୁଆଁ ଗାଁରେ ୨୦୧୯ରେ ଘଟିଥିବା ହତ୍ୟା ଘଟଣାର ରାୟ ଶନିବାର ପ୍ରକାଶ ପାଇଛି। ସ୍ତ୍ରୀଙ୍କୁ ହତ୍ୟା କରିଥିବା ମୋତିଲାଲ ଛତ୍ରିଆଙ୍କୁ ନୂଆପଡ଼ା ଜିଲା ଦୌରାଜଜ୍ ସଂଗ୍ରାମ କେଶରୀ ପଟ୍ଟନାୟକ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହା ସହ ୫୦୦୦ ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ହେଲେ ଆହୁରି ୬ ମାସରେ ଦଣ୍ଡିତ ହେବା ପାଇଁ ରାୟ ପ୍ରକାଶ କରିଛନ୍ତି। ଖଡ଼ିଆଳ ଥାନା ବହଳପଦର ଗାଁର ଲଇବାନ ଠେଲାଙ୍କ ଝିଅ ବାସନ୍ତୀ ୨୦୧୬ରେ ସୁନାରୀସିକୁଆଁ ଗାଁର ମୋତିଲାଲଙ୍କୁ ବିବାହ କରିଥିଲେ। ତେବେ ସ୍ୱାମୀ, ସ୍ତ୍ରୀଙ୍କ ମଧ୍ୟରେ ଲାଗିରହିଥିବା ଘରୋଇ କଳହକୁ କେନ୍ଦ୍ରକରି ୨୦୧୯ ମାର୍ଚ୍ଚ ୭ରେ ମୋତିଲାଲ ବାସନ୍ତୀଙ୍କୁ ଏକ କୁରାଢ଼ିରେ ହାଣି ହତ୍ୟା କରିଥିଲେ। ଏନେଇ ଖଡ଼ିଆଳ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଘଟଣାର ତଦନ୍ତ କରି ମୋତିଲାଲଙ୍କୁ ଗିରଫ କରିଥିଲା।



ମାତୃ ଦିବସ ଉପଲକ୍ଷେ ଶନିବାର ପୁରୀ ବେଳାଭୂମିରେ ଶିଳ୍ପୀ ମାନସ ସାହୁଙ୍କ ଦ୍ୱାରା ପ୍ରସ୍ତୁତ ବାଲୁକା କଳା।

## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ:...................................
ଜନ୍ମ ତାରିଖ: ...............................


ଗିର୍ଭାନି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବୃଦ୍ଧଙ୍କ ସନ୍ଦେହଜନକ ମୃତ୍ୟୁ

ଧର୍ମଶାଳା,୭।୫(ଡି.ଏନ.ଏ.): ଧର୍ମଶାଳା ଥାନା ଅନ୍ତର୍ଗତ ଥାନୁଆଳ ପଞ୍ଚାୟତ ନାନପୁର ଗ୍ରାମରେ ଶନିବାର ସକାଳେ ଜଣେ ବୃଦ୍ଧଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ସେ ହେଲେ ଗ୍ରାମର ମହେନ୍ଦ୍ର ମଲିକ। ସକାଳେ ଶୌଚ ହେବା ପାଇଁ ବାଡି ପଛପଟକୁ ଯାଇଥିଲେ। ହେଲେ ଘରକୁ ଫେରି ନ ଥିଲେ। ପରେ ପରିବାର ଲୋକେ ତାଙ୍କୁ ବାଡ଼ିରେ ପଡିଥିବା ଦେଖି ୧୦୮ ଅମ୍ବୁଲାନ୍ସ ଯୋଗେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପକ୍ଷରେ ଶୌଚ ହେବାକୁ ଯାଇଥିବା ବେଳେ ମହେନ୍ଦ୍ର ପୋଖରୀରେ ଖସିପଡିବାରୁ ତାଙ୍କୁ ମେଡିକାଲ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି ବୋଲି ତାଙ୍କ ପୁଅ ସମିର ମଲିକ ଥାନାରେ ଅଭିଯୋଗ କରିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ହାଣ୍ଡିଶାଳରେ ...

ସିଲିଣ୍ଡର ପିଛା ଦର ମୁମ୍ବାଇରେ ୯୯୯.୫୦ ଟଙ୍କା ହୋଇଥିବାବେଳେ ଚେନ୍ନାଇ ଏବଂ କୋଲକାତାରେ ଯଥାକ୍ରମେ ୧,୦୧୫.୫୦ ଟଙ୍କା ଓ ୧,୦୨୬ ଟଙ୍କାରେ ପହଞ୍ଚିଛି। ଗତବର୍ଷ ଏପ୍ରିଲ ପରଠାରୁ ଦେଶରେ ଏଲ୍‌ପିଜି ସିଲିଣ୍ଡର ପିଛା ୧୯୦ ଟଙ୍କା ମହଙ୍ଗା ହେଲାଣି। ଅନ୍ୟପକ୍ଷେ ମେ' ୧ ତାରିଖରେ ୧୯ କେ.ଜି. କମର୍ସିଆଲ ଏଲ୍‌ପିଜି ସିଲିଣ୍ଡରରେ ୧୦୨ ଟଙ୍କା ବୃଦ୍ଧି କରାଯାଇଥିଲା। ଏହି ବୃଦ୍ଧି ସହ ଦିଲ୍ଲୀରେ ସିଲିଣ୍ଡର ପ୍ରତି ୨,୩୫୫.୫୦ ଟଙ୍କା ହୋଇଥିଲା। ସେହିପରି ୫ କେ.ଜି.ର ଏଲ୍‌ପିଜି କମର୍ସିଆଲ ସିଲିଣ୍ଡର ଦର ମଧ୍ୟ ୬୫୫ ଟଙ୍କାକୁ ବୃଦ୍ଧି କରାଯାଇଥିଲା। ରନ୍ଧନ ଗ୍ୟାସ୍‌ର ମୂଲ୍ୟ ବୃଦ୍ଧି ପଛର ମୁଖ୍ୟ କାରଣ ହେଉଛି ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ମହଙ୍ଗା ହେବା। ଗତ ମାର୍ଚ୍ଚରେ ଏହା ୧୩ ବର୍ଷର ରେକର୍ଡ ଭାଙ୍ଗି ୧୪୦ ଡଲାରରେ ପହଞ୍ଚିଥିଲା। ଶନିବାର ବ୍ରେଣ୍ଟ ବ୍ୟାରେଲ ପିଛା ୧୦୯.୭୭ ଡଲାର ରହିଛି। ସେହିପରି ଡଲାର ତୁଳନାରେ ଟଙ୍କା ଦୁର୍ବଳ ହେବା ମଧ୍ୟ ଅନ୍ୟ ଏକ ପ୍ରମୁଖ କାରଣ ବୋଲି କୁହାଯାଉଛି। ଏବେ ପ୍ରତି ଡଲାର ସହ ଭାରତୀୟ ମୁଦ୍ରାର ବିନିମୟ ମୂଲ୍ୟ ୭୭ ଟଙ୍କା ରହିଛି। ଭାରତ ନିଜର ୮୫% ତୈଳ ଆବଶ୍ୟକତା ପୂରଣ ପାଇଁ ଅନ୍ୟ ରାଷ୍ଟ୍ରଗୁଡ଼ିକ ଉପରେ ନିର୍ଭର କରିଥାଏ। ତେଣୁ ଡଲାରରେ କିଣିବା ଭାରତକୁ ମହଙ୍ଗା ପଡୁଛି।

ପ୍ରକାଶ ଯେ, ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା (ପିଏମ୍‌ୟୁୱାଇ) ହେଉଛି ସାମାଜିକ ଅନ୍ତର୍ଭୁକ୍ତୀକରଣ ଦିଗରେ ଏକ ପଦକ୍ଷେପ, ଯହିଁରେ ପ୍ରତ୍ୟେକ ଦାରିଦ୍ର୍ୟ ସୀମାରେଖା ତଳେ (ବିପିଏଲ୍) ପରିବାରର ମହିଳାଙ୍କୁ ମାଗଣାରେ ଏଲ୍‌ପିଜି ସଂଯୋଗ ଦିଆଯାଇଥାଏ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୧୬ ମେ' ୧ରେ ଉତ୍ତର ପ୍ରଦେଶର ବାଲିଆରେ ଏହି ଯୋଜନାର ଶୁଭାରମ୍ଭ କରିଥିଲେ। କିନ୍ତୁ ଏହି ଯୋଜନାରେ ମାଗଣାରେ ସିଲିଣ୍ଡର ପାଉଥିବା ପରିବାରଗୁଡ଼ିକ ନିଜ ଅର୍ଥରେ ଫିଲିଂ କରାଇଥାଆନ୍ତି। ଏଲ୍‌ପିଜି ଦର କ୍ରମାଗତ ବୃଦ୍ଧି ହେଉଥିବାରୁ ଅନେକ ଅସ୍ୱଚ୍ଛଳ ପରିବାର ଅର୍ଥାଭାବ ଯୋଗୁ ରିଫିଲିଂ କରିବାକୁ ମନା କରୁଥିବା ଦେଖିବାକୁ ମିଳୁଛି।


# classifieds Everyday
0674-2580101, 2549302




**GROOM WANTED**

Matching groom required for Odiya, Khandayat girl, Paediatric doctor, 30, 5'6", 8/4 Pushya Nakhetra. Mob.-9438120900. D-326

**Required Karan/ Khandayat groom for our elder daughter 26y/5'3" mula/dhanu, B.Tec software Engineer.Infosys at Bangalore (10.2l). Father Govt. Class -1 officer, educated family. Searching for suitable IT proposal parents. Contact: 9437188370, 9937328966.** D-359

45 ବର୍ଷର ଅବିବାହିତ ମହିଳା Govt. Teacher ଭାବରେ କାର୍ଯ୍ୟରତ। ଘର- ଅନୁଗୁଳ । ଇଚ୍ଛୁକ ଥିବା ବ୍ୟକ୍ତି ଯୋଗାଯୋଗ କରନ୍ତୁ । 7655858756. D-329




**SALE**

**Gharabari boundary plots near Infocity-II & Cancer Hospital. SR PROPERTEEZ. 9438106666.** D-73211

2BHK flat sale near SBI Colony Kesura. 9692213354. D-71895

ଭୁବନେଶ୍ୱର ପୁରୀ ବାଇପାସରେ ବାଙ୍କୁଆଳ ମୌଜାରେ ଘରବାରି ପ୍ଲଟ୍ ବର୍ଗଫୁଟକୁ ୧୬୦୦ ଟଙ୍କାରେ ମିଳୁଅଛି। ଯୋଗାଯୋଗ ଫୋନ୍- **9827339640, 6371681832.** D-330

Gharabari land (near SV Nirtar hospital, Olatpur) with road, electricity for immediate sale by owner. Contact: 7978168941. D-363

**Residential cum Commercial road side plot, Niali Road @750sqft. residential plots with Boundarywall, Electricity System, Homely Temple, Nakhara 7K.M., BBSR 12 K.M. 8249851363, 7809525452.** D-71892

ଭୁବନେଶ୍ୱର ତମାଣ୍ଡୋ ଛକଠାରୁ କାଶୀପୁରୁ ମୌଜାରେ ଘରବାରି ପ୍ଲଟ୍- 30x50=(1500sqft.) 29ଟି ପ୍ଲଟ୍ ଅଛି। ନିୟର ଆଣ୍ଡ ବ୍ୟାକ୍ ସାଇଡ୍ D.N. ରିଗଲିଆ ଗ୍ରୀନ୍ ଭିଲେଜ ଆପାର୍ଟମେଣ୍ଟ ପାଖରେ yellowzone ଅଣ୍ଡର BDA ଭୁକ୍ତ ପ୍ଲଟ୍ ଘର ନିର୍ମାଣ କରିବା ପାଇଁ ଉପଯୋଗୀ ପ୍ଲଟ୍ ଯୋଗାଇ ଦିଆଯାଉଅଛି। ଯୋଗାଯୋଗ ମୋବାଇଲ ନମ୍ବର- 7077583420, 9938015353. SUVAM CONSTRUCTIONS. D-366

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact: 9937059891.** D-224

**1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact: 9937059891.** D-225

**Gharabari plot available near Bhubaneswar, Pahal, Hanspal, Balianta, Nakhara and other location- 9338498460.** D-73236

Bhubaneswar Puri bypass gharabari plot 1200sqft. @4,80,000/-. 9853415415, 9777160796, 8144044975. D-71982

**10Acre of residential land for sale at Deuliapatna, Bhubaneswar. Contact: 9692095626, 7978456831.** D-71633

**ଭୁବନେଶ୍ୱର ହଂସପାଳଛକ, ନଖରା ଛକ ଏବଂ ପଟିଆ KIIT College ଛକ ପାଖରେ 3BHK Duplex/ flat ଅଛି। 9658122456, 8327785834.** D-73241

**ଭୁବନେଶ୍ୱର ପିତାପଲ୍ଲୀ ଛକରୁ 50mtr ଦୂରରେ BDA yellowzone ପ୍ଲଟ୍ ମିଳୁଛି। 9556368377.** D-73238

Ready to move 3BHK flat sale (1.8) metrs from Puri Canal Bridge NH. 9692213354. D-71894

**Very prime location Big Residential, Commercial Land available at Kafla Bazar, Satichaura, near Indira Gandhi Womens College, Cuttack. 7894759542.** D-348

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Gharabari plot for sale near Pahala, Bhingarpur, Kesura (Bankual), Contact: 6371268258, 8144128238.** D-71985

BBSR Hanspal to 4 K.M. ଘର ଉପଯୋଗୀ plot Price-1450/- ସୁନ୍ଦରପଦା Xavier University (sqft.- 250,350,500) ଘରବାଡ଼ି ମିଳୁଛି। 9556393409, 8114994259. D-284

**NH-16A କାଟେଣି ଛକରୁ 1K.M. ଦୂରରେ କଟକ ଆଡ଼କୁ କଣ୍ଟାବାଡ଼ ହାଇସ୍କୁଲ ପାଖରେ ରୋଡ୍ side ଘରବାଡ଼ି ପ୍ଲଟ୍ ମିଳୁଛି। 8658219495.** D-220

**ଭୁବନେଶ୍ୱର Sum Hospital 4KM ଦୂରତାରେ ଘରବାଡ଼ି, Road, ଇଲେକ୍ଟ୍ରି ଥାଇ ପ୍ଲଟ୍ ମିଳୁଛି। 9090963952.** D-73214

Duplex house on corner plot for sale at Gadakana, Bhubaneswar. Contact owner: 9348695941. D-346

**5000sqft. (50ftX100ft.) premium commercial yellowzone, gharabari, sthitiban single patta owner plot for sale with boundary & filling completed at Dhauli Square. Price Rs.- 1,45,00000/- contact direct owner. 9040026465 (Babu Babu).** D-135

Commercial Cum residential gharabari plot just 2 k.m. distance from Khurdha Collectorate Office for sale. Contact: 9800700664, 9439101373. D-106

**3 Acre Land for Sale on NH-16 near Khurda Collectorate for 6 Crore. 7980909139.** D-23515




**Construct your Dream home @460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-252

**Griha Nirman facilities, architectural plan- 2,000/-, structural plan- 3,000/-, core house- 480/- per sqft., complete house-1150/- per sqft., interior-1250/- per sqft. BDA Approval/ Bank loan. Contact: 8249899544, 9658718029.** D-70795

Do you want to construct dream house on your own plot for more details. Contact: K.K. Construction, 7008268129, 9439143273. D-71342

**Construct your home 850/-, 1330/- includes Architecture structure with 3year FMC provide BDA plan approval boring/ interior work. SNV construction. 9439295469.** D-73237

Prabhakar construction construct your building get quality house. 9437025258, 8984389029. D-315

**Build your dream house at Bhubaneswar with or without materials by Narayan Construction with best quality. Contact: 9777005005.** D-335




2BHK for rent Mahatab road Oldtown, Bhubaneswar. Rent- 7000/-. 9338636105. D-70796

2BHK at SBI Lane Oldtown rent Rs. 8000/-. Contact: 9556791383. D-59891

**ନିଜର ଖାଲି ଜାଗାକୁ ଭଡ଼ାରେ ଦେଇ ନିଶ୍ଚିନ୍ତରେ ବସନ୍ତୁ। 9692095626, 7978456831.** D-71631

2BHK and 3BHK for rent 118- Ratnakarbag-1. Mob: 9902406161. D-356

**AFFIDAVIT**

30.04.22 Magistrate affidavit Khordha, I Damayanti Samantaray, W/o- Bikram Mishra, Son- Rajendra Mishra, At- Mahula, Po.- Angarapada, P.S.- Chandaka, Dist.- Khordha. Damayanti Samantaray right name. D-368




**Relax, Refresh your body, Mind at Saikrupa Spa with best therapies. 8984068077.** D-327

Newly open SPA positively health benefit with expert. Contact: 7749976301. D-71987

Newly open SPA positively health benefits expert therapist, Kalpana. 7846814019. D-73602

Newly open full body massage ladies and gents. 7750904837. D-71894

All types body massage with high profile smart Lady room service available. 9142145769. D-71345

Refreshments rejuvenation body massage therapy with experience the therapists, Ashirvad Panchakarma herbal SPA, Keshari Mall, Bhubaneswar. 8926173473. D-71986

Newly open full body massage ladies and gents. 8327740003. D-71893

Refreshing your mind and body with the best therapy, 7873794731. D-317

**LOST**

ସୁଶାନ୍ତ କୁମାର ସେଠୀ, ପିତା- ଦେବେନ୍ଦ୍ର ସେଠୀ, ଗ୍ରା/ପୋ: ରାଜସ, ଥାନା- ବାଲିପାଟଣା, ଜିଲ୍ଲା- ଖୋର୍ଦ୍ଧା। ମୋ- 7787008915. ରାଜସରୁ ବାଲିପାଟଣା ଯିବା ବାଟରେ ମୋର ଘରବାରି original ପଟ୍ଟା ତା।୨୫।୦୪।୨୦୨୨ରିଖରେ ହଜିଯାଇଛି। ପଟ୍ଟା ନଂ.-୯୪୭। କୌଣସି ସହୃଦୟ ବ୍ୟକ୍ତି ଯଦି ପାଇଥାନ୍ତି ତାହା ମୋତେ ପ୍ରଦାନ କଲେ ମୁଁ ଚିରୋପକୃତ ହେବି। ଧ-୩୫୮

Original title deeds have been lost. Deed No.- 5362, dated 20.12.2006, mutation Khata No.- 39, mutation Plot No.- 415, Mouza: Dandimala Sahi, Dist.- Puri. Madhab Chandra Khuntia wishes to create change VIZ, Mortgage on the sale property for a loan from SBI Branch, Badasankha Branch, Code- 06944. D-369


### ବାତ୍ୟା ଭୟ ...

୧୦ ତାରିଖ ବେଳକୁ ଏହା ଧୀରେ ଧୀରେ କମି ୭୫ରୁ ୮୦ କି.ମି. ରହିବା ନେଇ ଅନୁମାନ କରାଯାଇଛି। ତେବେ ସ୍ଥଳଭାଗ ନିକଟବର୍ତ୍ତୀ ହେବା ବେଳକୁ ଏହାର ବେଗ ୭୦ରୁ ୮୦ କି.ମି. ହେବ ବୋଲି ପାଣିପାଗ ପକ୍ଷରୁ କୁହାଯାଇଛି। ବାତ୍ୟା ପ୍ରଭାବରେ ରାଜ୍ୟର ଉପକୂଳବର୍ତ୍ତୀ ଜିଲାର କେତେକ ସ୍ଥାନରେ ବର୍ଷା ହେବା ସମ୍ଭାବନା ରହିଛି। ୧୦ ତାରିଖରୁ ଗଞ୍ଜାମ, ଗଜପତି ଓ ପୁରୀ ଜିଲାର କେତେକ ସ୍ଥାନରେ ବର୍ଷା ହୋଇପାରେ। ୧୧ ତାରିଖରେ ଗଞ୍ଜାମ, ଖୋର୍ଦ୍ଧା, ଜଗତ୍‌ସିଂହପୁର, ପୁରୀ ଏବଂ କଟକ ଜିଲାର କେତେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହୋଇପାରେ। ବାତ୍ୟା ଯୋଗୁ ସମୁଦ୍ର ଅଶାନ୍ତ ରହିବ। ୯ ତାରିଖରେ କେନ୍ଦ୍ରୀୟ ବଙ୍ଗୋପସାଗରରେ ଘଣ୍ଟା ପ୍ରତି ପବନର ବେଗ ୬୫ରୁ ୭୫ କି.ମି. ରହିବା ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଆସନ୍ତା ୯ ଓ ୧୦ ତାରିଖରେ କେନ୍ଦ୍ରୀୟ ବଙ୍ଗୋପସାଗର ଏବଂ ୧୧ ତାରିଖରେ ଉତ୍ତର-ପଶ୍ଚିମ ବଙ୍ଗୋପସାଗରକୁ ନ ଯିବା ଲାଗି ମତ୍ସ୍ୟଜୀବୀମାନଙ୍କୁ ସତର୍କ କରି ଦିଆଯାଇଛି। ଯେଉଁ ମତ୍ସ୍ୟଜୀବୀମାନେ ସମୁଦ୍ରରେ ରହିଛନ୍ତି ତୁରନ୍ତ କୂଳକୁ ଫେରି ଆସିବାକୁ ପରାମର୍ଶ ଦିଆଯାଇଛି। ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ରାଜ୍ୟର ସମସ୍ତ ବନ୍ଦରରେ ୧ ନମ୍ବର ବିପଦ ସଙ୍କେତ ଦିଆଯାଇଛି। ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍‌ଆରସି) ପ୍ରଦୀପ ଜେନା କହିଛନ୍ତି ଯେ, ବାତ୍ୟା ସ୍ଥଳଭାଗ ଛୁଇଁବନି ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲେ ମଧ୍ୟ ପ୍ରସ୍ତୁତି କମ୍ କରାଯାଇ ନାହିଁ। ପରିସ୍ଥିତିକୁ ଦେଖି ନିଷ୍ପତ୍ତି ନେବାକୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯିବା ସହ ୧୭୫ ଅଗ୍ନିଶମ ବାହିନୀ, ୨୦ ଓଡ୍ରାଫ୍ ଏବଂ ୧୭ ଏନ୍‌ଡିଆରଏଫ୍ ଟିମ୍‌କୁ ସଜାଗ ରଖାଯାଇଛି। ଆବଶ୍ୟକ ସ୍ଥଳେ ସେ ସବୁକୁ ମୁତୟନ କରାଯିବ।

ରାଜ୍ୟରେ ପାଗ ମେଘୁଆ ରହୁଥିବାରୁ ତାତି ଗତ କିଛିଦିନ ହେବ କମ୍ ରହିଛି। ୧୦ଟି ସ୍ଥାନରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ ରହିଥିବା ବେଳେ ୩ଟି ସ୍ଥାନରେ ୪୧ ଡିଗ୍ରୀ ସେଲ୍‌ସିୟସ ଉପରେ ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ମୁତାବକ ବଲାଙ୍ଗୀରରେ ସର୍ବୋଚ୍ଚ ତାପମାତ୍ରା ୪୧.୮ ଡିଗ୍ରୀ ସେଲ୍‌ସିୟସ ଥିବା ବେଳେ ନୂଆପଡ଼ା ୪୧.୫, ଝାରସୁଗୁଡ଼ା ୪୧.୪, ଟିଟିଲାଗଡ଼ ୪୧, ସମ୍ବଲପୁର ୪୦.୪, ସୁନ୍ଦରଗଡ଼ ୪୦.୫, ହୀରାକୁଦ ୪୦.୨, ଭବାନୀପାଟଣା ୪୦.୨, ସୋନପୁର ୪୦.୮ ଏବଂ ବୌଦ୍ଧରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।


### ଯୁବ ଶିକ୍ଷକଙ୍କ ଡକ୍ଟରେଟ ଲାଭ



ଶ୍ରୀମାନ ରଭୁ ଆଭୂଷଣ ପଣ୍ଡା ବୁର୍ଲା ସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଦ୍ୟାଳୟରୁ ପି.ଏଚ୍.ଡି. ଡିଗ୍ରୀ ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଶ୍ରୀମାନ ରଭୁ, ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟର EL and TC, ବିଭାଗର ପ୍ରଫେସର ଡଃ ଦେବାଶିଷ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ "Efficient Design and Analysis of Perturbed Patch Antennas for Wireless Communication" ପ୍ରସଙ୍ଗରେ ଗବେଷଣା କରୁଥିଲେ। ତାଙ୍କ ଗବେଷଣା BITS PILANI Instituteର ପ୍ରାଧ୍ୟାପକ ପ୍ରଫେସର ନବନୀତ ଗୁପ୍ତାଙ୍କ ଦ୍ୱାରା ପରୀକ୍ଷିତ ଓ ଉଚ୍ଚ ପ୍ରଶଂସିତ ହୋଇଛି। ଶ୍ରୀମାନ ରଭୁ, ଗଜପତି ଜିଲ୍ଲା ପାରଳାଖେମୁଣ୍ଡିର ବାସିନ୍ଦା। ସେ ସ୍ୱର୍ଗତ ପଦାର୍ଥ ବିଜ୍ଞାନର ପ୍ରଫେସର ଶ୍ରୀ ହରିହର ପଣ୍ଡାଙ୍କ ଏକମାତ୍ର ପୁତ୍ର। ତାଙ୍କର ଏ ସଫଳତା ପାଇଁ ସେ ତାଙ୍କ ପିତାଙ୍କ ନିକଟରେ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ତାଙ୍କର ଗୁରୁ ଡଃ ଦେବାଶିଷ ମିଶ୍ର, ଡଃ ଶୁଭେନ୍ଦୁ ନାରାୟଣ ମିଶ୍ର ଓ ବିଭାଗ ମୁଖ୍ୟ ଡଃ କବିରାଜ ସେଠୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ସେ ନିଜ ମାତାଙ୍କୁ ପ୍ରେରଣାର ସ୍ରୋତ ରୂପେ ମାନିଛନ୍ତି। ସେ ନିଜ କର୍ମକ୍ଷେତ୍ର GIET Universityର ରେଜିଷ୍ଟ୍ରାର ଡଃ N.V.J. Rao, Electronics ବିଭାଗର ମୁଖ୍ୟ ଡଃ ଶୁଭ୍ରଜିତ ପ୍ରଧାନ ତଥା ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ସଦସ୍ୟଙ୍କୁ ଧନ୍ୟବାଦ ଜଣାଇଛନ୍ତି।
ଧ-୩୬୭


## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ ଲାଭ, ଧର୍ମକାର୍ଯ୍ୟ, ଆନୁଷ୍ଠାନିକ କ୍ଷେତ୍ରରେ ସାମିଲ ହୋଇପାରନ୍ତି। ଆଜିର ଯାତ୍ରା, ବାଣିଜ୍ୟ, ମାଙ୍ଗଳିକ କାମ ଫଳପ୍ରଦ ରହିବ। କିନ୍ତୁ ବ୍ୟବହାରରେ ଶାଳୀନତା ରକ୍ଷା ନ କଲେ ଓଲଟା ଫଳ ପାଇବେ। ଅବଶ୍ୟ ପାରିବାରିକ, ପରିବହନ, ସାଧାରଣ ଆଲୋଚନା କ୍ଷେତ୍ରରେ ମାନସିକ ଦ୍ୱନ୍ଦ୍ୱ ଲାଗି ରହିବ।

**ବୃଷ**
ଲାଭ ଭାବରେ ବୃହସ୍ପତି ଓ ଶୁକ୍ରଙ୍କ ପ୍ରଭାବରୁ ସାମଗ୍ରିକ ସୁଖ, ସୁବିଧା ଲାଭ କରିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବା ସାଙ୍ଗକୁ ପ୍ରକଳ୍ପ କାର୍ଯ୍ୟରେ ଅଗ୍ରଗତି ଘଟିବ। ବ୍ୟବସାୟ, ବାଣିଜ୍ୟ, ନିର୍ମାଣ ପାଇଁ ଦିନଟି ଭଲ ରହିବ। ବନ୍ଧୁମିଳନ ସାଙ୍ଗକୁ କଳା, ସାହିତ୍ୟ, ପ୍ରବଚନ, ଆଧ୍ୟାତ୍ମିକ ସଭା ସମିତିରେ ସମ୍ମାନିତ ହେବେ।

**ମିଥୁନ**
ଆପଣଙ୍କ ସରଳ ଓ ମଧୁର ବ୍ୟବହାର ଅନ୍ୟମାନଙ୍କୁ ଖୁସି କରିବ। ଦୂରଯାତ୍ରାରେ ଲକ୍ଷ୍ୟ ପୂରଣ ହେବା ସହ ମୂଲ୍ୟବାନ୍ ଜିନିଷ ପ୍ରାପ୍ତିର ସୁଯୋଗ ଲାଭ କରିବେ। ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ଆଲୋଚନା, ଆନୁଷ୍ଠାନିକ କାମ, ସଭା ସମିତିରେ ପ୍ରତିଷ୍ଠା ଅକ୍ଷୁଣ୍ଣ ରହିବ। ପାରିବାରିକ ସ୍ଥିତି କେତେକାଂଶରେ ସନ୍ତୋଷଜନକ ନ ହୋଇପାରେ।

**କର୍କଟ**
ଆଜି ସକାଳ ସମୟଟି ଭଲରେ କଟିବା ସାଙ୍ଗକୁ ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ ଲାଭ କରିବେ। ଆନୁଷଙ୍ଗିକ ସାହାଯ୍ୟ, ସହଯୋଗ ମାଧ୍ୟମରେ ଅଫିସିଆଲ କାମଗୁଡ଼ିକ ସହଜ ଓ ସୁବିଧାରେ ହେବ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। କିନ୍ତୁ ସାଧାରଣ କଥାରେ ବନ୍ଧୁ ମୁହଁ ଫେରାଇ ନେଇପାରନ୍ତି।

**ସିଂହ**
ଉଚ୍ଚସ୍ଥ ରବି ପାପଗ୍ରହ ଦ୍ୱାରା ଆକ୍ରାନ୍ତ ହେବାରୁ ସମସ୍ୟା ଜାଲରେ ଛନ୍ଦି ହୋଇ ମାନସିକ ସନ୍ତୁଳନ ହରାଇବେ। ରାଜନୀତି ତଥା ପ୍ରଶାସନିକ ସ୍ତରରେ ବିବାଦୀୟ ପରିସ୍ଥିତି ଭିନ୍ନ ରୂପ ନେଇପାରେ। ଆଜି ବ୍ୟବସାୟ, ପରିବହନ ପ୍ରଭୃତିରେ ସଫଳତା ଅର୍ଜନ କରିବେ। ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହୋଇପାରନ୍ତି।

**କନ୍ୟା**
କର୍ମକ୍ଷେତ୍ରରେ କାମ ବିଳମ୍ବ ହେବାରୁ ଅନ୍ୟକୁ ଦାୟୀ କରି ବିରକ୍ତି ପ୍ରକାଶ କରିପାରନ୍ତି। ବନ୍ଧୁମାନେ ସହଯୋଗ କରିବା ପାଇଁ ପ୍ରତିଶ୍ରୁତି ଦେବେ, କିନ୍ତୁ କିଛି କରିବେ ନାହିଁ। ଅର୍ଥ ଲାଭରୁ କିମ୍ବା କଳ୍ପନାର ବାହାରେ ଥିବା କୌଣସି କାର୍ଯ୍ୟ ହାସଲ ହେତୁ ଖୁସି ରହିବେ। ସଭାସମିତି, କଳା, ସାହିତ୍ୟ, ମନୋରଞ୍ଜନାଦି କାର୍ଯ୍ୟକ୍ରମରେ ସାମିଲ ହୋଇପାରନ୍ତି।

**ତୁଳା**
ନିଜ ଲୋକଙ୍କ ବ୍ୟତୀତ କାମ ହାସଲ ପାଇଁ ଅନ୍ୟର ସାହାଯ୍ୟ ଲୋଡ଼ିବେ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ ନ କଲେ ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବାକୁ ପଡ଼ିବ। ଆନୁଷ୍ଠାନିକ, ମାଙ୍ଗଳିକ କିମ୍ବା ସଭାସମିତିରେ ଯୋଗ ଦେଇ ପ୍ରଶଂସିତ ହେବେ। ରପ୍ତାନି ବାଣିଜ୍ୟ ଓ ବ୍ୟବସାୟରେ ଉନ୍ନତି ଘଟିବାର ସୂଚନା ରହିଛି।

**ବିଛା**
ବୃଥାଭିମାନ ଏବଂ କ୍ରୋଧମିଶ୍ରିତ ବ୍ୟବହାରରୁ କାମଗୁଡ଼ିକ ବିଶୃଙ୍ଖଳିତ ହୋଇପାରେ। କୌଣସି ମିଥ୍ୟା ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେଇପାରେ। ଆବଶ୍ୟକତା ପୂରଣ କରିବା ସକାଶେ ଧାର ସୂତ୍ରରେ ଅର୍ଥ ଆଣିପାରନ୍ତି। ବନ୍ଧୁମାନଙ୍କ ସହ ଦେବ ଦର୍ଶନ ସାଙ୍ଗକୁ ଭ୍ରମଣ ସୁଯୋଗ ଜୁଟିବାର ବହୁତ ସମ୍ଭାବନା ଅଛି।

**ଧନୁ**
ଅତୀତ କଥା ଚିନ୍ତା କରି ମନ ଭଲ ରହି ନ ପାରେ। ଲାଗିବ ନାହିଁ। ପାରିବାରିକ ଜଞ୍ଜାଳ ବୃଦ୍ଧିଜନିତ ଚିନ୍ତାଗ୍ରସ୍ତ ହୋଇପାରନ୍ତି। ଗଠନମୂଳକ ପ୍ରେରଣା ଦେଇ ଆନୁଷ୍ଠାନିକ କ୍ଷେତ୍ରରେ ପ୍ରଶଂସିତ ହେବେ। ନିର୍ମାଣ, ଚୁକ୍ତିପତ୍ର, ମାଲିମକଦ୍ଦମା, ବ୍ୟବସାୟ, ଯାତ୍ରା ଓ ପାରିବାରିକ ସମସ୍ୟା କ୍ଷେତ୍ରରେ ମଧ୍ୟମ ଧରଣର ଫଳ ପାଇବେ।

**ମକର**
ସକାଳୁ ସକାଳୁ କର୍ମକ୍ଷେତ୍ରରେ ବନ୍ଧୁଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। କାମ ହାସଲ କରିବାରେ କେତେକ ପ୍ରତିବନ୍ଧକ ଦେଖାଦେବାର ଆଶଙ୍କା ରହିଛି। ପଡ଼ୋଶୀ କେହି ପ୍ରତିବାଦର ସ୍ୱର ଉଠାଇ ଅସ୍ଥିରତା ସୃଷ୍ଟି କରିପାରନ୍ତି। କୌଶଳ ପ୍ରୟୋଗ କରି ନିଜ ଲୋକମାନଙ୍କୁ ଆପଣେଇ ନେବାରେ ସମର୍ଥ ହେବେ।

**କୁମ୍ଭ**
ବନ୍ଧୁଙ୍କ ନିମନ୍ତ୍ରଣ ପାଇ ଦୂର ଯାତ୍ରା କରିପାରନ୍ତି। ସମସ୍ୟା ଥିଲେ ମଧ୍ୟ ପ୍ରିୟ କଥା କହି ସ୍ଥିତି ସୁଧାରି ନେବେ। ଭ୍ରମଣ ହେତୁକ ଅବସାଦ ଦେଖାଦେଇପାରେ। ବ୍ୟବସାୟ, ପରିବହନ କ୍ଷେତ୍ର ମାନ୍ଦା ହେବ ନାହିଁ। ଅର୍ଥନୈତିକ, ପ୍ରଶାସନିକ, ସାମାଜିକ ତଥା ଆନୁଷ୍ଠାନିକ କ୍ଷେତ୍ରରେ ଦକ୍ଷତା ବୃଦ୍ଧି ହେତୁ ପ୍ରଶଂସିତ ହେବେ।

**ମୀନ**
ବ୍ୟକ୍ତିଗତ ସମସ୍ୟା ରହିଥିଲେ ମଧ୍ୟ ସାମାଜିକ ସ୍ତରରେ ଉନ୍ନତ ମାନର ଫଳ ପାଇ ଖୁସି ରହିବେ। ପୂର୍ବ ବିବାଦର ସମାଧାନ ହେବା ସାଙ୍ଗକୁ ଟେନସନ୍ ମଧ୍ୟ କମିଯିବ। କଠୋର ବାକ୍ୟାଳାପରୁ ନିବୃତ୍ତ ହୋଇ ସହଯୋଗ ଭିତ୍ତିରେ କାମ କଲେ ଉପକାର ପାଇବେ। ସାହିତ୍ୟ, ସଙ୍ଗୀତ, କଳା, ଆଲୋଚନା, ଚଳଚ୍ଚିତ୍ର କ୍ଷେତ୍ରରୁ ପ୍ରଶଂସା ପ୍ରାପ୍ତି ଘଟିବ।

### ସ୍କୁଲ, ହଷ୍ଟେଲରୁ ୬୪ ପିଲା ....

ହଷ୍ଟେଲରୁ ୬୪ ଛାତ୍ର କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ରାୟଗଡ଼ା ବ୍ଲକ କୋଟଲାଗୁଡ଼ାସ୍ଥିତ ଅନ୍ୱେଷା ହଷ୍ଟେଲରୁ ୪୪ ଛାତ୍ର ଏବଂ ବିଷମକଟକ ବ୍ଲକ ହାଟମୁନିଗୁଡ଼ାସ୍ଥିତ ସରକାରୀ ସ୍କୁଲର ୨୦ ଛାତ୍ରଙ୍କ କରୋନା ରିପୋର୍ଟ ପଜିଟିଭ ଆସିଥିବା ଜଣାପଡ଼ିଛି। ସମସ୍ତ ସଂକ୍ରମିତ ସୁସ୍ଥ ଥିବାବେଳେ ଜିଲା ମଙ୍ଗଳ ଅଧିକାରୀ ଅଶୋକ କୁମାର ଶତପଥୀ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। ଗତ ୪ ତାରିଖରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆର୍‌ଆର୍‌ଟି ଟିମ୍ ପହଞ୍ଚି ଅନ୍ୱେଷା ହଷ୍ଟେଲରେ ରହୁଥିବା ୨୫୭ ପିଲାଙ୍କ ସ୍ୱାବ୍ ନମୁନା ସଂଗ୍ରହ କରିଥିଲେ। ସେଥିମଧ୍ୟରୁ ୪୪ ଜଣଙ୍କ ରିପୋର୍ଟ ପଜିଟିଭ ରହିଛି। ସଂକ୍ରମଣକୁ ରୋକିବା ନିମନ୍ତେ ଅନ୍ୱେଷା ହଷ୍ଟେଲ ଏବଂ ହାଟମୁନିଗୁଡ଼ାସ୍ଥିତ ସ୍କୁଲରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଥିବା ସୂଚନା ମିଳିଛି।

ଏକ ଆଧାତ୍ମିକ ଜୀବନ ବଞ୍ଚିବା ପାଇଁ ବିଶ୍ୱ ସଂଗ୍ରାମ କରି ଚାଲିଛି। କିନ୍ତୁ ଅଦିବ୍ୟ ଓ ବିରୋଧୀ ଶକ୍ତିମାନେ ଏଠାରେ ଠୁଳ ହୋଇ ସମସ୍ତଙ୍କୁ ଭୀତତ୍ରସ୍ତ କରୁଛନ୍ତି। ପ୍ରଭୁ! ଆମେ ଚାହୁଁ – ଆପଣଙ୍କ ପକ୍ଷରେ ରହି ବୀର ଯୋଦ୍ଧା ରୂପେ ଲଢ଼ିବାକୁ ଏବଂ ବିଜୟ ଲାଭକରିବାକୁ। –ଶ୍ରୀମା

# ଆମେ ତଳକୁ ଖସୁଛୁ



ଆକାର ପଟେଲ

ଜୁଲାଇ ୨୦୨୦ରେ ୨୯ଟି ପ୍ରମୁଖ ବୈଶ୍ୱିକ ସୂଚକାଙ୍କରେ ଭାରତର ପ୍ରଦର୍ଶନ ଯାଞ୍ଚ କରିବେ ବୋଲି ସରକାର ଘୋଷଣା କରିଥିଲେ। ଭାରତର ର୍ୟାଙ୍କିଙ୍ଗ୍‌ରେ କିଭଳି ଉନ୍ନତି ଅଣାଯାଇପାରିବ ସେଥିପାଇଁ ୪୭ କେନ୍ଦ୍ର ମନ୍ତ୍ରଣାଳୟ ଏବଂ ବିଭାଗଗୁଡ଼ିକୁ ନେଇ ଏକ ବୈଠକ ବି କରାଯାଇଥିଲା। ତେବେ ତା'ପରଠାରୁ କ'ଣ ଘଟିଛି ଆସନ୍ତୁ ଦେଖିବା। ଜାତିସଂଘ ମାନବ ବିକାଶ ସୂଚକାଙ୍କରେ ଆମେ ଗୋଟିଏ ସ୍ଥାନ ତଳକୁ ଖସିଛୁ। ବାଳିକାମାନଙ୍କ ଶିକ୍ଷା ଓ ସ୍ୱାସ୍ଥ୍ୟରେ ହାରାହାରି ଆୟ ଏବଂ ବିନିବେଶରେ ହ୍ରାସ ଯୋଗୁ ଏହା ଘଟିଛି। ଜାତିସଂଘ ବିଶ୍ୱ ଖୁସି ରିପୋର୍ଟ ଖୁସିର ମାନକ ନୁହେଁ। ଏହା ମୁଣ୍ଡପିଛା ମୋଟ ଘରୋଇ ଉତ୍ପାଦର, ଆୟୁ ସମ୍ଭାବ୍ୟତା, ସ୍ୱାଧୀନତା ଏବଂ ଭ୍ରଷ୍ଟାଚାର ସମ୍ପର୍କରେ ସମୀକ୍ଷା କରେ। ଏଥିରେ ଭାରତ ୧୯ଟି ସ୍ଥାନ ତଳକୁ ଖସିଛି। ବିଶ୍ୱ କ୍ଷୁଧା ସୂଚକାଙ୍କ ବିଶ୍ୱରେ କ୍ଷୁଧା, ପିଲାମାନଙ୍କର ଷ୍ଟଣ୍ଟିଂ(ବୟସ ଅନୁପାତରେ କମ୍ ଉଚ୍ଚତା) ଏବଂ ଅପପୁଷ୍ଟିର ମୂଲ୍ୟାଙ୍କନ କରେ। ଏଥିରେ ଆମେ ୪୬ ଟି ସ୍ଥାନ ଖସି ପାକିସ୍ତାନ, ନେପାଳ ଏବଂ ବାଂଲାଦେଶ ପଛରେ ରହିଛୁ। ଆମେରିକାରେ ବାମପନ୍ଥୀ ସଂସ୍ଥାଗୁଡ଼ିକ ଦ୍ୱାରା ସଞ୍ଚାଳିତ କାଟୋ ହ୍ୟୁମ୍ୟାନ ଫ୍ରିଡମ୍ ଇଣ୍ଡେକ୍ସରେ ଭାରତ ର୍ୟାଙ୍କରେ ୪୪ ସ୍ଥାନ ତଳକୁ ଖସିଛି। ଭାରତରେ ଆଇନର ଶାସନ, ଧାର୍ମିକ ଏବଂ ବ୍ୟବସାୟିକ ସ୍ୱାଧୀନତାରେ ହ୍ରାସ ଯୋଗୁ ଏଭଳି ପରିଣାମ ଆସିଛି। ୱାର୍ଲ୍ଡ ଇକୋନୋମିକ ଫୋରମ୍ ବୈଶ୍ୱିକ ଲିଙ୍ଗଗତ ପ୍ରଭେଦ ସୂଚକାଙ୍କ ପ୍ରକାଶ କରେ। ଏହା ଲିଙ୍ଗଗତ ସମାନତାରେ କ'ଣ ଅଗ୍ରଗତି ହୋଇଛି ତାହା ଅବଲୋକନ କରେ। ତେବେ ଏଥିରେ ଭାରତ ୨୬ ସ୍ଥାନ ତଳକୁ ଆସିଛି। ବିଶ୍ୱ ବ୍ୟାଙ୍କ ଏହାର ଓମେନ, ବିଜ୍‌ନେସ ଆଣ୍ଡ ଲ' ଇଣ୍ଡେକ୍ସ ମାଧ୍ୟମରେ ମହିଳାଙ୍କ ଆର୍ଥିକ ସୁଯୋଗଗୁଡ଼ିକର ପର୍ଯ୍ୟବେକ୍ଷଣ କରେ। ଏଥିରେ ବି ଭାରତ ୧୩ଟି ର୍ୟାଙ୍କ ନିମ୍ନକୁ ଆସିଛି। ସ୍ମାର୍ଟ ସିଟି ସୂଚକାଙ୍କ ନାଗରିକମାନଙ୍କ ପାଇଁ ସ୍ୱାସ୍ଥ୍ୟ, ସୁରକ୍ଷା, କାର୍ଯ୍ୟକଳାପ ଏବଂ ସୁଯୋଗଗୁଡ଼ିକ ଉପରେ ଅନୁଧ୍ୟାନ କରିଥାଏ। ଏହି ସୂଚକାଙ୍କରେ ଦିଲ୍ଲୀ ୧୮ଟି ସ୍ଥାନ, ବେଙ୍ଗାଲୁରୁ ୧୬, ହାଇଦ୍ରାବାଦ ୧୮ ଏବଂ ମୁମ୍ବାଇ ୧୫ଟି ସ୍ଥାନ ତଳକୁ ଖସିଛନ୍ତି। ଆକ୍ସେସ ନାଓ ଟ୍ରାକର୍ ବିଶ୍ୱରେ ଇଣ୍ଟରନେଟ ଶଟ୍‌ଡାଉନ ଉପରେ ଅନୁଧ୍ୟାନ କରିଥାଏ। ଏଥିରେ ବିଶ୍ୱରେ ଆଗୁଆ ଦେଶ ହୋଇଛି ଭାରତ। ୨୦୧୯ରେ ବିଶ୍ୱର ମୋଟ ୨୧୩ ଶଟ୍‌ଡାଉନ ମଧ୍ୟରୁ ୫୬% ଭାରତରେ ହିଁ ଘଟିଥିଲା। ୨୦୨୦ରେ ମୋଟ ବୈଶ୍ୱିକ ଶଟ୍‌ଡାଉନ ୧୫୫ ମଧ୍ୟରୁ ୭୦% ଭାରତରେ ହୋଇଥିଲା।

ବୈଶ୍ୱିକ ଆର୍‌ଟିଆଇ ରେଟିଂରେ ଭାରତ ୪ଟି ର୍ୟାଙ୍କ ତଳକୁ ଖସି ନିଜକୁ ଅପାରଦର୍ଶୀ ସାବ୍ୟସ୍ତ କରିଛି। ଏହା ବ୍ୟତୀତ ଗଣତାନ୍ତ୍ରିକ ଦେଶ ଭାବେ ଭାରତ ତା' ପ୍ରତିଷ୍ଠା ହରାଇଥିବା ୟୁନିଭର୍ସିଟି ଅଫ୍ ଗୁଟେନବର୍ଗର ଭାରିଟିଜ୍ ଅଫ୍ ଡେମୋକ୍ରାସି ଆକଳନ ଦର୍ଶାଇଥିଲା। ଏହା ଭାରତକୁ ଏକ 'ନିର୍ବାଚନୀ ସ୍ୱେଚ୍ଛାଚାର' ଭାବେ ବର୍ଗୀକୃତ କରି ତୁର୍କୀ ଓ ହଙ୍ଗେରି ସହ ସ୍ଥାନିତ କରିଥିଲା। ବାକ୍, ଗଣମାଧ୍ୟମ ଓ ନାଗରିକ ସମାଜ ସ୍ୱାଧୀନତାରେ ପାକିସ୍ତାନ ଭଳି ଭାରତ ଏକଚ୍ଛତ୍ରବାଦୀ ହେବା ସହ ଏହା ନେପାଳ ଓ ବାଂଲାଦେଶ ଠାରୁ ମଧ୍ୟ ଖରାପ ରହିଥିଲା ବୋଲି ପ୍ରକାଶ କରିଥିଲା। ଅନ୍ୟପଟେ ଆମେରିକାର ଫ୍ରିଡମ ହାଉସ୍‌ର ରିପୋର୍ଟ ଅନୁଯାୟୀ ବିଶ୍ୱରେ ସ୍ୱାଧୀନତା କ୍ଷେତ୍ରରେ ଭାରତ 'ସ୍ୱାଧୀନ'ରୁ 'ଆଂଶିକ ସ୍ୱାଧୀନ'ସ୍ତରକୁ ଚାଲିଯାଇଛି। କଶ୍ମୀର 'ଆଂଶିକ ସ୍ୱାଧୀନ'ରୁ 'ସ୍ୱାଧୀନତା ବିହୀନ' ସ୍ଥିତିକୁ ଯାଇଥିବା କହିଛି। ସିଭିକସ୍ ମନିଟର୍‌ର ନ୍ୟାଶନାଲ ସିଭିକ୍ ସ୍ପେଶ୍ ର୍ୟାଙ୍କିଙ୍ଗ ଅନୁଷ୍ଠାନ, ଶାନ୍ତିପୂର୍ଣ୍ଣ ସମାବେଶ ଏବଂ କହିବାର ଅଧିକାର ଉପରେ ପର୍ଯ୍ୟବେକ୍ଷଣ କରିଥାଏ। ଏହା ଅନୁଯାୟୀ ଭାରତ ସ୍ୱାଧୀନତା ଅବରୋଧକ ନୁହେଁ, ବରଂ ଦମନକାରୀ ପାଲଟିଯାଇଛି। ଇକୋନୋମିଷ୍ଟ ଇଣ୍ଟେଲିଜେନ୍ସ ୟୁନିଟ୍‌ର ଡେମୋକ୍ରାସି ସୂଚକାଙ୍କରେ ଭାରତ ୧୯ ଟି ର୍ୟାଙ୍କ ଖସିଛି। ଭାରତ ସେନା ଦକ୍ଷତା ଏବଂ ବିଶ୍ୱକୁ ପ୍ରଭାବିତ କରିବାର କ୍ଷମତା ହରାଇଛି। ଲୋୱି ଇନ୍‌ଷ୍ଟିଚ୍ୟୁଟର ଏସିଆ ପାୱାର ଇଣ୍ଡେକ୍ସରେ ଲଦାଖ ଘଟଣା ପରେ ୨୦୨୦ରେ ଭାରତ ଏହାର 'ପ୍ରମୁଖ ଶକ୍ତି' ମାନ୍ୟତା ହରାଇଛି। ବିଶ୍ୱ ପ୍ରେସ୍ ସ୍ୱାଧୀନତା ସୂଚକାଙ୍କର ଭାରତ ୧୦ଟି ସ୍ଥାନ ନିମ୍ନକୁ ଆସିଛି। ଏବେ ବିଶ୍ୱ ବାୟୁ ଗୁଣବତ୍ତା ସୂଚକାଙ୍କରେ ଭାରତ ବିଶ୍ୱର ସବୁଠୁ ପ୍ରଦୂଷିତ ୩୦ଟି ସହର ମଧ୍ୟରେ ଭାରତର ୨୨ଟି ରହିଥିଲା। ୨୦୧୭ ପରେ ଏଥିରେ ୧୧ଟି ସହର ଯୋଡ଼ିହୋଇଛି। ୟେଲେ ପରିବେଶଗତ ପ୍ରଦର୍ଶନ ସୂଚକାଙ୍କ ଜୈବ ଶୃଙ୍ଖଳା ଉପରେ ଅନୁଧ୍ୟାନ କରିଥାଏ। ଏହାର ର୍ୟାଙ୍କିଙ୍ଗ୍‌ରେ ଭାରତ ୧୩ଟି ସ୍ଥାନ ତଳକୁ ଆସି ପାକିସ୍ତାନ, ନେପାଳ ଓ ବାଂଲାଦେଶ ପଛକୁ ଚାଲିଯାଇଛି। ସେହିଭଳି କ୍ଲାଇମେଟ ରିସ୍କ ଇଣ୍ଡେକ୍ସରେ ୧୩ ସ୍ଥାନ ନିମ୍ନଗାମୀ ହୋଇ ପୁନଶ୍ଚ ବାଂଲାଦେଶ ଓ ପାକିସ୍ତାନ ପଛରେ ଅଛି। ଭାରତ ମଧ୍ୟ ଶତତ ବିକାଶ ସୂଚକାଙ୍କରେ ୧୦ଟି ସ୍ଥାନ ତଳକୁ ଆସିଛି।

ଅଗଷ୍ଟ ୨୦୨୦ରେ ବୈଶ୍ୱିକ ତାଲିକାରେ ଭାରତର ର୍ୟାଙ୍କିଙ୍ଗ୍ ବଢ଼ାଇବାକୁ ଭାବମୂର୍ତ୍ତି ସୁଧାରିବା ପାଇଁ ମୋଦି ସରକାର ମିଡିଆ ପ୍ରଚାର ଯୋଜନା କରିଥିବା ଜଣାପଡ଼ିଥିଲା। ଯୋଜନା ମୁତାବକ ବିଭିନ୍ନ ପ୍ରକାର ମିଡିଆ ଓ ମନ୍ତ୍ରଣାଳୟ ଦ୍ୱାରା ଗଠିତ ୱେବ୍‌ସାଇଟକୁ ସାମିଲ କରାଯିବ ବୋଲି କୁହାଯାଇଥିଲା। ଏହି ପ୍ରଚାର ଭାରତ ଏବଂ ବିଶ୍ୱ ଦର୍ଶକଙ୍କ ସମ୍ମୁଖରେ ଭାରତର ଦୃଷ୍ଟିକୋଣକୁ ଦର୍ଶାଇ ଏକ ଭାବମୂର୍ତ୍ତି ଗଢିବା ସହ ବୈଶ୍ୱିକ ସୂଚକାଙ୍କର ମାପଦଣ୍ଡ ଏବଂ ତଥ୍ୟ ଉତ୍ସରେ ଥିବା ସମସ୍ୟାଗୁଡ଼ିକୁ ପ୍ରଚାର କରିବା ଲାଗି କୁହାଯାଇଥିଲା। ହେଲେ ପ୍ରଚାର କେମିତି ଭାରତର ର୍ୟାଙ୍କିଙ୍ଗ୍ ବଢ଼ାଇଲା ସେ ସମ୍ପର୍କରେ କିଛି କୁହାଗଲା ନାହିଁ। ଅଗଷ୍ଟ ୨୦୨୦ ପରେ, ଭାରତର ର୍ୟାଙ୍କିଙ୍ଗ ନିମ୍ନଗାମୀ ହେଉଥିବାରୁ ସୂଚକାଙ୍କଗୁଡ଼ିକୁ ସମର୍ଥନ କରିବେ ନାହିଁ ବୋଲି ସରକାର ନିଷ୍ପତ୍ତି ନେଲେ। ଏହା ପରିବର୍ତ୍ତେ ସରକାର କହିଲେ ଯେ, ସେଗୁଡ଼ିକ ଭୁଲ୍ ଓ ପକ୍ଷପାତପୂର୍ଣ୍ଣ। ଯାହାହେଲେ ବି ସୂଚକାଙ୍କ ପ୍ରକାଶ ପାଇ ଚାଲିବ ଏବଂ ଭାରତ ଏମିତି ତଳକୁ ଖସି ଚାଲୁଥିବ। ସମସ୍ୟା ସୁଧାରିବା ପାଇଁ, ପ୍ରଥମେ ଜଣକୁ ସମସ୍ୟାଟିକୁ ଗ୍ରହଣ କରିବାକୁ ହେବ। ତା'ହେଲେ କ'ଣ ଭୁଲ ରହିଛି ଜଣେ ଭାବିବ ଏବଂ କି ପଦକ୍ଷେପ ନେବାକୁ ହେବ ବିଚାର କରିବ। ଆମେ ଆଜି ଅମୃତକାଳ ପର୍ଯ୍ୟାୟକୁ ଚାଲିଯାଇଥିବାରୁ ଏବେ କିଛି ବି ତ୍ରୁଟି ନାହିଁ ବୋଲି ବିଚାର କରୁଛୁ। ଏଥିପାଇଁ ଏହି ଧାରାରେ ଆମେ ଯେତେ ଯାଏ ପାରିବା ତଳକୁ ଖସିଚାଲୁଥିବା।

Email:aakar.patel@gmail.com

# ମାନବ ସେବାରେ ରେଡ୍‌କ୍ରସ



ମୋହନ ଚରଣ ବିଷି

ଯୁଦ୍ଧ ସରିଯାଇଛି। ଯୁଦ୍ଧର ବିଭୀଷିକାକୁ ଦେଖି ମ୍ରିୟମାଣ ହୋଇଛନ୍ତି। ପାରିବାଯାଏ ଆହତ, ମୁମୂର୍ଷୁ ସୈନିକମାନଙ୍କର ସେବା, ଶୁଶ୍ରୂଷା କରିଛନ୍ତି। ଏହି ଯୁଦ୍ଧର ଭୟବହତାକୁ ସେ ବର୍ଣ୍ଣନା କରନ୍ତି ''ମେମୋରି ଅଫ୍ ସଲ୍‌ଫରିନୋ'' ନାମରେ। ଏହି ପୁସ୍ତକ ହିଁ ଏକ ଅନ୍ତର୍ଜାତୀୟ ସେବା ସଂସ୍ଥା ସ୍ଥାପନ ପାଇଁ ସମ୍ଭାବନା ସୃଷ୍ଟି କରିଥିଲା। ଶେଷରେ ସ୍ୱପ୍ନ ସଫଳ ହୋଇଥିଲା। ୧୮୬୩ରେ ଜନ୍ମଲାଭ କଲା ରେଡ୍‌କ୍ରସ। ଏହାର ଜନ୍ମଦାତା ଭାବରେ ସାର୍ ଜନ୍ ହେନେରୀ ଡୁନାଣ୍ଟ ପ୍ରସିଦ୍ଧି ଲାଭ କରନ୍ତି।

ଡୁନାଣ୍ଟଙ୍କ ଜନ୍ମ ୮ମେ' ୧୮୨୮ରେ ସ୍ୱିଜରର୍ଲାଣ୍ଡର ଜେନେଭା ସହରରେ । ସେ ହେଉଛନ୍ତି ଜିନ୍ ଜାକ୍ୟୁସ୍ ଡୁନାଣ୍ଟ ଓ ଆଣ୍ଟୋ ଇନେଟି ଡୁନାଣ୍ଟଙ୍କ ପ୍ରଥମ ସନ୍ତାନ। ଡୁନାଣ୍ଟ ଜଣେ ସାମାଜିକ କର୍ମୀ, ମାନବବାଦୀ ତଥା ଜଣେ ବ୍ୟବସାୟୀ ଥିଲେ। ବ୍ୟବସାୟ ଉଦ୍ଦେଶ୍ୟରେ ଯାଇଥିବା ବେଳେ ୨୪ ଜୁନ ୧୮୫୯ରେ ସେ ସଲ୍‌ଫରିନୋ ସହରରେ ପହଞ୍ଚିଥିଲେ। ସେହି ସମୟରେ ଫ୍ରାନ୍ସର ନେପୋଲିୟନ ତୃତୀୟ, ସାରାଦିଆନର ଭିକ୍ଟର ଇମାନୁଏଲ ଦ୍ୱିତୀୟ ଓ ଅର୍ଷ୍ଟିଆର ଫ୍ରାନ୍‌ଜ ଜୋଶେଫଙ୍କ ମଧ୍ୟରେ ଯୁଦ୍ଧ ହୋଇ ସାରିଥିଲା। ପାଖାପାଖି ୪୦ ହଜାର ସୈନିକ ଓ ସାଧାରଣ ଲୋକ ଯୁଦ୍ଧରେ କ୍ଷତିଗ୍ରସ୍ତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ଅନେକ ମୃତ୍ୟୁବରଣ କରିଥିଲେ, କିଛି ବିକଳାଙ୍ଗ, ଆଉ କିଛି ଆହତ ହୋଇ ଛଟପଟ ହେଉଥିଲେ। ଡୁନାଣ୍ଟ ଏହି ଦୃଶ୍ୟ ଦେଖି ଆହତମାନଙ୍କୁ ଚିକିତ୍ସା କରିବା ପାଇଁ ଲାଗିପଡିଲେ। ଅର୍ଷ୍ଟିଆର କିଛି ଡାକ୍ତର ମଧ୍ୟ ଡୁନାଣ୍ଟଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ସେବାରେ ଲାଗିଥିଲେ। ଏହି ଯୁଦ୍ଧର ଭୟାବହତାକୁ ୧୮୬୨ରେ ''ମେମୋରି ଅଫ୍ ସଲ୍‌ଫରିନୋ'' ପୁସ୍ତକ ଆକାରରେ ପ୍ରକାଶ କଲେ। ନିଜ ଉଦ୍ୟମରେ ଏହି ପୁସ୍ତକର ୧୬୦୦ କପି କରିଥିଲେ। ଉକ୍ତ ପୁସ୍ତକ ଦ୍ୱାରା ପ୍ରଭାବିତ ହୋଇ ଅନେକ ରାଷ୍ଟ୍ରନାୟକ ଏକ ପକ୍ଷପାତିତା ବିହୀନ ସଂଘ ଗଠନ କରିବା ପାଇଁ ମନ ବଳାଇଥିଲେ। ସେବା ଉଦ୍ଦେଶ୍ୟରେ ଏକ ଆନ୍ତର୍ଜାତିକ ସଂସ୍ଥା ଗଠନ ପାଇଁ ପ୍ରଥମ ବୈଠକ ୧୭.୦୩.୧୮୬୩ରେ ବସିଥିଲା। ଏଥିରେ ଡୁନାଣ୍ଟଙ୍କ ସମେତ ଥିଲେ ମେୟନିର, ଆର୍ମି ଜେନେରାଲ ଡୁଫୋଇ, ଡାକ୍ତର ଲୁଇସ୍ ଏପି, ଥିଓଡର ମଉରିଅର। ଉକ୍ତ ବୈଠକ ପରେ ଏକ ଅନ୍ତର୍ଜାତୀୟ ସଂସ୍ଥା ଗଠନ ପାଇଁ ସୁଗମ ହୋଇଥିଲା। ୯ ଫେବୃୟାରୀ ୧୮୬୩ରେ ସୃଷ୍ଟି ହେଲା ଅନ୍ତର୍ଜାତୀୟ ସଂସ୍ଥା ରେଡ୍‌କ୍ରସ। ୧୮୬୪ରେ ଜେନେଭା କନ୍‌ଭେନ୍‌ଶନରେ ବିଭିନ୍ନ ନିୟମ ପ୍ରଣୟନ କରାଗଲା। ଯୁଦ୍ଧରେ ଆହତ ସୈନିକମାନଙ୍କୁ ଜାତି, ବର୍ଣ୍ଣ, ଧର୍ମ ଓ ଦେଶ ନିର୍ବିଶେଷରେ ସେବା ପ୍ରଦାନ କରିବା। ଏହିପରି ବିଶ୍ୱରେ ଭ୍ରାତୃଭାବ ଓ ସେବା ସହଯୋଗ ପାଇଁ ସଭ୍ୟ ରାଷ୍ଟ୍ର ଏହିସବୁ ନିୟମରେ ହସ୍ତାକ୍ଷର କରିବ। ପରବର୍ତ୍ତୀ ସମୟରେ ଏହିସବୁ ନିୟମକୁ ଆହୁରି ସାର୍ବଜନୀନ କରାଯାଇ ନୂଆ ନିୟମ ସଂଯୋଗ ହୋଇଛି। ରେଡ୍‌କ୍ରସର ଏକ ପତାକା ରହିଲା। ବିଭିନ୍ନ ଚିହ୍ନ ରେଡ୍‌କ୍ରସ ପତାକାରେ ବ୍ୟବହାର ହେଇ ଶେଷରେ ରେଡ୍‌କ୍ରସ, ରେଡ୍ କ୍ରିସାଣ୍ଟ ଓ ରେଡ୍ କ୍ରିଜାଣ୍ଟ ହିଁ ସ୍ଥାନ ପାଇଲା। ଦେଶ ଭିତ୍ତିରେ ଏହି ଚିହ୍ନ ବ୍ୟବହାର ହେଲା। ଚିହ୍ନର ରଙ୍ଗ ସବୁ ଲାଲ ରହିଲା।





ବିଶ୍ୱ ରେଡ୍‌କ୍ରସ ଦିବସ ଉପଲକ୍ଷେ

ଡୁନାଣ୍ଟ ଓ ତାଙ୍କ ସାଥୀମାନଙ୍କ ମାର୍ଗଦର୍ଶନରେ ଅନେକ ଦେଶରେ ପ୍ରତିଷ୍ଠା ହୁଏ ରେଡ୍‌କ୍ରସ ସଂସ୍ଥା। ବିଧିବଦ୍ଧ ଭାବେ ୧୯୧୯ରେ ପ୍ରତିଷ୍ଠା ହେଲା ଅନ୍ତର୍ଜାତୀୟ ରେଡ୍‌କ୍ରସ ସଂସ୍ଥା, ଯାହାର ସଦସ୍ୟ ୧୯୦ ଦେଶ ଅଛନ୍ତି। ଏହି ଅନ୍ତର୍ଜାତୀୟ ସଂସ୍ଥାରେ ପାଖାପାଖି ୯୭ ମିଲିୟନ ସ୍ୱେଚ୍ଛାସେବୀ କାମ କରନ୍ତି। ସମ୍ପୃକ୍ତ ସ୍ୱେଚ୍ଛାସେବୀମାନେ ୧୬୦ ମିଲିୟନ ଲୋକଙ୍କୁ ସହଯୋଗ କରିଥା'ନ୍ତି। ରେଡ୍‌କ୍ରସର ୭ଟି ନିୟମ ବା ସଂକଳ୍ପ ରହିଛି ଯଥା– ମାନବିକତା, ନିଷ୍ପକ୍ଷତା, ନିରପେକ୍ଷତା, ସ୍ୱାଧୀନତା, ସ୍ୱଇଚ୍ଛା ସେବା, ଏକତା ଓ ବିଶ୍ୱଭ୍ରାତୃତ୍ୱ। ରେଡ୍‌କ୍ରସର ଜଣେ ସ୍ୱେଚ୍ଛାସେବୀ ଏହି ୭ଟି ଅଳଙ୍କାରରେ ଭୂଷିତ ହୋଇଥାଏ ଏବଂ ତା'ର କାର୍ଯ୍ୟ ମଧ୍ୟ ତଦନୁରୂପ ହୋଇଥାଏ। ତେବେ ତ ଦୁଇ ଦେଶ ମଧ୍ୟରେ ଯୁଦ୍ଧ ହେଉଥିଲେ ମଧ୍ୟ ଉଭୟ ପକ୍ଷର ଗୁଳି ରେଡ୍‌କ୍ରସ ସ୍ୱେଚ୍ଛାସେବୀଙ୍କୁ ବାଜେ ନାହିଁ। କେବଳ ରେଡ୍‌କ୍ରସ ଚିହ୍ନିତ ହୋଇ ସେବା କରୁଥିବା ଆବଶ୍ୟକ। ରେଡ୍‌କ୍ରସ ପ୍ରତିଷ୍ଠା କରି ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବ୍ୟକ୍ତିଗତ ଭାବରେ ଡୁନାଣ୍ଟ ୧୯୦୧ରେ ସମ୍ମାନଜନକ ନୋବେଲ ଶାନ୍ତି ପୁରସ୍କାର ପାଇଥିଲେ। ଏହା ବ୍ୟତୀତ ରେଡ୍‌କ୍ରସ ସଂସ୍ଥା ୧୯୧୭, ୧୯୪୪, ୧୯୬୩ରେ ନୋବେଲ ଶାନ୍ତି ପୁରସ୍କାର ପାଇସାରିଛି ଏବଂ ରେଡ୍‌କ୍ରସ ଘୋଷଣା କରିଛି ପରବର୍ତ୍ତୀ ସମୟରେ ନୋବେଲ ପୁରସ୍କାର ଆଉ ଗ୍ରହଣ କରିବ ନାହିଁ। ୧୯୪୮ରେ ପ୍ରଥମ କରି ବିଶ୍ୱ ରେଡ୍‌କ୍ରସ ଦିବସ ପାଳନ କରାଯାଇଥିଲା। ଏହାର ପରବର୍ତ୍ତୀ ସମୟରେ ଆନ୍ତର୍ଜାତିକ ରେଡ୍‌କ୍ରସ ସଂସ୍ଥା ଓ ରେଡ୍ କ୍ରିସାଣ୍ଟ ୧୯୮୪ ରେ ଘୋଷଣା ହୋଇ ପୃଥିବୀର ବିଭିନ୍ନ ରାଷ୍ଟ୍ରରେ ସେବା କାର୍ଯ୍ୟକ୍ରମ ସଫଳତା ସହ ଜାରି ରହିଛି। ସାର୍ ହେନେରୀ ଡୁନାଣ୍ଟଙ୍କ ଜନ୍ମ ତାରିଖରେ ପ୍ରତିବର୍ଷ ବିଶ୍ୱ ରେଡ୍‌କ୍ରସ ଦିବସ ପାଳନ ହୋଇ ଆସୁଅଛି।

୧୯୨୦ରେ କ୍ଲାଉଡ ହିଲ୍‌ଙ୍କ ଉଦ୍ୟମରେ ଭାରତରେ ରେଡ୍‌କ୍ରସ ସ୍ଥାପିତ ହୋଇଥିଲା। ବର୍ତ୍ତମାନ ଭାରତରେ ୩୫ଟି ଶାଖା ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ରହିଛି। ଭାରତରେ ବିଭିନ୍ନ ଜିଲା ଓ ସବ୍‌ଡିଭିଜନରେ ୭୦୦ଟି ଶାଖା ରହିଛି। ଦେଶରେ ଭାରତର ରାଷ୍ଟ୍ରପତି ରେଡ୍‌କ୍ରସର ସଭାପତି ଥିଲା ବେଳେ ରାଜ୍ୟଗୁଡ଼ିକରେ ରାଜ୍ୟପାଳ ରେଡ୍‌କ୍ରସର ମୁଖ୍ୟ ଭାବରେ କାର୍ଯ୍ୟ କରିଥା'ନ୍ତି। ଯୁବ ରେଡ୍‌କ୍ରସ ଓ ଜୁନିୟର ରେଡ୍‌କ୍ରସ ପରି ଶାଖାମାନଙ୍କରେ ହଜାର ହଜାର ସ୍ୱେଚ୍ଛାସେବୀ ସୃଷ୍ଟି ହୋଇ ସେବା ସହଯୋଗ ଚାଲୁ ରଖିଛନ୍ତି। ରେଡ୍‌କ୍ରସ କେବଳ ଚିକିତ୍ସା ସେବା କି ରକ୍ତଦାନରେ ସୀମିତ ନାହିଁ। ଦେଶରେ ଭୂମିକମ୍ପ, ବନ୍ୟା, ବାତ୍ୟା, ନିଆଁପୋଡ଼ି, ବିଭିନ୍ନ ମହାମାରୀ ସମୟରେ ଆଗକୁ ଆସି ସଚେତନ ଓ ସହଯୋଗ କରୁଛି। କୋଭିଡ୍ ମହାମାରୀରେ ସାରା ପୃଥିବୀରେ ସେବା ଯୋଗାଇ ଆସୁଛି ରେଡ୍‌କ୍ରସ। ଓଡ଼ିଶାରେ ରାଜ୍ୟ ରେଡ୍‌କ୍ରସ ଶାଖା ତରଫରୁ ନିୟମିତ କୋଭିଡ୍ ସଚେତନତା ଓ ସେବା ସହଯୋଗ ଚାଲୁ ରହିଛି। ରେଡ୍‌କ୍ରସ ବର୍ତ୍ତମାନ ପରିସ୍ଥିତିରେ ହଜି ଯାଇଥିବା ଲୋକମାନଙ୍କ ଥଇଥାନ ପାଇଁ ମଧ୍ୟ କାର୍ଯ୍ୟ କରୁଅଛି। ରେଡ୍‌କ୍ରସ ଓଡ଼ିଶା ରାଜ୍ୟ ଶାଖାର ଭୂମିକା ଏ ଦିଗରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ରେଡ୍‌କ୍ରସ ମାନବର ସେବା ପାଇଁ ଉତ୍ସର୍ଗୀକୃତ। ଆନ୍ତର୍ଜାତିକ ରେଡ୍‌କ୍ରସ ସଂଗଠନ ମାନବବାଦର ଜୟଗାନ କରିଥାଏ। ଏହାର ମୁଖ୍ୟ କାର୍ଯ୍ୟାଳୟ ସ୍ୱିଜରର୍ଲାଣ୍ଡର ଜେନେଭା ସହରରେ ଅବସ୍ଥିତ। ଏହି ସଙ୍ଗଠନର ଏକ ସମ୍ବିଧାନ ରହିଛି।

ଚଳିତ ବର୍ଷ ରେଡ୍‌କ୍ରସର ବାର୍ତ୍ତା ହେଉଛି– ମାନବ ପ୍ରତି ଦୟା ପ୍ରଦର୍ଶନ କରିବା। ମହାମାରୀ ସମୟରେ ମାନବ ପ୍ରତି ଯଥୋଚିତ ବ୍ୟବହାର ସ୍ନେହ, ସହାନୁଭୂତି, ଦୟାଭାବ ଉଦ୍ରେକ କରିବା। ସାରା ବିଶ୍ୱକୁ ନିଜର ପରିବାର ମନେକରିବା। ପରୋପକାର ପାଇଁ ଚେଷ୍ଟିତ ହେବା। ରେଡ୍‌କ୍ରସ ପରି ଏକ ଅନ୍ତର୍ଜାତୀୟ ସେବା ସଂସ୍ଥାର ସ୍ୱେଚ୍ଛାସେବୀ ହେବା ନିଶ୍ଚିତ ଭାବେ ଗର୍ବ ଓ ଗୌରବର କଥା।

ଗଡରାମାଲ, କୋକସରା, କଳାହାଣ୍ଡି
ମୋ: ୯୭୭୭୪୬୮୮୪୧

# ସିଆଇଏ ସିଟିଓ

ବ୍ୟକ୍ତିତ୍ୱ



ନନ୍ଦ୍ ମୁଲଚନ୍ଦାନି

ପ୍ରଥମ ଥର ପାଇଁ ଜଣେ ଭାରତୀୟ ବଂଶୋଦ୍ଭବ ନନ୍ଦ୍ ମୁଲଚନ୍ଦାନି ଆମେରିକାର ସେଣ୍ଟ୍ରାଲ ଇଣ୍ଟେଲିଜେନ୍ସ ଏଜେନ୍ସି (ସିଆଇଏ)ର ଚିଫ୍ ଟେକ୍ନୋଲୋଜି ଅଫିସର (ସିଟିଓ) ନିଯୁକ୍ତ ହୋଇଛନ୍ତି। ଆମେରିକୀୟ ଗୋଇନ୍ଦାର ଏକ ଉଚ୍ଚ ପଦବୀରେ ମୁଲଚନ୍ଦାନି ଅବସ୍ଥାପିତ ହେବା ସଂକ୍ରାନ୍ତରେ ଘୋଷଣା କରିବା ଅବସରରେ ସିଆଇଏର ନିର୍ଦ୍ଦେଶକ ୱିଲିୟମ୍ ଯୋଶେଫ୍ ବର୍ନସ କହିଛନ୍ତି, ତାଙ୍କ ଅଭିଜ୍ଞତା ସଂସ୍ଥାକୁ ଆଗକୁ ନେବାରେ ଯଥେଷ୍ଟ ସହାୟକ ହେବ।

ମୁଲଚନ୍ଦାନିଙ୍କ ଶିକ୍ଷା ଓ ଅଭିଜ୍ଞତା ବିଷୟରେ ଆଲୋଚନା କରିବା ପୂର୍ବରୁ ସିଆଇଏର ସ୍ୱରୂପ ବିଷୟରେ ଟିକେ ବର୍ଣ୍ଣନା କରିବା ଦରକାର ପଡୁଛି। ସିଆଇଏ ୱେବ୍‌ସାଇଟ୍ ଅନୁଯାୟୀ, ଏହା ଆମେରିକାର ଏକ ସରକାରୀ ସଂସ୍ଥା। ନ୍ୟାଶନାଲ ସିକ୍ୟୁରିଟି ଆଇନ ୧୯୪୭ ଅନୁଯାୟୀ ଏହା ଗଠନ କରାଯାଇଥିଲା। ଏହା ବିଶ୍ୱ ସ୍ତରରୁ ନିରାପତ୍ତା ସମ୍ବନ୍ଧୀୟ ଗୋଇନ୍ଦା ସୂଚନା ସଂଗ୍ରହ କରିବା ପରେ ତାହାକୁ ବିଶ୍ଳେଷଣ କରିଥାଏ। ଆମେରିକାର ଗୋଇନ୍ଦା ଗୋଷ୍ଠୀ (ଆଇସି)ର ସିଆଇଏ ଏକ ସଦସ୍ୟ ହୋଇଥିବାରୁ ତାହା ଦ୍ୱାରା ପ୍ରସ୍ତୁତ ରିପୋର୍ଟକୁ ନ୍ୟାଶନାଲ ଇଣ୍ଟେଲିଜେନ୍ସର ନିର୍ଦ୍ଦେଶକଙ୍କୁ ଦିଆଯାଇଥାଏ। ନିର୍ଦ୍ଦେଶକ ସମ୍ପୃକ୍ତ ରିପୋର୍ଟକୁ ରାଷ୍ଟ୍ରପତି ଓ କ୍ୟାବିନେଟ୍ ନିକଟରେ ଉପସ୍ଥାପନ କରିଥାଆନ୍ତି। ସିଆଇଏ କୌଣସି ନୀତି ପ୍ରଣୟନ କରେ ନାହିଁ। ସୂଚନା ଦେବାରେ ଏକ ସ୍ୱାଧୀନ ସଂସ୍ଥା ଭାବେ କାର୍ଯ୍ୟ କରୁଥିବାରୁ ତାହା ସ୍ୱଚ୍ଛତା ବଜାୟ ରଖିବାକୁ ସର୍ବଦା ଚେଷ୍ଟା କରିଥାଏ। ସାଧାରଣତଃ ସିଆଇଏ ଓ ଏଫ୍‌ବିଆଇ (ଫେଡେରାଲ ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେଶନ) ମଧ୍ୟରେ ଥିବା ତଫାତ୍‌କୁ ବୁଝିବାରେ କେତେକଙ୍କ ପାଇଁ ସହଜ ହୋଇ ନ ଥାଏ। ସେହି ସୂକ୍ଷ୍ମ ଫରକ୍‌କୁ ଦେଖିଲେ ସିଆଇଏ ପ୍ରତିରକ୍ଷା ବିଭାଗ ଅଧୀନରେ ଆସିଥାଏ। ଅନ୍ୟପକ୍ଷରେ ଏଫ୍‌ବିଆଇ ଆମେରିକାର ନ୍ୟାୟ ବିଭାଗ ଅଧୀନରେ କାର୍ଯ୍ୟ କରୁଥିବା ବେଳେ ଦେଶର ଆଭ୍ୟନ୍ତରୀଣ ପ୍ରସଙ୍ଗକୁ ପରିଚାଳନା କରେ। ଏହାର ପ୍ରାରମ୍ଭିକ କାର୍ଯ୍ୟ ଦେଶ ଭିତରେ ଆତଙ୍କବାଦକୁ ପ୍ରତିହତ କରିବା ସହିତ ସଂଘୀୟ ଆଇନ କାର୍ଯ୍ୟକାରୀ କରିବା। ଦେଶ ମଧ୍ୟରେ ହତ୍ୟା, ଆନ୍ତଃରାଜ୍ୟ ଅପରାଧ ଓ ଅପହରଣ ଆଦି ମାମଲାର ତଦନ୍ତ କ୍ଷେତ୍ରରେ ସହାୟତା କରିବାରେ ଏଫ୍‌ବିଆଇ ପଦକ୍ଷେପ ନେଇଥାଏ। ଏସବୁ ଦୃଷ୍ଟିରୁ ଦେଖିଲେ ସିଆଇଏର ପରିସର ବ୍ୟାପକ ରହୁଛି। ଏଭଳି ଏକ ସଂସ୍ଥାରେ ମୁଲଚନ୍ଦାନି ମୁଖ୍ୟ ପ୍ରଯୁକ୍ତି ଅଧିକାରୀ ହୋଇଥିବାରୁ ତାଙ୍କ ଆଗରେ ଅନେକ ଆହ୍ୱାନ ରହିବା ସ୍ୱାଭାବିକ।

ନନ୍ଦ୍ ମୁଲଚନ୍ଦାନିଙ୍କ ପାଠପଢ଼ା ଦିଲ୍ଲୀରେ ଆରମ୍ଭ ହୋଇଥିଲା। ବ୍ଲୁବେଲ୍‌ସ ସ୍କୁଲ ଇଣ୍ଟରନ୍ୟାଶନାଲରୁ ଉତ୍ତୀର୍ଣ୍ଣ ହେବା ପରେ ନ୍ୟୁୟର୍କର କର୍ନେଲ ବିଶ୍ୱବିଦ୍ୟାଳୟରୁ କମ୍ପ୍ୟୁଟର ସାଇନ୍ସ ଓ ଗଣିତରେ ଡିଗ୍ରୀ ଅର୍ଜନ କରିଥିଲେ। ପରେ ଷ୍ଟାନ୍‌ଫୋର୍ଡରୁ ମ୍ୟାନେଜମେଣ୍ଟରେ ମାଷ୍ଟର ଅଫ୍ ସାଇନ୍ସ ଏବଂ ହାର୍ଭାର୍ଡରୁ ମାଷ୍ଟର ଅଫ୍ ପବ୍ଲିକ୍ ଆଡ୍‌ମିନିଷ୍ଟ୍ରେଶନ ଡିଗ୍ରୀ ମଧ୍ୟ ସେ ହାସଲ କରିଥିଲେ। ସିଆଇଏରେ ଯୋଗଦେବା ପୂର୍ବରୁ ସେ ଆମେରିକାର ପ୍ରତିରକ୍ଷା ବିଭାଗର ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ସେଣ୍ଟରର ସିଟିଓ ତଥା କାର୍ଯ୍ୟକାରୀ ନିର୍ଦ୍ଦେଶକ ଥିଲେ। ସିଲିକନ୍ ଭ୍ୟାଲିରେ ମୁଲଚନ୍ଦାନିଙ୍କ ୨୫ ବର୍ଷର ବୈଷୟିକ ଅଭିଜ୍ଞତା ରହିଛି। ସେ ଅନେକ ସଫଳ ଷ୍ଟାର୍ଟଅପ୍‌ର ସହ-ପ୍ରତିଷ୍ଠାତା ମଧ୍ୟ ହୋଇପାରିଛନ୍ତି। ସେଗୁଡ଼ିକ ମଧ୍ୟରେ ରହିଛି ଓପନ୍‌ଡିଏନ୍‌ଏସ୍ (ସିସ୍‌କୋ ଦ୍ୱାରା ଅଧିକୃତ), ଓବ୍ଲିକ୍ସ (ଓରାକଲ୍ ଅଧିକୃତ), ଡିଟରମିନା (ଭିଏମ୍‌ୱେର ଅଧୀନ) ଓ ସ୍କେଲ୍‌ଏକ୍ସଟ୍ରିମ୍ (ସିଟ୍ରିକ୍ସ ଅଧିକୃତ)।

ସିଆଇଏରେ ଯୋଗଦେବା ପରେ ମୁଲ୍‌ଚନ୍ଦାନି କହିଛନ୍ତି, ଏଭଳି ପଦବୀ ପାଇ ସେ ସମ୍ମାନିତ ହୋଇଛନ୍ତି। ସଂସ୍ଥାର ଅତୁଲ୍ୟ ପ୍ରଯୁକ୍ତିବିତ୍ ଓ ବିଶ୍ୱସ୍ତରୀୟ ଗୋଇନ୍ଦା କାର୍ଯ୍ୟରେ ଦକ୍ଷତା ରଖିଥିବା ବିଶେଷଜ୍ଞଙ୍କୁ ନେଇ ସେ କାର୍ଯ୍ୟ କରିବେ। ଦୀର୍ଘବର୍ଷର ଅଭିଜ୍ଞତାକୁ ନେଇ ହାସଲ କରିଥିବା ଜ୍ଞାନପୁଞ୍ଜି ସଂସ୍ଥାର ବିକାଶରେ ବ୍ୟୟ କରିବେ ବୋଲି ସେ କହିଛନ୍ତି।

ପାରିବାରିକ ଜୀବନ କହିଲେ ସର୍ବାଣି ବାନାର୍ଜୀ ଓ ଗୋଟିଏ ଝିଅକୁ ନେଇ ମୁଲ୍‌ଚନ୍ଦାନିଙ୍କ ସଂସାର। ଦିଲ୍ଲୀରେ ବଢ଼ିଥିବା ଛାତ୍ର ଏବେ ଆମେରିକାର ଏକ ପ୍ରମୁଖ ଗୋଇନ୍ଦା ସଂସ୍ଥାର ଅନ୍ୟତମ ସର୍ବୋଚ୍ଚ ପଦବୀରେ ଆସୀନ ହେବା ନିଶ୍ଚିତ ଭାବେ ପ୍ରଯୁକ୍ତିକୁ ନେଇ କ୍ୟାରିୟର କରୁଥିବା ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିବ। ଆନନ୍ଦର ବିଷୟ ଯେ, ଭାରତର ବହୁ ପ୍ରତିଭାସମ୍ପନ୍ନ ବ୍ୟକ୍ତି ଅମେରିକା ଓ ବ୍ରିଟେନ୍‌ର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଅବସ୍ଥାପିତ ହୋଇ ନିଜ କର୍ମଦକ୍ଷତାର ପ୍ରମାଣ ଦେଇପାରିଛନ୍ତି। ବୃତ୍ତି ପ୍ରତି ସେମାନଙ୍କ ନିଷ୍ଠାପର ଯୋଗଦାନ ଯୋଗୁ ଏସବୁ ସମ୍ଭବ ହୋଇପାରୁଥିବାରୁ ନୂଆ ପିଢ଼ି ସେଥିରୁ ପ୍ରେରଣା ପାଇବା ସ୍ୱାଭାବିକ।

– ଜିତେନ୍ଦ୍ର କୁମାର ନାୟକ

# ଏଇ ଭାରତରେ

ପୋଲିସ ସେବା ଭଳି କଠୋର ଦାୟିତ୍ୱ ମଧ୍ୟରୁ ସମୟ ବାହାର କରି ପିଲାମାନଙ୍କୁ ପଢ଼ାଇବା କିଛି କମ୍ କଥା ନୁହେଁ। ଏଭଳି କାର୍ଯ୍ୟ କରି ଅଯୋଧ୍ୟାରେ ଜଣେ ପୋଲିସ ଇନ୍ସପେକ୍ଟର ରଣଜିତ ସିଂ ଯାଦବ ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି। ଯାଦବ ବସ୍ତିର ପିଲାମାନଙ୍କୁ ମାଗଣାରେ ପଢ଼ାଉଛନ୍ତି। ତେବେ ଦୁଇ ଶିଫ୍ଟ କାମ କରି ଏହି ଅଭିଯାନ ଚଳାଇବା ତାଙ୍କ ପାଇଁ କଷ୍ଟକର ହେଲେ ମଧ୍ୟ ତାଙ୍କ ପିଲାଦିନର ସଂଘର୍ଷମୟ ଜୀବନ ତାଙ୍କୁ ଏଥିପାଇଁ ପ୍ରେରିତ କରିଛି ବୋଲି କୁହନ୍ତି ରଣଜିତ। କୃଷକ ପରିବାରରେ ଜନ୍ମିତ ରଣଜିତ ପିଲାଦିନେ ବହୁ କଷ୍ଟ କରିଛନ୍ତି। କ୍ଷେତରେ କାମ କରିବା ସହ ତାଙ୍କୁ ପଢ଼ିବାକୁ ପଡ଼ିଛି ଓ ସେଥିରେ ସେ ସଫଳ ହୋଇ ପୋଲିସ ଚାକିରି କରିଛନ୍ତି। ଏଣୁ ଅଯୋଧ୍ୟାର ଘାଟଗୁଡ଼ିକର ବସ୍ତିରେ ରହୁଥିବା ପିଲାମାନଙ୍କ ସ୍ଥିତିକୁ ସେ ଭଲ ଭାବେ ଅନୁଭବ କରି ଏହି ଅଭିଯାନ ଚଳାଇଛନ୍ତି ଓ ପୋଲିସ ଦାୟିତ୍ୱରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ସହ ପିଲାଙ୍କ ପାଇଁ ଶିକ୍ଷାର ବର୍ତ୍ତିକା ସାଜିଛନ୍ତି। ସେ ତାଙ୍କ ଶିକ୍ଷା ଅଭିଯାନର ନାମ ରଖିଛନ୍ତି 'ଆପନା ସ୍କୁଲ'। ଅଯୋଧ୍ୟା ଘାଟରେ ଚାଲିଥିବା ଏହି ସ୍କୁଲର ଶିକ୍ଷକ ରଣଜିତଙ୍କୁ ଲୋକେ 'ଖାକି ୱାଲେ ଗୁରୁଜୀ' ବୋଲି ସମ୍ବୋଧନ କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୮ ମେ ୧୯୯୭

- ବିଦ୍ରୋହୀମାନଙ୍କ କାର୍ଯ୍ୟକଳାପରେ ଅତିଷ୍ଠ ହୋଇ ଜାଇରେ ରାଷ୍ଟ୍ରପତି ମୋବୁଟୋ ସେସେ ସେକୋଙ୍କ ଦେଶତ୍ୟାଗ।
- ମୁମ୍ବାଇ ବୋମା ବିସ୍ଫୋରଣ ଘଟଣାରେ ସମ୍ପୃକ୍ତ ଥିବା କୁଖ୍ୟାତ ମାଫିଆ ଡନ୍ ଦାଉଦ୍ ଇବ୍ରାହିମ୍ ଏବଂ ତାଙ୍କର ୬ ଜଣ ସହଯୋଗୀଙ୍କୁ ଗିରଫ କରିବା ଲାଗି ସିବିଆଇକୁ କ୍ଷମତା ପ୍ରଦାନ।
- ଦକ୍ଷିଣ ତ୍ରିପୁରା ଜିଲ୍ଲାର ଅମରପୁର ସବ୍‌ଡିଭିଜନ ଅନ୍ତର୍ଗତ ବେଲାଗଞ୍ଜ ଖୁମଲୁଙ୍ଗ ଦୁର୍ଗମ ଅଞ୍ଚଳରେ ଅଜ୍ଞାତ ଆଦିବାସୀ ଉଗ୍ରପନ୍ଥୀମାନଙ୍କ ଆକ୍ରମଣରେ ୧୯ ଯବାନ ନିହତ।

# ପାଠକ ଶ୍ରେଷ୍ଠ ବିଚାରକ

## କଂଗ୍ରେସ ଭୋଟ ହାର କମୁଛି

ମହାଶୟ,

୨୦୧୯ ସାଧାରଣ ନିର୍ବାଚନ ପରଠୁ ରାଜ୍ୟରେ କଂଗ୍ରେସ ଏକପ୍ରକାର ନେତୃତ୍ୱ ବିହୀନ ହୋଇ ରହିଛି। ଏହାର ସ୍ଥିତି ବିଗିଡ଼ିବାରେ ଲାଗିଛି। ପଞ୍ଚାୟତ ନିର୍ବାଚନ ହେଉ ଅଥବା ପୌର ନିର୍ବାଚନ, ସବୁଠି କଂଗ୍ରେସ ଦଳର ପ୍ରଦର୍ଶନ ଅତ୍ୟନ୍ତ ଶୋଚନୀୟ ରହିଛି। ୨୦୧୯ ବିଧାନସଭା ନିର୍ବାଚନରେ ୧୬ ପ୍ରତିଶତ ଭୋଟ ପାଇଥିବା କଂଗ୍ରେସ ଦଳର ଭୋଟ ଚଳିତ ପଞ୍ଚାୟତ ନିର୍ବାଚନରେ ୧୩ ପ୍ରତିଶତକୁ ଖସି ଆସିଲା। ଇତିମଧ୍ୟରେ ରାଜ୍ୟରେ ଅନୁଷ୍ଠିତ ହୋଇଥିବା ସମସ୍ତ ଉପନିର୍ବାଚନରେ କଂଗ୍ରେସ ତୃତୀୟ ସ୍ଥାନରେ ରହିଥିବା ବେଳେ କେବଳ ତିର୍ତ୍ତୋଲକୁ ଛାଡ଼ି ଅନ୍ୟ ସମସ୍ତ ସ୍ଥାନରେ ଦଳ ଅମାନତ ହରାଇଲା। ବହୁ ଟାଣୁଆ ନେତା ଦଳର କାର୍ଯ୍ୟକଳାପ ଉପରେ ଅସନ୍ତୋଷ ପ୍ରକାଶ କରି ଦଳରୁ ଇସ୍ତଫା ଦେଇଛନ୍ତି। ଏଭଳି ପରିସ୍ଥିତିରେ ରାଜ୍ୟ କଂଗ୍ରେସକୁ ନୂଆ ନେତୃତ୍ୱ ଯଥାଶୀଘ୍ର ଆବଶ୍ୟକ। ତୃଣମୂଳ ସ୍ତରୀୟ ସଂଗଠନକୁ ସୁଦୃଢ଼ କରିବାର ଦକ୍ଷତା ରଖିଥିବା ଜଣେ ରାଜନେତାଙ୍କୁ ଯଥାଶୀଘ୍ର ଏହି ପଦରେ ବସାଇବାର ସମୟ ଆସିଛି।

– ରତୁରାଜ ପ୍ରଧାନ, ତମାଣ୍ଡୋ, ଭୁବନେଶ୍ୱର

## ବହୁ ଟ୍ରେନ୍ ସାକ୍ଷୀଗୋପାଳରେ ରହୁନି

ମହାଶୟ,

କରୋନାର ଭୟଙ୍କର ପ୍ରଭାବ ଯୋଗୁ ଏବଂ ଲୋକମାନଙ୍କର ଜୀବନରକ୍ଷା ଦୃଷ୍ଟିରୁ କେତେକ ଟେନ୍‌କୁ ରେଳବାଇ କର୍ତ୍ତୃପକ୍ଷ ବାତିଲ କରିଦେଲେ। ଫଳରେ ସାକ୍ଷୀଗୋପାଳରେ ସଟଲ ଟ୍ରେନ, ଜଗନ୍ନାଥ ଏକ୍ସପ୍ରେସ, ପୁରୀ– ହାଓଡା ଏକ୍ସପ୍ରେସ, ଉତ୍କଳ ଏକ୍ସପ୍ରେସ, ପୁରୀ– ଖୋର୍ଦ୍ଧା ପାସେଞ୍ଜର ଗାଡ଼ିଗୁଡ଼ିକ ରହୁନି। ଜନସାଧାରଣଙ୍କ ମନରେ ଅସନ୍ତୋଷ ସୃଷ୍ଟି ହୋଇଛି । କରୋନାର ପ୍ରଭାବ ସମ୍ପୂର୍ଣ୍ଣ ବନ୍ଦ ନ ହେଲେ ମଧ୍ୟ ବହୁ ପରିମାଣରେ କମିଯାଇଛି। ଲୋକମାନେ ଭୟପ୍ରଦ ଜୀବନ ଯାତ୍ରାରୁ ରକ୍ଷା ପାଇଛନ୍ତି। ଏହା ସତ୍ତ୍ୱେ ବନ୍ଦ ହୋଇଥିବା ଟ୍ରେନ୍‌ଗୁଡ଼ିକ ଚାଲୁ ନ କରିବାର କାରଣ କ'ଣ। ଏ ବିଷୟରେ କୌଣସି ପଦକ୍ଷେପ ନିଆଯାଉନି। ଉପରୋକ୍ତ ଗାଡ଼ିସବୁ ସାକ୍ଷୀଗୋପାଳ ଷ୍ଟେଶନରେ ନ ରହିବା ଦ୍ୱାରା ଲୋକମାନେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ବାତିଲ ହୋଇଥିବା ଟ୍ରେନ୍‌ଗୁଡ଼ିକୁ ତୁରନ୍ତ ଚଳାଯାଉ।

–ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଫୁଲେ ଫୁଲେ ଧରା ଉଠେ ଫୁଲି ଯେ
ଯୌବନ ଶିରୀ ଯାଏ ଭୁଲି
ଶିଶୁ ଯଥା ଭୁଲେ ନିଜ କାନ୍ତି
ଭୁବନେ ଜାଗିଛି ସେହି ଭ୍ରାନ୍ତି
କୋକିଳ ଭ୍ରମର ଆଜି ଗା'ନ୍ତି
ସେହି ଗୀତ ବନେ ବନେ ବୁଲି ହେ!
(ଫଗୁଣ ଜ୍ୟୋତ୍ସ୍ନା)

–କାଳିନ୍ଦୀଚରଣ ପାଣିଗ୍ରାହୀ

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 5 | | | 3 | | | 4 | |
| | 4 | | | 9 | | 8 | 7 | |
| 6 | | | | 8 | | | | |
| | | | | | | | | 2 |
| | 7 | | | | | 4 | 6 | |
| 4 | | 9 | | | 3 | | | |
| 8 | | 3 | 4 | | 2 | | | |
| | | | 8 | | | 1 | | |
| 5 | | | | | | 9 | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 5 | 7 | 1 | 6 | 2 | 9 | 3 | 8 |
| 3 | 2 | 8 | 9 | 7 | 4 | 6 | 5 | 1 |
| 1 | 9 | 6 | 3 | 8 | 5 | 7 | 4 | 2 |
| 9 | 8 | 3 | 6 | 5 | 7 | 2 | 1 | 4 |
| 5 | 7 | 1 | 2 | 4 | 9 | 8 | 6 | 3 |
| 2 | 6 | 4 | 8 | 1 | 3 | 5 | 9 | 7 |
| 6 | 4 | 5 | 7 | 3 | 8 | 1 | 2 | 9 |
| 8 | 1 | 9 | 4 | 2 | 6 | 3 | 7 | 5 |
| 7 | 3 | 2 | 5 | 9 | 1 | 4 | 8 | 6 |

ଗତ କାଲିର ଉତ୍ତର

## ୪ ବଖରା ଜଳିଗଲା

ଫୁଲବାଣୀ ଅଫିସ: ଫିରିଙ୍ଗିଆ ବ୍ଲକ ତଳଦଣ୍ଡିକିଆ ପଞ୍ଚାୟତର ପାଦେରିପଡା ଗାଁରେ ଶର୍ଟ ସର୍କିଟ ଯୋଗୁ ନିଆଁ ଲାଗି ୪ ବଖରା ଜଳିଯାଇଛି। ଫିରିଙ୍ଗିଆ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ କରିଛି । ପ୍ରଥମେ ଗାଁର ସତ୍ୟପ୍ରକାଶ ପ୍ରଧାନଙ୍କ ଘରେ ନିଆଁ ଲାଗିଥିଲା। ଏହାପରେ ନିଆଁ ତାଙ୍କ ଘରକୁ ଲାଗି ଥିବା ବିଶ୍ୱନାଥ ବିନ୍ଧାଣିଙ୍କ ଘରେ ବ୍ୟାପିଥିଲା। ପ୍ରାୟ ଦେଢଲକ୍ଷ ଟଙ୍କାର ଧନ ସମ୍ପତି ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବା ଆକଳନ କରାଯାଉଛି । ସେମାନଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ଉଚ୍ଛେଦ ବେଳେ ଏନ୍‌ଫୋର୍ସମେଣ୍ଟ ଟିମ୍, ବ୍ୟବସାୟୀ ହାତାହାତି

**ବ୍ରହ୍ମପୁର ଅଫିସ୍,୭।୫**

ବ୍ରହ୍ମପୁର ସହରରେ ଦିନକୁ ଦିନ ଉଠା ଦୋକାନୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ସହରର ମୁଖ୍ୟ ଛକଠାରୁ ଆରମ୍ଭ କରି ଡାକ୍ତରଖାନା ଭଳି ସମ୍ବେଦନଶୀଳ ଅଞ୍ଚଳ ଗୁଡିକରେ ଉଠା ଦୋକାନୀମାନେ ମନମୁଖୀ ଭାବେ ବ୍ୟବସାୟ କରୁଛନ୍ତି। ଫଳରେ ରାସ୍ତାରେ ଯାତାୟାତରେ ସମସ୍ୟା ସାଙ୍ଗକୁ ଟ୍ରାଫିକ ଜାମ୍ ହେଉଛି। ଏହାକୁ ଏଡାଇବା ପାଇଁ ଗତ କିଛି ଦିନ ତଳେ ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ମର୍ଦ୍ଦରାଜ ଭେଣ୍ଡିଂ ଜୋନ୍ ସମେତ ବଡ ବଜାର, ଗିରି ମାର୍କେଟ, ଗେଟ୍ ବଜାର ଭଳି ମୁଖ୍ୟ ଛକରେ ବସି ରହିଥିବା ବହୁ ବ୍ୟବସାୟୀଙ୍କୁ ଉଚ୍ଛେଦ କରିଥିଲା । ତେବେ ବିଏମ୍‌ସି ପକ୍ଷରୁ ଉଚ୍ଛେଦ ପରେ ମଧ୍ୟ ବ୍ୟବସାୟୀମାନେ ପୁଣି ଥରେ ରାସ୍ତା ଉପରେ ବ୍ୟବସାୟ କରୁଥିବା ଦେଖିବାକୁ ମିଳିଥିଲା । ଫଳରେ ଶନିବାର ବ୍ରହ୍ମପୁର ବଡ ଡାକ୍ତରଖାନା ପରିସର ବାହାରେ ଉଠା ଦୋକାନୀମାନେ ରାସ୍ତା କବଜା କରୁଥିବା ନେଇ ବାରମ୍ବାର ଅଭିଯୋଗ ପରେ ବିଏମ୍‌ସି ଏନ୍‌ଫୋର୍ସମେଣ୍ଟ ଟିମ୍ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। କିନ୍ତୁ ଉଚ୍ଛେଦ ସମୟରେ ଏନ୍‌ଫୋର୍ସମେଣ୍ଟ ଟିମ୍ ଓ ବ୍ୟବସାୟୀଙ୍କ ମଧ୍ୟରେ ହାତାହାତି ପରିସ୍ଥିତି ସୃଷ୍ଟି ହୋଇଛି। ଏନ୍‌ଫୋର୍ସମେଣ୍ଟ ଅଧିକାରୀଙ୍କ ସୂତ୍ରରୁ ମିଳିଥିବା ତଥ୍ୟ ମୁତାବକ, ପୂର୍ବରୁ ବଡ ଡାକ୍ତରଖାନା ପରିସର ବାହାରେ ବସୁଥିବା ଉଠା ଦୋକାନୀଙ୍କୁ ଉଚ୍ଛେଦ କରାଯିବା ସହ ବ୍ୟବସାୟ ନ କରିବା ପାଇଁ ତାଗିଦ କରାଯାଇଥିଲା। କିନ୍ତୁ ଉଠା ଦୋକାନୀମାନେ ପୁଣି ବ୍ୟବସାୟ ଆରମ୍ଭ କରିଥିଲେ। ଫଳରେ ଏନ୍‌ଫୋର୍ସମେଣ୍ଟ ଟିମ୍ ପକ୍ଷରୁ ସେଠାରେ ବସିଥିବା ଦୋକାନୀଙ୍କୁ ଉଚ୍ଛେଦ କରାଯାଇଥିଲା। ଉଚ୍ଛେଦ ସମୟରେ ଜଣେ ମହିଳା ବ୍ୟବସାୟୀ ଓ ଏନ୍‌ଫୋର୍ସମେଣ୍ଟ ଟିମ୍ ସହ ହାତାହାତି ପରିସ୍ଥିତି ଦେଖିବାକୁ ମିଳିଥିଲା। ପରେ ପୋଲିସ ପ୍ରଶାସନ ଓ ଟିମ୍ ସହାୟତାରେ ଉଚ୍ଛେଦ କାର୍ଯ୍ୟ ଜାରି ରହିଥିଲା। ଉଚ୍ଛେଦ ସମୟରେ ବିଏମ୍‌ସି ଏନ୍‌ଫୋର୍ସମେଣ୍ଟ ଅଧିକାରୀ ତରୁଣକାନ୍ତଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।



ଜବରଦଖଲ ଉଚ୍ଛେଦ ବେଳେ ବ୍ୟବସାୟୀ ଓ ଟିମ୍ ମଧ୍ୟରେ ଗଣ୍ଡଗୋଳ।

# ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତିଙ୍କ ଦାୟିତ୍ୱ ଗ୍ରହଣ


ପ୍ରଫେସର ଗୀତାଞ୍ଜଳି ଦାଶଙ୍କୁ କର୍ମକର୍ତ୍ତାମାନେ ଶୁଭେଚ୍ଛା ଜଣାଉଛନ୍ତି ।

**ବ୍ରହ୍ମପୁର ଅଫିସ,୭।୫**

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ନୂତନ କୁଳପତି ଭାବେ ଶନିବାର ପ୍ରଫେସର ଗୀତାଞ୍ଜଳି ଦାଶ ଦାୟିତ୍ୱ ଗ୍ରହଣ କରିଛନ୍ତି । ପ୍ରଫେସର ଦାଶ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ତଥା କିଛି ଦିନ ପାଇଁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଭାରପ୍ରାପ୍ତ କୁଳପତି ଦାୟିତ୍ୱରେ ଥିବା ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତିଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି । ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଇତିହାସରେ ପ୍ରଥମ ମହିଳା କୁଳପତି ଭାବେ ନିଯୁକ୍ତି ହୋଇଥିବା ପ୍ରଫେସର ଦାଶ ଦାୟିତ୍ୱ ଗ୍ରହଣ କରିବା ସହ ବିଶ୍ୱବିଦ୍ୟାଳୟର ଶିକ୍ଷା ବ୍ୟବସ୍ଥାର ଉନ୍ନତି ଦିଗରେ ଅଧିକ ଦୃଷ୍ଟି ଦେବେ ବୋଲି କହିଛନ୍ତି ।

ସୂଚନାଯୋଗ୍ୟ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପୂର୍ବତନ କୁଳପତି ପ୍ରଫେସର ଗୋବିନ୍ଦ ଜେ. ଚକ୍ରପାଣିଙ୍କର ଅକ୍ଟୋବରରେ କାର୍ଯ୍ୟକାଳ ଶେଷ ହେବା ପୂର୍ବରୁ ବ୍ୟକ୍ତିଗତ କାରଣରୁ ଏପ୍ରିଲ ୩୦ରେ ଇସ୍ତଫା ଦେବା ପାଇଁ କୁଳାଧିପତି ତଥା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କଠାରୁ ଅନୁମତି ନେଇଥିଲେ ।

## ସଂକ୍ଷେପରେ

### ଦିବ୍ୟ ଜୀବନ ସଂଘ ପକ୍ଷରୁ ସ୍ୱତନ୍ତ୍ର ସାଧନା ଦିବସ

ବ୍ରହ୍ମପୁର ଅଫିସ୍,୭।୫: ଦିବ୍ୟ ଜୀବନ ସଂଘ ବ୍ରହ୍ମପୁର ଶାଖା ପକ୍ଷରୁ ଶନିବାର ସ୍ୱତନ୍ତ୍ର ସାଧନା ଦିବସ ପାଳିତ ହୋଇଯାଇଛି। ସଂଘ ସଭାପତି ପ୍ରକାଶ ଚନ୍ଦ୍ର ରଥ ଅଧକ୍ଷତା କରିଥିଲେ। ପୂର୍ବତନ ସଭାପତି ଉପେନ୍ଦ୍ର କୁମାର ପାଣିଗ୍ରାହୀଙ୍କ ପ୍ରଥମ ବାର୍ଷିକୀ ଶ୍ରାଦ୍ଧ ଦିବସ ଉପଲକ୍ଷେ ସଂଘ ପକ୍ଷରୁ ଏହି ଦିବସ ପାଳନ କରାଯାଇଥିଲା। ଏଥିରେ ଅତିଥି ଭାବେ ସ୍ୱାମୀ ବିଦ୍ୟାନନ୍ଦ ସରସ୍ୱତୀ ମହାରାଜ ଓ ସ୍ୱାମୀ ହରିଶରଣାନନ୍ଦ ସରସ୍ୱତୀ ମହାରାଜ ଯୋଗ ଦେଇଥିଲେ। ଏହି ଅବସରରେ ପୂର୍ବାହ୍ନରେ ଜୟ ଗଣେଶ କୀର୍ତ୍ତନ, ଉପ ଧ୍ୟାନ, ଗୁରୁପାଦ ପୂଜା, ଅର୍ଚ୍ଚନା, ବିଶ୍ୱ ପ୍ରାର୍ଥନା, ପ୍ରଭୁ ପ୍ରାର୍ଥନା ଓ ବିଶ୍ୱର କଲ୍ୟାଣ ଏବଂ ଜଗତର ମଙ୍ଗଳ କାମନା ନିମନ୍ତେ ହନୁମାନ ଚାଳିଶା ପାରାୟଣ ହୋଇଥିଲା। ସ୍ୱର୍ଗତ ଉପେନ୍ଦ୍ର ପାଣିଗ୍ରାହୀ ଜଣେ ସରଳ ବିଶ୍ୱାସୀ ଓ ଗୁରୁନିଷ୍ଠ ଥିଲେ ବୋଲି ସ୍ମୃତି ଚାରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ବସ୍ତ୍ର ବଣ୍ଟନ ସହ ନାରାୟଣ ସେବା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସସ୍ମିତା ପାଣିଗ୍ରାହୀ, ପୁଷ୍ପିତା ପାଣିଗ୍ରାହୀ, ରାଧାରାଣୀ ପାଣିଗ୍ରାହୀ, ଅନୁରାଧା ପାତ୍ର, ବିଷ୍ଣୁ ପ୍ରସାଦ ପାତ୍ର ଓ ସଂଘର ଉପସଭାପତି ଉମାଚରଣ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

### ଘରୋଇ ଶିକ୍ଷାନୁଷ୍ଠାନ ଛାତ୍ରୀଙ୍କ ଟଙ୍କା ଠକିଥିବା ଅଭିଯୋଗ

ଗୋପାଳପୁର,୭।୫(ଡି.ଏନ.ଏ.)-ଏକ ଘରୋଇ ବୈଷୟିକ ଶିକ୍ଷାନୁଷ୍ଠାନ ଜଣେ ଛାତ୍ରୀଙ୍କ ନାମଲେଖା ଟଙ୍କା ଠକେଇ କରିଥିବା ନେଇ ଗୋଲନ୍ଥରା ଥାନାରେ ଅଭିଯୋଗ ହୋଇଛି। ଗଜପତି ଜିଲା ପାରଳାଖେମୁଣ୍ଡି ଅଞ୍ଚଳର କେ.କୀର୍ତ୍ତି କୁମାରୀ ଗୋଲନ୍ଥରା ଥାନା ଅନ୍ତର୍ଗତ ପାଲୁର ହିଲସ୍ଥିତ ନିଷ୍ଟ ଘରୋଇ ବୈଷୟିକ ଶିକ୍ଷାନୁଷ୍ଠାନର ଇଲୋକ୍ଟ୍ରୋନିକ୍ସ ଆଣ୍ଡ କମ୍ୟୁନିକେଶନ ଇଞ୍ଜିନିୟରିଂର ତୃତୀୟ ବର୍ଷ ଛାତ୍ରୀ। ଅଭିଯୋଗ ଅନୁସାରେ, ଏହି କଲେଜରେ ୯୪ ହଜାର ଟଙ୍କା ବକେୟା ଥିବା ନେଇ ଛାତ୍ରୀଙ୍କୁ ଏକ ମେଲ୍ ଆସିଥିଲା। ପରେ ସେ ନିଷ୍ଟର ଇନଚାର୍ଜ ଆଡିମିଶନ ଟୁନା ବେହେରାଙ୍କ ସହ ଯୋଗାଯୋଗ କରିଥିଲେ। ପରେ ବେହେରା ଏକ ଲେଟର ପ୍ୟାଡ ସହିତ ବକେୟା ଟଙ୍କା ବ୍ୟାଙ୍କ ଆକାଉଣ୍ଟରେ ଜମା କରିବାକୁ କହିଥିଲେ। ୨୦୨୦ ଅକ୍ଟୋବରରୁ ଡିସେମ୍ବର ୨୦ ମଧ୍ୟରେ ଡ୍ରାପ୍ଟ ଯୋଗେ ଉକ୍ତ ଟଙ୍କା ଛାତ୍ରୀ ଜଣକ ପୈଠ କରିଥିଲେ। କରୋନା ଯୋଗୁ ଶିକ୍ଷାନୁଷ୍ଠାନ ବନ୍ଦ ଥିଲା। ବର୍ତ୍ତମାନ ଶିକ୍ଷାନୁଷ୍ଠାନ ଖୋଲିବା ପରେ ୯୪ ହଜାର ଟଙ୍କା ବକେୟା ରହିଛି ଓ ଏହାକୁ ଡିପୋଜିଟ କରିବାକୁ ଛାତ୍ରୀଙ୍କୁ କୁହାଯାଇଥିଲା। ଛାତ୍ରୀ ଜଣକ ଉକ୍ତ ଟଙ୍କା ଡିପୋଜିଟ କରିଥିବା ସମ୍ପର୍କରେ କହିବାରୁ ସେହି ଆକାଉଣ୍ଟ ନମ୍ବରଟି ଆମର ନୁହେଁ ବୋଲି ଶିକ୍ଷାନୁଷ୍ଠାନ ପକ୍ଷରୁ କୁହାଯାଇଥିଲା। ଛାତ୍ରୀଙ୍କ ଏତଲା କ୍ରମେ ଗୋଲନ୍ଥରା ପୋଲିସ ନଂ. ୧୪୯/୨୨ରେ ଟୁନା ବେହେରା ଓ ଶିକ୍ଷାନୁଷ୍ଠାନ ନିର୍ଦ୍ଦେଶକ ସଂଗ୍ରାମ ମୁଦୁଲିଙ୍କ ନାଁରେ ଠକେଇ ମାମଲା ରୁଜୁ କରିଛି। ଏ ନେଇ ଥାନାଧିକାରୀ ବିବେକାନନ୍ଦଙ୍କ ସହ ଯୋଗାଯୋଗ କରିବାରୁ ମାମଲା ରୁଜୁ ହୋଇ ତଦନ୍ତ ଚାଲୁ ରହିଛି ବୋଲି କହିଥିଲେ।

### ନିଶାସକ୍ତଙ୍କୁ ପୋଲିସର ଧରପଗଡ

ଗୋପାଳପୁର, ୭।୫(ଡି.ଏନ୍.ଏ.)- ବ୍ରହ୍ମପୁର ପୋଲିସ ଜିଲାରେ ଶୁକ୍ରବାର ନୂତନ ଏସ୍‌ପି ଶ୍ରବଣ ବିବେକ ଏମ୍. ଯୋଗ ଦେଇଛନ୍ତି। ଶୁକ୍ରବାର ବିଳମ୍ବିତ ରାତିରେ ଗୋପାଳପୁର ଓ ଗୋଲନ୍ଥରା ଥାନା ପକ୍ଷରୁ ବିଭିନ୍ନ ଛକରେ ବ୍ଲକିଂ ଓ ନିଶାସକ୍ତଙ୍କୁ ଧରା ଅଭିଯାନ ଜୋରଦାର କରାଯାଇଛି। ଗୋପାଳପୁର ଥାନାଧିକାରୀ ଶ୍ରୀକାନ୍ତ ଖମାରୀଙ୍କ ନେତୃତ୍ୱରେ ବ୍ଲକିଂ ଓ ନିଶାସକ୍ତଙ୍କୁ ଧରା ଅଭିଯାନ ବିଳମ୍ବିତ ରାତ୍ରି ଯାଏ ଚାଲିଥିଲା। ଏଥିରେ ୫ ଚାଳକଙ୍କୁ ଧରିଥିବା ବେଳେ ୫ ବାଇକ୍ ଜବତ କରାଯାଇଛି। ଏହି ସମୟରେ ବ୍ରହ୍ମପୁର ଏସ୍‌ପି ଶ୍ରବଣ ବିବେକ ଘଟଣାସ୍ଥଳ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଥିଲେ। ସେହିପରି ଗୋଲନ୍ଥରା ଥାନା ତୁଲୁ ଛକଠାରେ ଥାନାଧିକାରୀ ବିବେକାନନ୍ଦ ମହନ୍ତଙ୍କ ନେତୃତ୍ୱରେ ବ୍ଲକିଂ ଓ ଚେକିଂ ଅଭିଯାନ କରାଯାଇଥିଲା।

### ପରୀକ୍ଷା ପରେ ଛାତ୍ରଙ୍କ ମଧ୍ୟରେ ମାରପିଟ

ଦିଗପହଣ୍ଡି,୭।୫(ଡି.ଏନ.ଏ.)-ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ପାଟପୁର ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ଶନିବାର ଦୁଇ ଛାତ୍ର ଗୋଷ୍ଠୀଙ୍କ ମଧ୍ୟରେ ମାରପିଟ ହୋଇଛି। ପାଟପୁର ଉଚ୍ଚ ବିଦ୍ୟାଳୟର କେତେଜଣ ଛାତ୍ର ଓ ରାମଚନ୍ଦ୍ରପୁର ଉଚ୍ଚ ବିଦ୍ୟାଳୟର ଛାତ୍ର ମାଟ୍ରିକ ପରୀକ୍ଷା ଦେଇ ଫେରିବା ସମୟରେ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଶୁକ୍ରବାର ସେହି ଛାତ୍ରମାନଙ୍କ ମଧ୍ୟରେ ପାଟପୁର ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ଝଗଡ଼ା ହୋଇଥିଲା। ଶନିବାର ଉଗ୍ର ରୂପ ଧାରଣ କରିଥିଲା। ରାମଚନ୍ଦ୍ରପୁର ବିଦ୍ୟାଳୟର ଛାତ୍ର, ତାଙ୍କର ଭାଇ ଓ ସହଯୋଗୀ ଓ ପାଟପୁର ଉଚ୍ଚ ବିଦ୍ୟାଳୟର ଛାତ୍ରମାନଙ୍କ ମଧ୍ୟରେ ଲୁହା ଛଡରେ ଆକ୍ରମଣ କରିଥିଲେ। ଏଥିରେ ଦୁଇ ଜଣ ଛାତ୍ର ଓ ଛାତ୍ରଙ୍କ ଭାଇ ଓ ତାଙ୍କ ସହଯୋଗୀ ଆହତ ହୋଇଥିଲେ। ସମସ୍ତଙ୍କୁ ଆଡପଡ଼ା ଓ ପାଟପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଲେଖାହେବା ସୁଦ୍ଧା ପାଟପୁର ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ।

# ଶ୍ରୀମନ୍ଦିର ସୁରକ୍ଷା ଅଭିଯାନ ପକ୍ଷରୁ ଉପଜିଲାପାଳଙ୍କୁ ଦାବିପତ୍ର

**ବ୍ରହ୍ମପୁର ଅଫିସ,୭।୫**

ଶ୍ରୀମନ୍ଦିର ସୁରକ୍ଷା ଅଭିଯାନ ଗଞ୍ଜାମ ଜିଲା ଶାଖା ପକ୍ଷରୁ ଶନିବାର ପୁରୀ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ରାଜ୍ୟ ସରକାରଙ୍କ ଦ୍ୱାରା ଚାଲିଥିବା ବେଆଇନ ନିର୍ମାଣକୁ ବିରୋଧ କରି ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବ୍ରହ୍ମପୁର ଉପଜିଲାପାଳ ଭି.କୀର୍ତ୍ତି ୱାସନଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବି ପତ୍ରରେ ଉଲ୍ଲେଖ ରହିଛି, ପୁରୀ ଜଗନ୍ନାଥ ମନ୍ଦିର ହେଉଛି କୋଟି କୋଟି ଓଡ଼ିଆଙ୍କ ଆସ୍ଥାର ପ୍ରତୀକ। ରାଜ୍ୟ ସରକାର ଏଏସ୍‌ଆଇର ବିନା ଅନୁମତିରେ ମନ୍ଦିରର ୧୦୦ ମିଟର ପରିଧି ମଧ୍ୟରେ ବେଆଇନ ନିର୍ମାଣ କରୁଛନ୍ତି। ଶ୍ରୀମନ୍ଦିରରେ କୌଣସି ସିମେଣ୍ଟ କଂକ୍ରିଟ କାମ ହୋଇନାହିଁ। କେବଳ ପଥର ଖଞ୍ଜା ଯାଇ ସୁଉଚ୍ଚ ମନ୍ଦିର ନିର୍ମାଣ ହୋଇଛି। ବର୍ତ୍ତମାନ ବିଭିନ୍ନ ଯନ୍ତ୍ରାଂଶ ଦ୍ୱାରା ଯେଉଁ ଶବ୍ଦ ହେଉଛି ଯାହା ଆଗାମୀ ଦିନରେ ଶ୍ରୀମନ୍ଦିରର ସୁରକ୍ଷା ପ୍ରତି ବିପଦ। ଏଏସ୍‌ଆଇ ୧୦୦ ମିଟର ପରିଧିରେ ନିର୍ମାଣ ବାରଣ କରିଥିବା ବେଳେ ରାଜ୍ୟ ସରକାର କେଉଁ ଆଧାରରେ ନିର୍ମାଣ କରୁଛନ୍ତି ବୋଲି ସଂଘ ପ୍ରଶ୍ନ କରିଛି। ଏଣୁ ବେଆଇନ ନିର୍ମାଣ କାର୍ଯ୍ୟକୁ ତୁରନ୍ତ ବନ୍ଦ କରିବା ପାଇଁ ସଂଘ ଦାବି କରିଛି। ନଚେତ୍ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ସଂଘ ଚେତାବନୀ ଦେଇଛି। ଆଜିର ଦାବି ପତ୍ର ପ୍ରଦାନ ସମୟରେ ସଂଘ ଆବାହକ ଅରୁଣ ପ୍ରସାଦ ପାଢ଼ୀଙ୍କ ସମେତ ଭବାନୀ ଶଙ୍କର ଦାଶ, ପ୍ରସନ୍ନ ଛୋଟରାୟ, ରାଜୀବ ଖଡ଼ଙ୍ଗା ଓ ପ୍ରଦୀପ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।


ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

## ନାବାଳିକା ବଳାତ୍କାର ମାମଲା ପ୍ରମାଣ ଅଭାବରୁ ଅଭିଯୁକ୍ତ ନିର୍ଦ୍ଦୋଷ

**ବ୍ରହ୍ମପୁର ଅଫିସ,୭।୫**

ବ୍ରହ୍ମପୁର ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ଜଜ୍ ଅନୁପ ରଞ୍ଜନ ପଟ୍ଟନାୟକ ଏକ ବଳାତ୍କାର ମାମଲାର ଶୁଣାଣି କରିଥିଲେ। ପ୍ରମାଣ ଅଭାବରୁ ସେ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ଅଭିଯୁକ୍ତ ଜଣକ ଆଙ୍କୁଲି ଗ୍ରାମର ସୀମାଞ୍ଚଳ ସାହୁ। ପ୍ରକାଶ ଯେ, ୨୦୧୫ରେ ଏକ ଘରୋଇ କଲେଜରେ ଯୁକ୍ତ ୨ ପଢୁଥିବା ନାବାଳିକା ଛାତ୍ରୀଙ୍କ ସହ କୌଶଳକ୍ରମେ ସୀମାଞ୍ଚଳ ସମ୍ପର୍କ ରଖିଥିଲେ। ଏପରିକି ବିବାହର ପ୍ରତିଶ୍ରୁତି ଦେଇ ଶାରିରୀକ ସମ୍ପର୍କ ରଖି ଆସୁଥିଲେ। ନାବାଳିକା ଜଣକ ସୀମାଞ୍ଚଳଙ୍କୁ ବିବାହ କରିବା ପାଇଁ କହିଥିଲେ କିନ୍ତୁ ସେ ବିଭିନ୍ନ ଆଳ ଦେଖାଇ ତାଙ୍କୁ ଠକି ଆସୁଥିଲେ। ଶେଷରେ ପ୍ରତାରଣାର ଶିକାର ହୋଇଥିବା ପୀଡ଼ିତା ଛାତ୍ରୀ ଜଣକ ୨୦୨୨ ଜାନୁୟାରୀ ୭ରେ ବୈଦ୍ୟନାଥପୁର ଥାନାରେ ଏନେଇ ଅଭିଯୋଗ କରିଥିଲେ। ପୋଲିସ ଅଭିଯୁକ୍ତ ସୀମାଞ୍ଚଳଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ସୀମାଞ୍ଚଳଙ୍କୁ ଶନିବାର କୋର୍ଟରେ ହାଜର କରାଯାଇଥିଲା।

# ମା’ ରାମାୟଣାମ୍ବା ଠାକୁରାଣୀଙ୍କ ଯାତ୍ରା ଅସ୍ଥାୟୀ ମଣ୍ଡପରେ ଭକ୍ତଙ୍କ ଦର୍ଶନ

**ଛତ୍ରପୁର,୭।୫(ଡି.ଏନ.ଏ.)**

ଗଞ୍ଜାମ ଜିଲା ଛତ୍ରପୁର ସହରର ଆରାଧ୍ୟ ଦେବୀ ମା’ ରାମାୟଣାମ୍ବା ଠାକୁରାଣୀ ଯାତ୍ରା ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଶନିବାର ଅସ୍ଥାୟୀ ମଣ୍ଡପରେ ମା’ଙ୍କ ପୂଜାର୍ଚ୍ଚନା ଚାଲିଛି। ଦିନତମାମ ମା’ଙ୍କ ଦର୍ଶନ ଲାଗି ଭିଡ ଦେଖିବାକୁ ମିଳିଥିଲା। ଶୁକ୍ରବାର ମା’ଙ୍କୁ ବାପଘରକୁ ନେବା ଲାଗି ଆବାହନ କରିବା ସହ ଆଜ୍ଞାମାଳ ନେବା ପାଇଁ କମିଟି ପକ୍ଷରୁ ଏକ ଶୋଭଯାତ୍ରା ମନ୍ଦିରକୁ ଆସିଥିଲା। ମଧ୍ୟରାତ୍ରିରେ ଆଜ୍ଞାମାଳ ମିଳିବା ପରେ ମା’ ବାପ ଘରକୁ ଯାଇଥିଲେ। ଏନେଇ ଛତ୍ରପୁର ସହର ଉତ୍ସବ ମୁଖର ହୋଇଉଠିଛି। ମାସେ ଧରି ଚାଲିବାକୁ ଥିବା ଏହି ଯାତ୍ରା ଜୁନ ୭ ରେ ଉଦ୍‌ଯାପିତ ହେବ। ମା’ଙ୍କ ଯାତ୍ରା ଲାଗି ୨ ତାରିଖରେ ଶୁଭଖୁଣ୍ଟି ସ୍ଥାପନ ହୋଇଥିଲା। କୋଭିଡ୍ କଟକଣା ପାଇଁ ଗଲାବର୍ଷ ଯାତ୍ରା ବନ୍ଦ ହୋଇଥିବାବେଳେ ଚଳିତ ବର୍ଷ ଯାତ୍ରା ଯାକଜକମରେ କରିବା ପାଇଁ କମିଟି ସ୍ଥିର କରିଛି । ପୂର୍ବଭଳି ସହରର ବିଭିନ୍ନ ସାହିକୁ ମା’ଙ୍କ ଘଟ ପରିକ୍ରମା କରିବ। ସହରର ବିଭିନ୍ନ ସ୍ଥାନରେ ମେଢ, ଏବଂ ମୀନାବଜାରର ଆୟୋଜନ କରିବା ପାଇଁ ଯାତ୍ରା କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି ।

# ଭାରତୀ ପାତ୍ରଙ୍କ ସମେତ ୩ ଜଣଙ୍କ ନାଁରେ ମାମଲା

**ବ୍ରହ୍ମପୁର ଅଫିସ,୭।୫**

ଜମି ହଡପ ଅଭିଯୋଗରେ ଗିରଫ ହୋଇ ବ୍ରହ୍ମପୁର ମଣ୍ଡଳ କାରାଗାରରେ ଥିବା ଭାରତୀ ପାତ୍ରଙ୍କ ନାଁରେ ପୁଣି ଆଉ ଏକ ମାମଲା ରୁଜୁ ହୋଇଛି। କାଗଜପତ୍ର ଜାଲିଆତି କରି ଜଣେ ବ୍ୟକ୍ତିଙ୍କ ଜମି ନିଜ ନାଁରେ କରାଇଦେବା ଅଭିଯୋଗରେ ଟାଉନ ଥାନା ପୋଲିସ ଭାରତୀ ଓ ତାଙ୍କ ସହଯୋଗୀଙ୍କ ବିରୋଧରେ ଏହି ମାମଲା ରୁଜୁ କରିଛି। ଏ ନେଇ ନଂ. ୧୧୦/୨୨ରେ ଏକ ମାମଲା ରୁଜୁ ହୋଇଛି। ଏହି ଜମି ହଡପ ଘଟଣାରେ ଭାରତୀଙ୍କ ସମେତ ତାଙ୍କର ଦୁଇ ସହଯୋଗୀ ସାମିଲ ଥିବା ଅଭିଯୋଗ ହୋଇଛି।

ସୂଚନା ଅନୁଯାୟୀ, ବିଜିପୁର କେନାଲ ସାହିର ଅଭିରାମ ବେହେରାଙ୍କ ମା’ ବାସନ୍ତୀ ବେହେରା ୨୦୧୨ରେ ଜିତେନ୍ଦ୍ର କୁମାର ସାହୁଙ୍କଠାରୁ ନୀଳକଣ୍ଠପୁର ମୌଜାରେ ଏକ ଜମି କିଣିଥିଲେ। ସେହି ଜମିରେ ଘର କରି ଅଭିରାମଙ୍କ ପରିବାର ରହୁଥିଲେ। କୌଣସି କାରଣରୁ ଉକ୍ତ ଜମି ପଟ୍ଟା କରାଇ ପାରିନଥିଲେ ମଧ୍ୟ ପଞ୍ଜୀକରଣ ବେଳର କାଗଜପତ୍ର ଅଭିରାମଙ୍କ ନିକଟରେ ରହିଛି। ହେଲେ ଆଜକୁ କିଛି ମାସ ତଳେ ଅଭିରାମ ନିଜ ଘର ପଟ୍ଟା ପାଇଁ ଆବେଦନ କରିବାକୁ ଗଲାବେଳେ ତାଙ୍କ ଘରଟି ଗାନ୍ଧୀନଗର ୮ମ ଲାଇନର ଭାରତୀଙ୍କ ନାଁରେ ରେକର୍ଡଭୁକ୍ତ ହୋଇଥିବା ସେ ଜାଣିବାକୁ ପାଇଥିଲେ। କାଗଜପତ୍ର ଜାଲିଆତି କରି ଭାରତୀ ତାଙ୍କ ଜମି ହଡପ କରିଥିବା ଅଭିରାମ ସନ୍ଦେହ କରିଥିଲେ। ଅନ୍ୟପକ୍ଷରେ ଫେବୃୟାରୀ ୩ରେ ଭାରତୀଙ୍କ ସହ ଅରୁଣ ମହାନ୍ତି ଓ କୃଷ୍ଣଚନ୍ଦ୍ର ଜେନା ମିଳିତଭାବେ ଅଭିରାମଙ୍କ ଘରକୁ ଯାଇ ସେହି ଜାଗା ଛାଡିବାକୁ ଧମକ ଦେଇଥିଲେ। ୧ ଲକ୍ଷ ଟଙ୍କା ଦେଲେ ସେହି ଜାଗା ଅଭିରାମଙ୍କ ନାମରେ ହୋଇଯିବ ବୋଲି ଭାରତୀ ତାଙ୍କୁ କହିଥିଲେ। ଜମି ଠକେଇର ଶିକାର ହୋଇଥିବା ଜାଣିବା ପରେ ଅଭିରାମ ଏନେଇ ଥାନାରେ ଅଭିଯୋଗ କରିଥିଲେ। ଅଭିରାମଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ଭାରତୀଙ୍କ ନାଁରେ ଆଉ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଏହା ପୂର୍ବରୁ ଜମି ଜାଲିଆତି ମାମଲାରେ ଭାରତୀ ଓ ତାଙ୍କ ଅନ୍ୟ ୪ ସହଯୋଗୀଙ୍କ ନାଁରେ ଟାଉନ ଥାନାରେ ୪ଟି ମାମଲା ରୁଜୁ ହୋଇଛି। ଗତ କିଛି ମାସ ହେବ ଭାରତୀ ଓ ତାଙ୍କ ସହଯୋଗୀମାନେ ମଣ୍ଡଳ କାରାଗାରରେ ବିଚାରାଧୀନ ବନ୍ଦୀ ଭାବେ ଅଛନ୍ତି।

# ମାଷ୍ଟରମାଇଣ୍ଡ ବିଟଲ ଗିରଫ

## ଘରୁ ମୂର୍ତ୍ତି, ଟଙ୍କା ଚୋରି ଘଟଣା

**ବ୍ରହ୍ମପୁର ଅଫିସ,୭।୫**

ବ୍ରହ୍ମପୁର ବଡ଼ ବଜାର ଥାନା ଅନ୍ତର୍ଗତ ମାଲୁଆଣି ମନ୍ଦିର ସାହିରେ ରହୁଥିବା ଜଣେ ବ୍ୟକ୍ତିଙ୍କ ଘରୁ ଠାକୁରଙ୍କ ମୂର୍ତ୍ତି ସହ ଟଙ୍କା ଚୋରି ହୋଇଥିଲା। ଏହି ଘଟଣାର ମାଷ୍ଟରମାଇଣ୍ଡ ଫେରାର ଥିଲା। ପୋଲିସ ତାଙ୍କୁ ଶନିବାର ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ପ୍ରହଲ୍ଲାଦନଗରର ବିଟଲ ଓରଫ କାହ୍ନା ପାତ୍ର(୨୩)। ମାମଲା ନଂ.୯୩ /୨୨ ରେ ଅଭିଯୁକ୍ତଙ୍କୁ ଶନିବାର ପୋଲିସ କୋର୍ଟ ଚାଲାଣ କରିଛି। ପୂର୍ବରୁ ଏହି ମାମଲାରେ ପୋଲିସ ଆଇନାବନ୍ଧ ସାହିର ପପୁ ସେଠୀ(୨୬) ଓ ଜିତୁ ଗୌଡ଼(୨୨)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସିସିଟିଭି ଫୁଟେଜରୁ ପୋଲିସ ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିଲା ବୋଲି କହିଛି। ଚୋରି ହୋଇଥିବା ରୁପା ମୂର୍ତ୍ତି ପୋଲିସ ଜବତ କରିଛି। ସୂଚନା ଅନୁଯାୟୀ, ପୁରୁଣା ବ୍ରହ୍ମପୁର ମାଲୁଆଣି ମନ୍ଦିର ନିକଟରେ ରହୁଥିବା କେ. ନିର୍ମଳ ଆଚାରୀ ଗତ ଏପ୍ରିଲ ୨୯ରେ ଘର ତାଲା ବନ୍ଦ କରି ଏକ ଭୋଜିରେ ଯୋଗ ଦେବାକୁ ବାହାରକୁ ଯାଇଥିଲେ। ଏହାର ସୁଯୋଗ ନେଇ ଚୋରମାନେ ନିର୍ମଳଙ୍କ ଘରେ ପଶିଥିଲେ। ଘରେ ଥିବା ପିତ୍ତଳର ୨ଟି ହାତୀ ମୂର୍ତ୍ତି, ଗୋଟିଏ ଲକ୍ଷ୍ମୀ ମୂର୍ତ୍ତି ସହ କିଛି ପିତ୍ତଳ ସାମଗ୍ରୀ ସମେତ ୬ ହଜାର ଟଙ୍କା ଚୋରି କରିଥିଲେ। ଏ ନେଇ ନିର୍ମଳ ବଡ଼ବଜାର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ ୯୩/୨୨ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଥିବା କହିଛି।


ଜବତ ସାମଗ୍ରୀ ।

# ଡାକ୍ତର ବଦଳି: ନୂତନଙ୍କୁ ନିଯୁକ୍ତି ନେଇ ଆରଡିସିଙ୍କୁ ଦାବିପତ୍ର

**ବ୍ରହ୍ମପୁର ଅଫିସ,୭।୫**

ଏମ୍‌କେସିଜି ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟରେ ବାରମ୍ବାର ବରିଷ୍ଠ ଡାକ୍ତରଙ୍କ ବଦଳିକୁ ନେଇ ଅସନ୍ତୋଷ ପ୍ରକାଶ କରିଛି ଗଞ୍ଜାମ ଓକିଲ ସଂଘ। ଏହି ଅବସରରେ ଶନିବାର ଓକିଲ ସଂଘ ପକ୍ଷରୁ ଦକ୍ଷିଣାଞ୍ଚଳ ରାଜସ୍ୱ କମିସନର(ଆରଡ଼ିସି)ଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏମକେସିଜିରୁ ଗତ ୩ ମାସ ଭିତରେ ୨୪ ଡାକ୍ତରଙ୍କର ବଦଳି ହୋଇଛି। ଫଳରେ ଦିନକୁ ଦିନ ବଡ ମେଡ଼ିକାଲରେ ଡାକ୍ତର ଶୂନ୍ୟ ହେବାରେ ଲାଗିଛନ୍ତି। ଏହି ହସ୍ପିଟାଲ ଉପରେ ଦକ୍ଷିଣ ଓଡିଶା ସମେତ ପଡୋଶୀ ଆନ୍ଧ୍ରପ୍ରଦେଶର ହଜାର ହଜାର ରୋଗୀ ପ୍ରତିଦିନ ନିର୍ଭର କରୁଛନ୍ତି। ଡାକ୍ତର ଅଭାବ ଯୋଗୁ ଏଠାକୁ ଆସୁଥିବା ରୋଗୀମାନେ ଠିକ ଚିକିତ୍ସା ଓ ସେବା ନ ପାଇ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାସହିତ ଏମକେସିଜି ଡାକ୍ତରୀ ଛାତ୍ରୀଛାତ୍ରଙ୍କ ପାଠପଢାରେ ମଧ୍ୟ ଅନେକ ଅସୁବିଧା ହେଉଛି। ତେଣୁ ଏହି ହସ୍ପିଟାଲରୁ ବଦଳି ହୋଇଥିବା ଡାକ୍ତରଙ୍କ ସ୍ଥାନରେ ଅଭିଜ୍ଞ ଡାକ୍ତରଙ୍କୁ ତୁରନ୍ତ ନିଯୁକ୍ତି ଦେବା ନେଇ ଆରଡ଼ିସି ଟି. ଆୱଙ୍କ ନିକଟରେ ଓକିଲ ସଂଘ ଦାବି କରିଛି। ସେହିପରି ଏମକେସିଜିରେ ଡାକ୍ତରଙ୍କ ନିଯୁକ୍ତି ନିମନ୍ତେ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଆରଡ଼ିସି କହିଛନ୍ତି। ଦାବି ପତ୍ର ପ୍ରଦାନ ବେଳେ ଓକିଲ ସଂଘ ସଭାପତି କପିଳେଶ୍ୱର ପଟ୍ଟନାୟକ, ସମ୍ପାଦକ ସୁଶୀଲ କୁମାର ତ୍ରିପାଠୀ, ଉପ ସଭାପତି ପ୍ରକାଶ ଚନ୍ଦ୍ର ଦାସ ଓ ସହ ସମ୍ପାଦକ ବି.ଦୁର୍ଗା ରାଓଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ।


## ବାରିପଦା ପୌର ପରିଷଦ

BARIPADA MUNICIPALITY

ବାରିପଦା, ମୟୂରଭଞ୍ଜ-୭୫୭୦୦୧

ପତ୍ର ସଂଖ୍ୟା: 2840

### ନିଲାମ ଇସ୍ତାହାର

ତା: 7.5.2022

No.C-229:- ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ବାରିପଦା ପୌରପରିଷଦର ନିଷ୍ପତ୍ତିମତେ ୭ ଗୋଟି ସୈରାତର ଜଉମୁଦଦିଆ ନିବିଦା (Sealed Quotation) ଆହ୍ୱାନ କରାଯାଉଅଛି । ପୌର ପରିଷଦର ନିମ୍ନଲିଖିତ ସର୍ତ୍ତ ଅନୁଯାୟୀ ଇଚ୍ଛୁକ ବ୍ୟକ୍ତିବିଶେଷ କିମ୍ବା ଅନୁଷ୍ଠାନମାନେ ନିବିଦା କାଗଜ କିଣି ତା୨୩।୫।୨୦୨୨ରିଖ ଦିବା ୧୧ ଘଟିକା ସୁଦ୍ଧା ସେଥିରେ ଆବେଦନ କରିଥିବା ସୈରାତର ସର୍ବୋଚ୍ଚ ମୂଲ୍ୟ ଦର୍ଶାଇ ନିବିଦା ଦାଖଲ କରିପାରିବେ । ଏଥିରେ ବ୍ୟତିକ୍ରମ ପରିଲକ୍ଷିତ ହେଲେ ନିବିଦା ଗ୍ରହଣୀୟ ହେବନାହିଁ । ଯେଉଁମାନଙ୍କର ସର୍ବୋଚ୍ଚ ଦର ଯଦି ସନ୍ତୋଷଜନକ ନ ହୁଏ, ତାହା ହେଲେ ପୁଣି ସାନି ନିବିଦା ଆହ୍ୱାନ କରାଯିବ । ସର୍ବୋଚ୍ଚ ଦରକୁ ଗ୍ରହଣ କରିବାକୁ ପୌର ପରିଷଦ କର୍ତ୍ତୃପକ୍ଷ ବାଧ୍ୟ ନୁହନ୍ତି । ଦରକାର ହେଲେ ସମସ୍ତ ନିଲାମକୁ କୌଣସି କାରଣ ନ ଦର୍ଶାଇ ରଦ୍ଦ କରାଯାଇପାରେ । ଦାଖଲ ହୋଇଥିବା ନିବିଦାଗୁଡ଼ିକ ସେହିଦିନ ଅର୍ଥାତ୍ ତା୨୩।୫।୨୦୨୨ରିଖ ଦିବା ୧୨ ଘ. ସମୟରେ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ନିବିଦାଦାତା ବା ସେମାନଙ୍କ ଦ୍ୱାରା କ୍ଷମତାପ୍ରାପ୍ତ ପ୍ରତିନିଧି ଓ ଟେଣ୍ଡର କମିଟି ସଦସ୍ୟମାନଙ୍କ ଉପସ୍ଥିତିରେ ଖୋଲାଯିବ । ବିଶେଷ ବିବରଣୀ ଜାଣିବା ପାଇଁ ଇଚ୍ଛୁକ ବ୍ୟକ୍ତି କାର୍ଯ୍ୟାଳୟ ୱେବ୍‌ସାଇଟ୍ www.baripadamunicipality.inରେ ଓ କାର୍ଯ୍ୟାଳୟ ଖୋଲାଥିବା ଦିବସମାନଙ୍କରେ କାର୍ଯ୍ୟାଳୟରେ ବୁଝିପାରିବେ ।

| Sl. No. | Sairat Name | Lease period | Lease period for public auction | Up-set price to be fixed for upcoming year 2022-23 onward | SD amount @10% of the upset price | Cost of auction paper |
|---|---|---|---|---|---|---|
| 1 | Market Cycle Stand | May 2022-23 | One Year | Rs.19,898.00 | Rs.1,990.00 | Rs.200.00 |
| 2 | K.M.B.M. Cycle Stand | May 2022-23 | One Year | Rs.21,999.00 | Rs.2,200.00 | Rs.200.00 |
| 3 | Carts & Carriage with dog license | May 2022-23 | One Year | Rs.71,077.00 | Rs.7,108.00 | Rs.200.00 |
| 4 | Biju Pattnaik Children Park Canteen | May 2022-23 | One Year | Rs.82,999.00 | Rs.8,300.00 | Rs.200.00 |
| 5 | Baripada Market & other places except Ward No 13 & 20 (p) | May 2022-23 | One Year | Rs.29,14,216.00 | Rs.2,91,422.00 | Rs.1000.00 |
| 6 | Station Bazar Daily Market ward No.13 & 20 (p) | May 2022-23 | One Year | Rs.8,64,600.00 | Rs.86,460.00 | Rs.500.00 |
| 7 | Day Night Kacheri Market & Market & another Vehicle Stand | May 2022-23 | One Year | Rs.1,13,126.00 | Rs.11,313.00 | Rs.500.00 |

**ନିମ୍ନୋକ୍ତ ସର୍ତ୍ତାବଳୀ ଅନୁଯାୟୀ ନିବିଦା ଚୂଡ଼ାନ୍ତ କରାଯିବ ।**

1. ପୂର୍ବ ବର୍ଷର ନିଲାମ ଟଙ୍କା ବକେୟା ରଖିଥିବା ବ୍ୟକ୍ତିବିଶେଷ ବା ଅନୁଷ୍ଠାନମାନେ ନିଲାମରେ ଭାଗ ନେଇ ପାରିବେ ନାହିଁ ।
2. ନିବିଦା ଦାଖଲ କରିବା ବ୍ୟକ୍ତିବିଶେଷମାନେ ନିବିଦା (Quotation) ସହିତ Solvency Certificate ବା ନିବିଦା ମୂଲ୍ୟର ବ୍ୟାଙ୍କ Guarantee in favour of "Executive Officer, Payable at Baripada" ଦାଖଲ କରିବେ, ନଚେତ ଦାଖଲ କରିଥିବା ନିବିଦା ଗ୍ରହଣୀୟ ହେବ ନାହିଁ ।
3. ନିବିଦା ସହିତ ଆବଶ୍ୟକ S.D. Money (ଅମାନତ ଟଙ୍କା) "Banker Check or DD in favour of the Executive Officer, Baripada Municipality, Baripada payable at Baripada କରିଆରେ ଦାଖଲ କରିପାରିବେ ।
4. ନିବିଦାଦାତା ପୌରାଞ୍ଚଳ ଅଧିବାସୀ ହୋଇଥିବେ ଏବଂ ତାହାର ପ୍ରମାଣ ସ୍ୱରୂପ ଆବେଦନ ସମୟରେ ଆଧାର କାର୍ଡ/ଭୋଟର ଆଇ.ଡି କାର୍ଡ ସହିତ ଗୃହ ଟିକସ ରସିଦର ନକଲ/ଦୋକାନ ଭଡ଼ା (ଯଦି ଦୋକାନ ଥାଏ) ଓ ଅନ୍ୟାନ୍ୟ ଟ୍ୟାକ୍ସ ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ପୈଠ ସମ୍ବନ୍ଧୀୟ ରସିଦର ନକଲ କପି ନିବିଦା ସହିତ ଦାଖଲ କରିବେ। ନଚେତ ତାହା ଗ୍ରହଣୀୟ ହେବନାହିଁ ।
5. ଯାହାଙ୍କ ନାମରେ ନିଲାମ ସିଦ୍ଧ ହେବ ସେ କାର୍ଯ୍ୟାଳୟରେ ସୂଚନା ପ୍ରାପ୍ତିର ୩ (ତିନି) ଦିନ ମଧ୍ୟରେ ଏକକାଳୀନ ସମସ୍ତ ଧାର୍ଯ୍ୟ ଦେୟ ମ୍ୟୁନିସିପାଲିଟି ଅଫିସରେ ପୈଠ କରିବେ। ନଚେତ ତାଙ୍କର ଜମାଥିବା ଅମାନ ଟଙ୍କା ବାଜ୍ୟାପ୍ତ କରାଯିବ ଏବଂ ସମ୍ପୃକ୍ତ ନିଲାମର ଦ୍ୱିତୀୟ ସର୍ବୋଚ୍ଚ ଦର ଉପସ୍ଥାପନ କରିଥିବା ଅନ୍ୟ ବ୍ୟକ୍ତି ବା ଅନୁଷ୍ଠାନଙ୍କୁ ନିଲାମରେ ଦିଆଯିବ ।
6. ଯେଉଁ ବ୍ୟକ୍ତିଙ୍କ ନାମରେ ନିଲାମ ସିଦ୍ଧ ହେବ ସେ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ସହିତ ଆବଶ୍ୟକୀୟ ଚୁକ୍ତିପତ୍ର ନିଲାମ ଚୂଡ଼ାନ୍ତ ହେବାର ୩ (ତିନି) ଦିନ ମଧ୍ୟରେ କରିବେ ।
7. ଯେଉଁ ବ୍ୟକ୍ତିଙ୍କ ନାମରେ ନିଲାମ ସିଦ୍ଧ ହେବ, ତାଙ୍କର ଅମାନତ ଟଙ୍କା ନିଲାମ ଅବଧି ସରିଲା ପରେ ଆବେଦନ କ୍ରମେ ଫେରସ୍ତ ଦିଆଯିବ ଓ ଏହା ସହିତ ଅସିଦ୍ଧ ହୋଇଥିବା ଅନ୍ୟ ନିଲାମଧାରୀଙ୍କର ଅମାନତ ଟଙ୍କା ନିଲାମ ପ୍ରକ୍ରିୟା ସରିଲା ପରେ ଆବେଦନ କ୍ରମେ ଫେରସ୍ତ କରାଯିବ ।
8. ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଦେୟର ପରିବର୍ତ୍ତନ ହେଲେ କିମ୍ବା ନିୟମରେ କୌଣସି ପରିବର୍ତ୍ତନ କରାଗଲେ ନିଲାମଧାରୀ ତାହା ପାଳନ କରିବାକୁ ବାଧ୍ୟ ରହିବେ ।
9. ଅମାନତ ଟଙ୍କା ଫେରସ୍ତ ଦେଲାବେଳେ ସେଥିରେ କୌଣସି ସୁଧ ଦିଆଯିବ ନାହିଁ କିମ୍ବା ନିବିଦା କିଣିବା ବାବଦରେ ଜମା କରିଥିବା ଟଙ୍କା ଫେରସ୍ତ ଦିଆଯିବ ନାହିଁ ।
10. ଯେଉଁ ନିଲାମଧାରୀଙ୍କର ସୈରାତ ସିଦ୍ଧ ହୋଇଥିବ ସେହି ବ୍ୟକ୍ତି ଭବିଷ୍ୟତରେ ତାହା କାର୍ଯ୍ୟକାରୀ ନ କରିପାରିଲେ ଏହି ବାବଦରେ ଜମାଥିବା ଅମାନତ ଟଙ୍କା ବାଜ୍ୟାପ୍ତ କରିବା ସହିତ ନିଲାମ ଟଙ୍କା ଫେରସ୍ତ ଦିଆଯିବ ନାହିଁ । ଏଣୁ ଏହି ପରିପ୍ରେକ୍ଷୀରେ ନିଲାମଧାରୀ ଉକ୍ତ ଟଙ୍କାକୁ ଦାବି କରିପାରିବେ ନାହିଁ ଏବଂ କୌଣସି ଆଇନ ଅଦାଲତରେ ଆଶ୍ରୟ ନେଇପାରିବେ ନାହିଁ ।

ସ୍ୱା./- ନିର୍ବାହୀ ଅଧିକାରୀ, ବାରିପଦା ପୌରପାଳିକା

OIPR-13078/11/0007/2223

## ସଂକ୍ଷେପରେ

### ସୁଦୃଢ଼ କରାଯିବ ଜି.ଉଦୟଗିରି ସହରର ପରିମଳ ବ୍ୟବସ୍ଥା

ଜି.ଉଦୟଗିରି,୭।୫(ଡି.ଏନ୍.ଏ.)- ଜି.ଉଦୟଗିରି ବିଜ୍ଞାପିତ ଅଞ୍ଚଳର ପରିମଳ ବ୍ୟବସ୍ଥାକୁ ସୁଦୃଢ଼ କରାଯିବ। ବର୍ଷାଦିନ ଆସିବା ପୂର୍ବରୁ ଡ୍ରେନ୍‌ଗୁଡ଼ିକର ମରାମତି କରାଯିବ। ଯେପରି ସାମାନ୍ୟ ବର୍ଷାରେ ଡ୍ରେନ୍ ପାଣି ରାସ୍ତାକୁ ନ ଆସିବ, ସେଥିପ୍ରତି ଦୃଷ୍ଟି ଦିଆଯିବ ବୋଲି ଗୁରୁବାର ଏନ୍‌ଏସିର ସ୍ୱତନ୍ତ୍ର ବୈଠକରେ ଅଧକ୍ଷତା କରି ଜି.ଉଦୟଗିରି ଏନ୍‌ଏସି ଅଧକ୍ଷା ଭାନୁପ୍ରଭା ମିଶ୍ର କହିଛନ୍ତି। ବୈଠକ ପରେ ସହରର ସାମୂହିକ ବିକାଶ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି। ଲୋକଙ୍କ ଅଭିଯୋଗ ପାଇ ଏସବୁ ସମସ୍ୟାର ଶୀଘ୍ର ସମାଧାନ କରାଯିବ ବୋଲି କହିଥିଲେ। ଅଧକ୍ଷା ଦାୟିତ୍ୱ ନେବା ପରେ ଅର୍ଦ୍ଧନିର୍ମିତ ହୋଇ ପଡ଼ି ରହିଥିବା ନୂତନ ବସ୍‌ଷ୍ଟାଣ୍ଡକୁ ସମ୍ପୂର୍ଣ୍ଣ କରିବା ସହ ଅନେକ ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବା ଓ ଶୌଚାଳଗୁଡ଼ିକ ଠିକ୍ କାର୍ଯ୍ୟକ୍ଷମ କରିବା ଉପରେ ଗୁରୁତ୍ୱ ଦେଇଥିଲେ।

### ନଗର ଭ୍ରମଣରେ ମା' ନାରାୟଣୀ

ଫୁଲବାଣୀ ଅଫିସ, ୭।୫- ଫୁଲବାଣୀର ପ୍ରସିଦ୍ଧ ମା' ନାରାୟଣୀ ଯାତ୍ରା ଦିନକୁ ଦିନ ଜମିବାରେ ଲାଗିଛି। ପ୍ରତ୍ୟେକ ଦିନ ସନ୍ଧ୍ୟାରେ ଭକ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଏବେ ପଞ୍ଚଠାକୁରାଣୀଙ୍କର ନଗର ଭ୍ରମଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଅସ୍ଥାୟୀ ମନ୍ଦିରରେ ସନ୍ଧ୍ୟା ଆଳତି ପରେ ଏକ ପଟୁଆରରେ ମା' ନଗର ଭ୍ରମଣ କରୁଛନ୍ତି। ଶନିବାର ଦ୍ୱିତୀୟ ଦିନରେ ଦେବୀ ଗମ୍ଭିରାରୁ ବାହାରି ରାମମନ୍ଦିର ରାସ୍ତାଦେଇ ହାଟପଦା ସ୍କୁଲ ରାସ୍ତା, ଆର୍.ଟି.ଓ ଅଫିସ୍ ସମ୍ମୁଖ, ଗାନ୍ଧୀଛକ, ବସ୍‌ଷ୍ଟାଣ୍ଡ, ଏଫ୍.ସି.ଆଇ ଛକ, ଇରିଗେସନ୍ କଲୋନି ଓ ଅରବିନ୍ଦ ନଗରରେ ପୂଜାସାରି ଅସ୍ଥାୟୀ ମନ୍ଦରକୁ ଫେରିଥିଲେ। ନଗର ଭ୍ରମଣ ପରେ ପରେ ଯାତ୍ରା ପଡ଼ିଆଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ସେହିପରି ଶୁକ୍ରବାର ନଗର ଭ୍ରମଣ ପରେ ଯାତ୍ରା ପଡ଼ିଆରେ ଏସ୍.କେ.ମେଲୋଡ଼ି ପକ୍ଷରୁ ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

### ଗ୍ୟାସ୍ ସିଲିଣ୍ଡର ବଣ୍ଟନ କଲେ ବିଧାୟିକା

ଆସିକା,୭।୫(ଡି.ଏନ.ଏ.)-ଆସିକା ବ୍ଲକରେ ଥିବା ବିଭିନ୍ନ ଅଙ୍ଗନୱାଡି କେନ୍ଦ୍ରକୁ ଶନିବାର ୨ଟି ଲେଖାଏ ବଡ ଗ୍ୟାସ ସିଲିଣ୍ଡର ବଣ୍ଟନ କରାଯାଇଛି। ଆସିକା ବ୍ଲକ ମହିଳା ଓ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟିକା ମଞ୍ଜୁଳା ସ୍ୱାଇଁ ଏହି ସିଲିଣ୍ଡର ବଣ୍ଟନ କରିଥିଲେ। ସିଲିଣ୍ଡର ସହ ବିଭିନ୍ନ କେନ୍ଦ୍ରକୁ ଗ୍ୟାସ ଚୁଲା, ଲାଇଟର, ରିମୋଟ ଆଦି ଦିଆଯାଇଛି। ଅଙ୍ଗନୱାଡ଼ି କେନ୍ଦ୍ରରେ ଶିଶୁଙ୍କୁ ରନ୍ଧା ଖାଦ୍ୟ ଯୋଗାଇବା ପାଇଁ ଏହା ବେଶ ସହାୟକ ହେବ ବୋଲି କୁହାଯାଇଛି। ସିଡିପିଓ ଭାରତୀ ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆସିକା ବିଡିଓ ରୋଶନ ଶତପଥୀ, ତହସିଲଦାର ସଞ୍ଜୟ କୁମାର ସାମନ୍ତରାୟଙ୍କ ସମେତ ସୁପରଭାଇଜରମାନେ ଉପସ୍ଥିତ ଥିଲେ। ବ୍ଲକର ସମୁଦାୟ ୨୫୧ ଅଙ୍ଗନବାଡି କେନ୍ଦ୍ର ମଧ୍ୟରୁ ବର୍ତ୍ତମାନ ୧୮୧ କେନ୍ଦ୍ରରେ ଏହି ଗ୍ୟାସ ସିଲିଣ୍ଡର ବଣ୍ଟନ ଲାଗି ଆସିଥିବା ସିଡିପିଓ ସୂଚନା ଦେଇଛନ୍ତି।

# ସମ୍ଭାବ୍ୟ ବାତ୍ୟା ନେଇ ଜିଲା ପ୍ରଶାସନ ସଜାଗ

- ସରକାରୀ କର୍ମଚାରୀ ହେଡ୍‌କ୍ୱାର୍ଟର ଛାଡ଼ିବେନି
- ଖୋଲିଲା ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ



ବୈଠକରେ ଜିଲ୍ଲାପାଳ ଓ ଅନ୍ୟ ଅଧିକାରୀମାନେ।

ଛତ୍ରପୁର,୭।୫(ଡିଏନଏ)

ଗଞ୍ଜାମ ଜିଲା ପ୍ରଶାସନ ସମ୍ଭାବ୍ୟ ବାତ୍ୟାକୁ ନେଇ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି, କିନ୍ତୁ ସୂଚନା ମୁତାବକ ବାତ୍ୟା ସ୍ଥଳଭାଗ ଛୁଇଁବା ସମ୍ଭାବନା ନାହିଁ ବୋଲି ପାଣିପାଗ ବିଭାଗ ଆକଳନ କରିଛି। ଏହାର ପ୍ରଭାବରେ ପ୍ରବଳ ବର୍ଷା ହେବା ସମ୍ଭାବନା ରହିଛି, କିନ୍ତୁ ପବନର ଗତି ସାମାନ୍ୟ ରହିବ। ଜିଲା ପ୍ରଶାସନ ତରଫରୁ ଏଥି ପୂର୍ବରୁ ଏକ ଜରୁରିକାଳୀନ ଆଭାସି ବୈଠକରେ ଜିଲାର ସମସ୍ତ ଅଧିକାରୀ ଏବଂ ଲାଇନ ବିଭାଗ କର୍ମଚାରୀଙ୍କୁ ସତର୍କ କରାଇ ପ୍ରସ୍ତୁତ ରହିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ସେହି ପ୍ରକାରରେ ଜିଲାର ସମସ୍ତ ବିଡିଓ ଓ ତହସିଲଦାର ନିଜ ନିଜ ସ୍ତରରେ ବୈଠକ କରି ସମସ୍ତ ପ୍ରସ୍ତୁତି ଶେଷ କରିଛନ୍ତି। ନିର୍ଦ୍ଦେଶ ମୁତାବକ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମଧ୍ୟକୁ ଯିବା ପାଇଁ ବାରଣ କରାଯାଇଛି। ତଳିଆ ଅଞ୍ଚଳର ଲୋକମାନଙ୍କୁ ଉଚ୍ଚା ପକ୍କା ଘର କିମ୍ବା ବାତ୍ୟା ଆଶ୍ରୟ ସ୍ଥଳୀରେ ରଖାଯିବାର ବ୍ୟବସ୍ଥା ହୋଇଛି। ଆବଶ୍ୟକ ସ୍ଥଳେ ସେମାନଙ୍କୁ ରନ୍ଧାଖାଦ୍ୟ ଓ ପାନୀୟ ଜଳ ଯୋଗାଇ ଦେବାର ବ୍ୟବସ୍ଥା ମଧ୍ୟ କରାଯାଇଛି। ମାଟି ଓ ଚାଳଘରେ ରହୁଥିବା ପରିବାର ବର୍ଗଙ୍କୁ ଚିହ୍ନଟ କରାଯାଇଛି। ସେମାନଙ୍କୁ ସ୍ଥାନାନ୍ତର କରାଯିବ। ପ୍ରବଳ ବର୍ଷା ଯୋଗୁ ଖାଲୁଆ ଅଞ୍ଚଳ ଜଳମଗ୍ନ ହୋଇ ରହିବ, ତେଣୁ ଏହାର ପ୍ରତିକାର ଲାଗି ବ୍ୟବସ୍ଥା କରାଯାଇଛି। ଖାଦ୍ୟ ସାମଗ୍ରୀ କଳାବଜାର ନ ହେବା ପାଇଁ ଦୃଷ୍ଟି ଦେବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦିଆଯାଇଛି। ଯଦି ଗଛ ଭାଙ୍ଗିଯାଏ ତେବେ ତୁରନ୍ତ ସଫାକରି ରାସ୍ତାରେ ଯାତାୟାତ ଯେପରି ବାଧାପ୍ରାପ୍ତ ନ ହୁଏ ସେଥିଲାଗି ଗଛକଟା ଯନ୍ତ୍ର, ଜେସିବି ଏବଂ ଅନ୍ୟାନ୍ୟ ଯନ୍ତ୍ରାଂଶ ପ୍ରସ୍ତୁତ ରଖାଯାଇଛି। ସମସ୍ତ ସରକାରୀ କର୍ମଚାରୀଙ୍କୁ ନିଜ ସଦର ମହକୁମାରେ ରହିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଘୋଡାହାଡ ଜଳସେଚନ ଉପଖଣ୍ଡ, ବାଘଲଟି ଜଳସେଚନ ଉପଖଣ୍ଡ ଏବଂ ବାହୁଦା ଜଳ ସେଚନ ଉପଖଣ୍ଡରେ ସମସ୍ତେ ସଜାଗ ରହି ୨୪ ଘଣ୍ଟିଆ କାର୍ଯ୍ୟଭାର ଦିଆଯାଇଛି। ଏଣୁ ନଦୀ ନିକଟବର୍ତ୍ତୀ ଲୋକେ ଗୃହପାଳିତ ପ୍ରାଣୀଙ୍କୁ ନଦୀ ପାଖକୁ ଛାଡିବେ ନାହିଁ କିମ୍ବା ମାଛ ଧରିବା ପାଇଁ ନଦୀକୁ ଯିବେ ନାହିଁ ବୋଲି ସତର୍କ କରାଯାଇଛି। ଜିଲାରେ ଥିବା ସମସ୍ତ ବାତ୍ୟା ଆଶ୍ରୟ ସ୍ଥଳ ଏବଂ ଅସ୍ଥାୟୀ ଆଶ୍ରୟ ସ୍ଥଳ ଚିହ୍ନଟ କରାଯାଇ ମିଳିତ ଟିମ ଯାଞ୍ଚ କରି ସଜାଗ ରଖାଯାଇଛି। ସମସ୍ତ ସ୍ଥାନରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ ଖୋଲାଯାଇ ଅଧିକାରୀମାନଙ୍କ ଫୋନ ନମ୍ବର ଦିଆଯାଇଛି।

ପ୍ରସ୍ତୁତି ବୈଠକରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ଅତିରିକ୍ତ ଜିଲାପାଳ ପ୍ରିୟ ରଞ୍ଜନ ପୃଷ୍ଟି, ବ୍ରହ୍ମପୁର ମହାନଗର ନିଗମ କମିଶନର ଡ.ସିଦ୍ଧେଶ୍ୱର ବଳିରାମ ବୋନ୍ଦାର, ଗୁଡା ପ୍ରକଳ୍ପ ନିର୍ଦ୍ଦେଶକ ସଚ୍ଚିଦାନନ୍ଦ ନାୟକ, ବ୍ରହ୍ମପୁର ଉପଜିଲାପାଳ ଓାଇ. କୀର୍ତ୍ତି ଓ୍ୱାସନ, ଭଞ୍ଜନଗର ଉପଜିଲାପାଳ ରାଜେନ୍ଦ୍ର ମିଞ୍ଜ, ଛତ୍ରପୁର ଉପଜିଲାପାଳ ନୀଳମାଧବ ଭୋଇ, ସମସ୍ତ ବିଡିଓ, ତହସିଲଦାର, ଜିଲାସ୍ତରୀୟ ଅଧିକାରୀ ଏବଂ ଲାଇନ ବିଭାଗ ଅଧିକାରୀ ମାନେ ଯୋଗ ଦେଇଥିଲେ।

# ଶ୍ରୀଅରବିନ୍ଦଙ୍କ ପାଠଚକ୍ର


ଉପସ୍ଥିତ କର୍ମକର୍ତ୍ତା।

ଭଞ୍ଜନଗର,୭।୫(ଡି.ଏନ୍.ଏ)

ଶ୍ରୀଅରବିନ୍ଦଙ୍କ ୧୫୦ତମ ଜୟନ୍ତୀ ଅବସରରେ ଶନିବାର ବ୍ଲକ ସଂଯୋଜିକା ରତ୍ନ ମଞ୍ଜରୀ ପାଢ଼ୀଙ୍କ ଅଧକ୍ଷତାରେ ଏକ ସ୍ୱତନ୍ତ୍ର ପାଠଚକ୍ର ସ୍ଥାନୀୟ ଶ୍ରୀଅରବିନ୍ଦ ଶକ୍ତିପୀଠରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଞ୍ଚଳ ସଙ୍ଗଠକ ରଘୁନାଥ ପଣ୍ଡା, ଅବସରପ୍ରାପ୍ତ ଅଧକ୍ଷ କୃତ୍ତିବାସ ବିଶ୍ୱାଳ, ରମେଶ ବେହେରା, ଦେବରାଜ ଷଡ଼ଙ୍ଗୀ, ବସନ୍ତ କୁମାର ଖାଡ଼ଙ୍ଗା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଶକ୍ତିପୀଠ ପରିସରରେ ଶ୍ରୀଅରବିନ୍ଦଙ୍କ ଦେହାଂଶ ପ୍ରତିଷ୍ଠା ପାଇଁ ମନ୍ଦିର କାର୍ଯ୍ୟ ଦ୍ରୁତ ଗତିରେ ଚାଲିଥିବା ବେଳେ ଆଗାମୀ ଦିନରେ ମନ୍ଦିର କାର୍ଯ୍ୟ କିଭଳି ପୂର୍ଣ୍ଣାଙ୍ଗ ହେବ ସେନେଇ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା। ସୂଚନାଯୋଗ୍ୟ, ୨୦୨୧ ଅଗଷ୍ଟ ୧୫ରୁ ଆସନ୍ତା ଅଗଷ୍ଟ ୧୫ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ଶ୍ରୀଅରବିନ୍ଦଙ୍କ ଜୟନ୍ତୀ ପାଳିତ ହେଉଛି। ଏହିଭଳି ଭଞ୍ଜନଗର ବ୍ଲକର ବିଭିନ୍ନ ସ୍ଥାନରେ ମଧ୍ୟ ଜୟନ୍ତୀ ଉତ୍ସବ ପାଳିତ ହେଉଛି।

# ଶ୍ରୀମନ୍ଦିର ସୁରକ୍ଷା ପାଇଁ ଦାବିପତ୍ର


ଦାବିପତ୍ର ପ୍ରଦାନ ପୂର୍ବରୁ କର୍ମକର୍ତ୍ତା ମାନେ।

ଭଞ୍ଜନଗର, ୭।୫(ଡି.ଏନ୍.ଏ)

ଶ୍ରୀମନ୍ଦିର ସୁରକ୍ଷା ଅଭିଯାନ ମାଧ୍ୟମରେ ପୁରୀ ଶ୍ରୀମନ୍ଦିରର ସୁରକ୍ଷା ପାଇଁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଭଞ୍ଜନଗର ଉପଜିଲାପାଳ ରାଜେନ୍ଦ୍ର ମିଞ୍ଜଙ୍କୁ ଏକ ଦାବିପତ୍ର ଶନିବାର ପ୍ରଦାନ କରାଯାଇଥିଲା। ଦାବିପତ୍ର ପ୍ରଦାନ ସମୟରେ ଭାଜପା ନେତା ପ୍ରଦ୍ୟୁମ୍ନ କୁମାର ନାୟକ, ବିଶ୍ୱ ହିନ୍ଦୁ ପରିଷଦ ନେତା ମୁରଲୀଧର ପଣ୍ଡା, ସୁଧୀର କୁମାର ନାୟକ, ଦେବାଶିଷ ପଣ୍ଡା, ପୂର୍ଣ୍ଣଚନ୍ଦ୍ର ଗୌଡ଼, ବନମାଳୀ ଗଉଡ଼, ପଦ୍ମନାଭ ପ୍ରଧାନ, ସମୀର ମହାପାତ୍ର, ବଟକୃଷ୍ଣ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ଅବ୍ୟବସ୍ଥା ଘେରରେ କଟାମା ହାଇସ୍କୁଲ ଛାତ୍ରାବାସ

ପାରଳାଖେମୁଣ୍ଡି,୭।୫(ଡି.ଏନ୍.ଏ.)

ଗଜପତି ଜିଲା ମୋହନା ବ୍ଲକ ଅନ୍ତର୍ଗତ କଟାମା ପଞ୍ଚାୟତ ସଦର କାଟାମାଠାରେ ଥିବା ଛାତ୍ରାବାସ ଅବ୍ୟବସ୍ଥା ମଧ୍ୟରେ ରହିଛି। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ରହିଥିବା ଏହି ଛାତ୍ରାବାସରେ ରୋଷେଇ ଶାଳାର ବ୍ୟବସ୍ଥା ନ ଥିବାରୁ ବର୍ଷା, କାକର, ଗ୍ରୀଷ୍ମରେ ପିଲାଙ୍କୁ ଖାଇବାକୁଦେବାକୁ ହେଲେ କାଠିକର ପାଠ ହୋଇପଡୁଛି। ରୋଷେଇ କରିବାକୁ ବହୁତ ଅସୁବିଧା ହେବାକୁ ପଡୁଥିବା ବେଳେ ଖାଇବା ପାଇଁ ସ୍ଥାନ ନ ଥିବାରୁ ଆହୁରି ଅସୁବିଧାରେ ପଡୁଥିବାର କହିଛନ୍ତି। ଖୋଲା ମେଲାରେ ପିଲାଙ୍କୁ ରୋଷେଇ କରିବାକୁ ପଡେ। ରୋଷେଇ ଘର ନାହିଁ ଓ ଛାତ୍ର ବାସ କୋଠା ମଧ୍ୟ ଅଧାପନ୍ତରିଆ ପଡି ରହିଛି। ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରାବାସ ନିର୍ମାଣ ପାଇଁ କାମ ଚାଲିଥିଲେ ମଧ୍ୟ ଏହା ଏବେ ଅଧାପନ୍ତରିଆ ଭାବେ ପଡି ରହିଛି। ୨ ବର୍ଷ ହେଲା ଆଦିବାସୀ ପିଲାମାନେ ସରକାରୀ ଯୋଜନାରେ ସଫଳ ହୋଇପାରୁ ନାହାଁନ୍ତି। କଟାମାଠାରୁ ମୋହନା ବ୍ଲକ ସଦରକୁ ଯିବାକୁ ହେଲେ ୪୦ ରୁ ୫୦ କିଲୋମିଟର ଯିବାକୁ ପଡେ। ତେବେ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଲେ କଟାମା ପଞ୍ଚାୟତବାସୀ ଉପକୃତ ହେବେ ବୋଲି ଗ୍ରାମବାସୀ ସୂଚନା ଦେଇଛନ୍ତି।


କଟାମା ହାଇସ୍କୁଲ ଛାତ୍ରାବାସ।

# ଆଦିବାସୀମାନଙ୍କ ଶୋଭାଯାତ୍ରା ସହ ସାଧାରଣ ସଭା

ନୂଆଗଡ,୭।୫

ଆଦିବାସୀ ସଂଘର୍ଷ ମୋର୍ଚ୍ଚା, ଅଖିଳ ଭାରତ ଗ୍ରାମୀଣ କ୍ଷେତ ମଜଦୁର ସଭା ଏବଂ ସିପିଆଇ(ଏମଏଲ) ଲିବରେସନ ତରଫରୁ ବିଶାଳ ଶୋଭାଯାତ୍ରା ସହ ଏକ ସାଧାରଣ ସଭା ଗଜପତି ଜିଲା ନୂଆଗଡ଼ ବ୍ଲକ ତାବରଡା ଗ୍ରାମଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଦିବାସୀ ସଂଘର୍ଷ ମୋର୍ଚ୍ଚାର ସର୍ବ ଭାରତୀୟ ନେତା ଅନାସିମ ଶବର, ସିପିଆଇ ଲିବରେସନର ରାଜ୍ୟ କମିଟି ସଭ୍ୟ ତ୍ରିପତି ଗମାଙ୍ଗ ଏବଂ ନୂଆଗଡ଼ ବ୍ଲକ ସମ୍ପାଦକ ଜାକବ କାର୍ଯୀ ଉପସ୍ଥିତ ଥିଲେ। ପ୍ରଥମେ ଅଞ୍ଚଳର ଶତାଧିକ ଆଦିବାସୀ ତାବରଡା ଛକରେ ଉପସ୍ଥିତ ହୋଇ ହାତରେ କାତି, କୁରାଢ଼ି ଧରି ନିଜର ଅଧିକାରକୁ ନେଇ ବିଭିନ୍ନ ନାରାବାଜି ଦେଇ ଏକ ବିଶାଳ ଶୋଭାଯାତ୍ରାରେ ବାହାରିଥିଲେ। ପରେ ଗ୍ରାମରେ ପହଞ୍ଚି ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ସେହି ସଭାରେ ମୁଖ୍ୟତଃ ୧୦ ଦଫା ଦାବି ସମୂହ ଯଥା ବ୍ଲକର ପ୍ରତ୍ୟେକ ପଞ୍ଚାୟତର ଗରିବ ଲୋକମାନଙ୍କୁ ୨୦୦ଦିନ କାମ ସହିତ ଦୈନିକ ୫୦୦ ଟଙ୍କା ଦିଆଯାଉ, ଆଦିବାସୀମାନଙ୍କ ଭାଷା ଓ ସଂସ୍କୃତି ସାମ୍ବିଧାନିକ ଅଧିକାର ଦେବା ସହ ସଂରକ୍ଷଣ ଅଧିକାର ଦିଆଯାଉ, ସମସ୍ତ ଗାଁର ଆଦିବାସୀ ମାନଙ୍କୁ ଏଫ୍‌ଆର୍‌ଏ ସାମିଲ କରାଯାଉ, ଆଦିବାସୀ ମାନଙ୍କୁ ଜଙ୍ଗଲରେ ଚାରାରୋପଣ ପାଇଁ ଗ୍ରାମ ସଭା ଗୁଡିକରେ ପାଣ୍ଠି ଯୋଗାଇ ମନରେଗା କାମ ଯୋଗାଇ ଦିଆଯାଉ ଆଦି ବିଷୟରେ ଦାବି କରିଛନ୍ତି।

# ଗ୍ରାମବାସୀଙ୍କ ସମସ୍ୟା ବୁଝିଲେ ବିଡିଓ

## ୭ କିମି ଜଙ୍ଗଲରେ ଚାଲିକିଗଲେ


ଗ୍ରାମବାସୀଙ୍କ ସମସ୍ୟା ବୁଝୁଛନ୍ତି ବିଡିଓ।

ବଲସକୁମ୍ପା,୭।୫

କନ୍ଧମାଳ ଖଜୁରିପଡ଼ା ବ୍ଲକ ବିଡିଓ ରବୀନ୍ଦ୍ରନାଥ କହଁର ୭ କିଲୋମିଟର ଜଙ୍ଗଲରେ ଚାଲି ଚାଲି ଯାଇ ଗ୍ରାମବାସୀଙ୍କ ସମସ୍ୟା ବୁଝିଛନ୍ତି। ୧୪ଟି ପଞ୍ଚାୟତକୁ ନେଇ ଖଜୁରିପଡ଼ା ବ୍ଲକ ଗଠିତ। ପ୍ରାୟ ୨ କିମ୍ବା ୩ଟି ପଞ୍ଚାୟତର ଗାଁ ଗୁଡିକ ଅତି ଦୁର୍ଗମ ଓ ଅପହଞ୍ଚ ଇଲାକାରେ ଅବସ୍ଥିତ। ସେଥିରୁ ବିଲାବାଡ଼ି ପଞ୍ଚାୟତ ସମ୍ପୂର୍ଣ୍ଣ ଦୁର୍ଗମ ଓ ଅପହଞ୍ଚ ଇଲାକା। ସେହି ଗାଁଗୁଡ଼ିକୁ ବିଡିଓ କହଁର ଜଙ୍ଗଲରେ ଚାଲିକି ଯାଇ ଲୋକଙ୍କ ସମସ୍ୟା ବୁଝୁଛନ୍ତି। ଗତ ରବିବାର ଛୁଟିଦିନ ଥିଲେ ମଧ୍ୟ ଖରାକୁ ଖାତିର ନକରି ବିଡିଓ ଏହି ବିଲାବାଡ଼ି ପଞ୍ଚାୟତକୁ ଗସ୍ତକରି ୭ କିଲୋମିଟର ବାଟ ଜଙ୍ଗଲରେ ଚାଲିକି ଯାଇ ମହାପାତ୍ର ଗ୍ରାମରେ ପହଞ୍ଚି ଆୟୋଜିତ ବୈଠକରେ ଲୋକଙ୍କ ସମସ୍ୟା ବୁଝିଥିବା ଦେଖିବାକୁ ମିଳିଛି। ରାସ୍ତାର ସମସ୍ୟା ପାଇଁ ଆବାସ ଯୋଜନାରେ କାର୍ଯ୍ୟାଦେଶ ମିଳିଥିଲେ ବି ଗୃହ ନିର୍ମାଣ ଉପକରଣ ନେଇ ପାରୁ ନ ଥିବାରୁ ଏପର୍ଯ୍ୟନ୍ତ ଲୋକେ ଗୃହ ନିର୍ମାଣ କରି ପାରୁନାହାନ୍ତି। ସେହିଭଳି ୧୦ କିଲୋମିଟର ବାଟ ଜଙ୍ଗଲ ରାସ୍ତାରେ ଚାଲିକି ଆସି ଚାଉଳ, କିରୋସିନ, ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀ ଜିନିଷପତ୍ର ନେଇ ଯାଉଛନ୍ତି। ଏହିସବୁ ସମସ୍ୟା ଗ୍ରାମବାସୀ ବିଡିଓଙ୍କୁ ଜଣାଇଥିଲେ। ବିଡିଓଙ୍କ ଏହି ଗସ୍ତ କାର୍ଯ୍ୟକ୍ରମରେ ସହକାରୀ ଯନ୍ତ୍ରୀ ସଲିଳ ସ୍ୱାଇଁ, କନିଷ୍ଠ ଯନ୍ତ୍ରୀ ପ୍ରଦୀପ କୁମାର ପ୍ରଧାନ, ଓଡ଼ିଶା ଜୀବିକା ମିଶନ ବିଏଲ୍‌ସି ପରେଶ କୁମାର ଦିଗାଲ, ବିଏଫ୍‌ଟି ରଞ୍ଜନ କୁମାର ସେଠୀ, ବିଇଓ ତ୍ରିନାଥ ଠାକୁର ବିଶୋଇ, ସରପଞ୍ଚ ରବୀନ୍ଦ୍ର ଭକ୍ତା ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବରୁ ଏହି ପଞ୍ଚାୟତର ଦଡ଼ଗଣ୍ଡା ଗ୍ରାମକୁ ଜଙ୍ଗଲ ଚଢ଼ି ୬ କିଲୋମିଟର ବାଟ ଚାଲିକି ବିଡିଓ କହଁର ଯାଇ ଲୋକଙ୍କ ସମସ୍ୟା ସମ୍ପର୍କରେ ବୁଝିଥିଲେ। ବିଡିଓଙ୍କ ଏଭଳି କାର୍ଯ୍ୟକଳାପକୁ ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରାଯାଇଛି।

# ଶହୀଦ କୃଷ୍ଣଚନ୍ଦ୍ରଙ୍କ ପରିବାରକୁ ମିଳିଲା ୫ ଲକ୍ଷର ସହାୟତା

ଚିକିଟି,୭।୫(ଡି.ଏନ.ଏ.)

ଗଞ୍ଜାମ ଜିଲା ଚିକିଟିପେଣ୍ଠର ୧୪ତମ ବିହାର ରିଜିମେଣ୍ଟର ସୁବେଦାର ଶହୀଦ କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ପରିବାରକୁ ଡିଫେନ୍ସ ଏଣ୍ଡ ପାରା ମିଲିଟାରୀ ପେର୍ସୋନେଲ ରିଲିଫ୍ ଫଣ୍ଡ ତରଫରୁ ଶନିବାର ପାଞ୍ଚ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। କୃଷ୍ଣଚନ୍ଦ୍ରଙ୍କ ପିତା ହନୁମାନ ପଣ୍ଡା ଏକ ଲକ୍ଷ, ତାଙ୍କ ମାତା ବାସନ୍ତୀ ପଣ୍ଡାଙ୍କୁ ଏକ ଲକ୍ଷ ଏବଂ ତାଙ୍କ ପତ୍ନୀ ଗୀତାଞ୍ଜଳୀ ପଣ୍ଡାଙ୍କୁ ତିନି ଲକ୍ଷ ଆକାରରେ ଦିଆଯାଇଛି। ଏହି ଡିମାଣ୍ଡ ଡ୍ରାପ୍ଟ ଓଡ଼ିଶା ସରକାରଙ୍କ ଅନୁକମ୍ପା ରାଶି ହିସାବରେ ଚିକିଟି ତହସିଲଦାର ବିଶ୍ୱରଞ୍ଜନ କହଁର, ଅତିରିକ୍ତ ତହସିଲଦାର କୁଳଦୀପ କୁମାରଙ୍କ ଦ୍ୱାରା ପ୍ରଦାନ କରାଯାଇଛି। କିନ୍ତୁ ଦେଶ ମାତୃକାର ସେବା କରି କୃଷ୍ଣଚନ୍ଦ୍ର ଶହୀଦ ହେବାର ଦୀର୍ଘ ଏକ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ସୁଦ୍ଧା ଚିକିଟି ପେଣ୍ଠ ଷ୍ଟାଡିୟମକୁ ତାଙ୍କ ନାମରେ ନାମିତ ହୋଇପାରିନି। ଯାହା ଦ୍ୱାରା ଅଞ୍ଚଳରେ ବୁଦ୍ଧିଜୀବୀଙ୍କ ମହଲରେ ଅସନ୍ତୋଷ ବୃଦ୍ଧି ପାଇଛି। ଶହୀଦଙ୍କ ପରିବାରକୁ ଅନୁକମ୍ପା ସହାୟତା ପ୍ରଦାନ ବେଳେ ତହସିଲ କର୍ମଚାରୀ ନାଜିର ପୀତବାସ ନାୟକ, ତ୍ରିଲୋଚନ କାର୍ଜୀ, ରାଜସ୍ୱ ସହାୟକ ପ୍ରମୁଖ ଉପସ୍ଥିତ ଥିଲେ।


ସହାୟତା ରାଶି ପ୍ରଦାନ କରାଯାଉଛି।

### ବାଲ୍ୟବିବାହ ବନ୍ଦ କଲା ଜିଲା ପ୍ରଶାସନ

ପାରଳାଖେମୁଣ୍ଡି,୭।୫(ଡି.ଏନ୍.ଏ.)

ପାରଳାଖେମୁଣ୍ଡିର ରାଜଗୁରୁ ସାହିରେ ଚଳିତ ମାସ ୧୧ରେ ହେବାକୁ ଥିବା ଏକ ବାଲ୍ୟବିବାହକୁ ଜିଲା ପ୍ରଶାସନ ପକ୍ଷରୁ ବନ୍ଦ କରାଯାଇଛି। ଉକ୍ତ ବାଲ୍ୟବିବାହ ସମ୍ପର୍କରେ ଗୋଷାଣୀ ବାଲ୍ୟବିବାହ ନିଷେଧ ଅଧିକାରିଣୀ ଗୌରୀ ନାୟକ ଜାଣିବାକୁ ପାଇଥିଲେ। ପରେ ସେ ବାଲ୍ୟବିବାହ ନିଷେଧ ଟାସ୍କଫୋର୍ସରେ ଥିବା ଅନ୍ୟ ସଦସ୍ୟମାନଙ୍କୁ ଜଣାଇଥିଲେ। ଆଇସିଡିଏସ୍ ସିଡିପିଓ ଗୌରୀ ନାୟକ, ମହିଳା ସୁପରଭାଇଜର ଅମିତା ପାତ୍ର, ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର ପରାମର୍ଶଦାତା ଡି. ମଲ୍ଲିକ, ସଖୀ ୱାନ୍ ଷ୍ଟପ୍ ସେଣ୍ଟର କେନ୍ଦ୍ରର ପରାମର୍ଶଦାତ୍ରୀ ସୁନିତା ବେହେରା, ବିକାଶ କୁମାର ମେହେର, ସୁଶ୍ରୀ ସଂଯୁକ୍ତା ତ୍ରିପାଠୀ, ତପସ୍ୱିନୀ ନାୟକ ଏବଂ ପୋଲିସ ଅଧିକାରିଣୀ ଗିରିଜା ପାଣିଗ୍ରାହୀ ପ୍ରମୁଖ ରାଜଗୁରୁ ସାହିରେ ପହଞ୍ଚି ବାଲ୍ୟବିବାହ ସ୍ଥଗିତ ରଖିଥିଲେ।

### ଘାଟି ତଳୁ ଅଚେତ ଯୁବକ ଉଦ୍ଧାର

ସୋରଡା,୭।୫(ଡି.ଏନ୍.ଏ.)

ଦାରିଙ୍ଗବାଡ଼ି ରାସ୍ତା ରସିଙ୍ଗଯୋଡି ଘାଟି ତଳୁ ଶନିବାର ଜଣେ ଯୁବକଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଛି। ଅପରାହ୍ନ ୪ ଟାରେ ବଣ ଭିତରେ ଶୁଖିଲା ପତ୍ର ଗୋଟେଇବାକୁ ଯାଇଥିବା କିଛି ଲୋକ ଅଚେତ ଅବସ୍ଥାରେ ସମ୍ପୃକ୍ତ ଯୁବକଙ୍କୁ ପଡିଥିବା ଦେଖି ଗଜଲବାଡି ଗ୍ରାମରେ ଜଣାଇଥିଲେ। ପରେ ଗ୍ରାମବାସୀ ଜିଲା ପରିଷଦ ରାଜେଶ ସାହୁଙ୍କୁ ଜଣାଇବାପରେ ଗଣମାଧ୍ୟମ ପ୍ରତିନିଧି ସଞ୍ଜୀବ ପଟନାୟକଙ୍କୁ ଖବର ଦେଇଥିଲେ। ସଞ୍ଜୀବଙ୍କଠାରୁ ଖବର ପାଇ ଦମକଳ ବାହୀନି ସମ୍ପୃକ୍ତ ଯୁବକଙ୍କୁ ଉଦ୍ଧାର କରି ସୋରଡ଼ା ମେଡିକାଲରେ ଭର୍ତ୍ତି କରାଇଥିଲେ।

# ମେଧାବୀ ଛାତ୍ର ସମ୍ବର୍ଦ୍ଧିତ



କୃତୀ ଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ବୁଗୁଡ଼ା,୭।୫(ଡି.ଏନ.ଏ.)

ଶିକ୍ଷା ବିକାଶ ସମିତି, ଓଡିଶା ତରଫରୁ ଆୟୋଜିତ ତୃତୀୟ ଶ୍ରେଣୀ ପ୍ରାଦେଶିକ ମେଧା ପରୀକ୍ଷାରେ ବୁଗୁଡ଼ା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ମେଧାବୀ ଛାତ୍ର ପ୍ରତୀକ ମିଶ୍ର ନବମ ସ୍ଥାନ ଅଧିକାର କରି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ଏ ପରିପ୍ରେକ୍ଷୀରେ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ପ୍ରତୀକଙ୍କୁ ଶୁଭେଚ୍ଛା ସହ ସମ୍ବର୍ଦ୍ଧିତ କରାଯାଇଛି। ଶିଶୁ ମନ୍ଦିରର ବନ୍ଦନା କାଳାଂଶ ଅବସରରେ ପ୍ରଧାନାଚାର୍ଯ୍ୟ ମାଧବ ଶତପଥୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପରିଚାଳନା ସମିତି ସମ୍ପାଦକ ରମେଶ ଚନ୍ଦ୍ର ଆଳଟିଆ ଅତିଥି ଭାବେ ଯୋଗ ଦେଇ କୃତୀ ଛାତ୍ର ପ୍ରତୀକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଦୀର୍ଘ ୨୩ ବର୍ଷ ପରେ ମେଧାବୀ ଛାତ୍ର ପ୍ରତୀକ ପ୍ରାଦେଶିକ ସ୍ତରରେ ଏଭଳି କୃତିତ୍ୱ ହାସଲ କରିଥିବାରୁ ଶିଶୁ ମନ୍ଦିରର ଗୁରୁଜୀ ଗୁରୁମାଙ୍କ ପକ୍ଷରୁ ମଧ୍ୟ ଶୁଭେଚ୍ଛା ଜଣାଇଛନ୍ତି।

# ପ୍ରଶାସନ ଶୁଣିଲାନି ଗ୍ରାମବାସୀ କଲେ ରାସ୍ତା

ଆର.ଉଦୟଗିରି,୭।୫(ଡି.ଏନ.ଏ.)

ସରକାର ଗାଁ ଗାଁକୁ ସଂଯୋଗ କରିବା ଲକ୍ଷ୍ୟରେ ବିଭିନ୍ନ ଯୋଜନା ମାଧ୍ୟମରେ ଲକ୍ଷ ଲକ୍ଷ ଟଙ୍କା ପାଣି ଭଳି ଖର୍ଚ୍ଚ କରୁଛନ୍ତି। ହେଲେ ଆଜି ମଧ୍ୟ ଅନେକ ଗ୍ରାମ ସରକାରଙ୍କ ଦୃଷ୍ଟି ଆଢୁଆଳରେ ରହିଯାଇଛି। ଗ୍ରାମବାସୀ ବାରମ୍ବାର ପ୍ରଶାସନ ହେଉ କିମ୍ବା ଜନ ପ୍ରତିନିଧିଙ୍କୁ ଗୁହାରି ଜଣାଇ ଆସୁଥିଲେ ମଧ୍ୟ ଗ୍ରାମକୁ ଯିବାକୁ ହେଲେ ପାଦଚଲା ରାସ୍ତା ସେମାନଙ୍କ ପାଇଁ ସାହା ଭରସା ପାଲଟିଛି। ଫଳରେ ଗ୍ରାମବାସୀ ନିଜେ ନିଜର ଶ୍ରମଦାନ କରି ଅସ୍ଥାୟୀ ରାସ୍ତା ନିର୍ମାଣ କରୁଥିବା ଦେଖିବାକୁ ମିଳିଛି। ଗଜପତି ଜିଲା ଏକ ଆଦିବାସୀ ଅଧ୍ୟୁଷିତ ଦୁର୍ଗମ ଅଞ୍ଚଳ। ଦୁର୍ଗମ ଅଞ୍ଚଳର ବିକାଶ କରିବା ପାଇଁ ଅନେକ ଯୋଜନା କରିଛନ୍ତି। ଏଭଳି କି ନିର୍ବାଚନ ଆସିଲେ ସମସ୍ତ ପ୍ରକାର ପ୍ରତିଶ୍ରୁତି ମଧ୍ୟ ମିଳୁଛି। ହେଲେ ବାରମ୍ବାର ଅଭିଯୋଗ କରୁଥିଲେ ମଧ୍ୟ ପକ୍କାରାସ୍ତା ଖଣ୍ଡେ ହୋଇପାରୁନି। ଫଳରେ ବର୍ଷ ବର୍ଷ ଧରି ରାସ୍ତା ସମସ୍ୟାକୁ ନେଇ ଘାଣ୍ଟି ହେଉଛନ୍ତି ଗଜପତି ଜିଲା ମୋହନା ବ୍ଲକର ପାହାଡ଼ ପର୍ବତ ଘେରରେ ଥିବା ଗୁରିଗୁଡ଼ା ଗ୍ରାମବାସୀ। ଏହି ଗ୍ରାମ ମୋହନା ବ୍ଲକ କାର୍ଯ୍ୟାଳୟଠାରୁ ମାତ୍ର ୧୨ କିଲୋମିଟର ଦୂରରେ ଅବସ୍ଥିତ। ଗ୍ରାମରେ ପ୍ରାୟ ୫୦୦ ଆଦିବାସୀ ପରିବାର ବସବାସ କରୁଛନ୍ତି। ସେମାନଙ୍କ ମୁଖ୍ୟ ସମସ୍ୟା ରହିଛି ରାସ୍ତା। ଗ୍ରାମବାସୀ ପଞ୍ଚାୟତକୁ ଯିବା ପାଇଁ ଭଲ ରାସ୍ତା ଖଣ୍ଡେ ନାହିଁ। ଗ୍ରାମରେ ଯଦି କାହାର ସ୍ୱାସ୍ଥ୍ୟ ଖରାପ ହୁଏ, ତା'ହେଲେ ଗ୍ରାମକୁ ଆମ୍ବୁଲାନ୍ସ ମଧ୍ୟ ଯାଇପାରୁନାହିଁ। ଫଳରେ ଅନେକ ସମୟରେ ଖଟିଆ କରି ବୋହି ଆଣିବାକୁ ପଡ଼ିଥାଏ। ଗ୍ରାମବାସୀଙ୍କ ଦୁଃଖ ଜିଲା ପ୍ରଶାସନର ଅଣଦେଖା ଓ ଜନପ୍ରତିନିଧିଙ୍କ ପ୍ରତିଶ୍ରୁତି ପାଣିର ଗାର ପାଲଟିଛି। ଫଳରେ ଏଭଳି ନାନା ଅସୁବିଧାର ସମ୍ମୁଖୀନ ହେଉଥିବା ହେତୁ ଗ୍ରାମର ପିଲାଠୁ ବୁଢ଼ା ଏବେ ଅଣ୍ଟା ଭିଡ଼ି ସରକାରଙ୍କୁ କଟାକ୍ଷ କଲାଭଳି ନିଜେ କୋଡ଼ି କୋଦାଳ ଧରି ଅସ୍ଥାୟୀ ରାସ୍ତା ନିର୍ମାଣ କରିଛନ୍ତି। ଅନ୍ତରବା ଗ୍ରାମ ପଞ୍ଚାୟତର ଗୁରିଗୁଡ଼ା ଗ୍ରାମରେ ଭଲ ରାସ୍ତା ଖଣ୍ଡେ ନ ଥିବାରୁ ଗ୍ରାମରେ ଶିକ୍ଷକ ମଧ୍ୟ ଯିବାଆସିବା କରିବା କଷ୍ଟ ଭୋଗୁଛନ୍ତି। ଯାହାକି ଅନେକ ସମୟରେ ଲିଖିତ ଓ ମୌଖିକ ଭାବେ ଅଭିଯୋଗ କରିଥିଲେ ମଧ୍ୟ ପକ୍କା ରାସ୍ତା ଖଣ୍ଡେ ହୋଇପାରୁନି। ଆଗାମୀ ଦିନରେ ସରକାର ଗ୍ରାମକୁ ଭଲ ରାସ୍ତା ଖଣ୍ଡେ କଲେ ଗ୍ରାମବାସୀ ଏଭଳି ଦୁର୍ଦ୍ଦଶାରୁ ମୁକ୍ତ ହେବେ ବୋଲି କହିଛନ୍ତି। ଯଦି ନ କରିବେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବାକୁ ବାଧ୍ୟ ହେବୁ ବୋଲି ଚେତାବନୀ ଦେଇଛନ୍ତି। ଆମେ ଏ ନେଇ ମୋହନା ବିଡିଓ ତପସ୍ୱିନୀ ହାଁସଦାଙ୍କୁ ପଚାରି ବୁଝିଥିଲୁ। ସେ ଏ ବାବଦରେ କୌଣସି ପ୍ରତିକ୍ରିୟା ଦେବାପାଇଁ ମନା କରିଦେଇଥିଲେ।


ରାସ୍ତା ନିର୍ମାଣ କରୁଛନ୍ତି ଗ୍ରାମବାସୀ।

## ମହୁମାଛି ଆକ୍ରମଣରେ ୭ରୁ ଊର୍ଦ୍ଧ୍ୱ ଆହତ

**ଭଣ୍ଡାରିପୋଖରୀ:** ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଅଫିସ୍ ସମ୍ମୁଖ ଶନିମନ୍ଦିରରେ ଶନିବାର ପ୍ରବଳ ଗହଳି ହୋଇଥିଲା। ଶନି ଠାକୁରଙ୍କ ଜନ୍ମଦିନ ଥିବାରୁ ମନ୍ଦିରରେ ଭିଡ଼ ଜମିଥିଲା। ଏହି ସମୟରେ ମହୁମାଛି ଆକ୍ରମଣରେ ୭ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଆହତ ହୋଇଛନ୍ତି। ପ୍ରକାଶ ଯେ, ମନ୍ଦିର ନିକଟରେ ଥିବା ଏକ ଶିରିଶି ଗଛରେ ଅନେକ ମହୁମାଛି ଉଡୁଥିବା ଦେଖାଯାଇଥିଲା। କିଛି କ୍ଷଣ ମଧ୍ୟରେ ମହୁମାଛିଗୁଡ଼ିକ ରାସ୍ତା ଓ ମନ୍ଦିର ଆଡ଼କୁ ଉଡ଼ି ଆସିଥିଲେ। ପଥଚାରୀ ଓ ମନ୍ଦିରରେ ଥିବା ଶ୍ରଦ୍ଧାଳୁମାନଙ୍କୁ ଆକ୍ରମଣ କରିଥିଲେ। ଆହତମାନେ ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ଅଛନ୍ତି। ମହୁମାଛି ବସାଗୁଡ଼ିକୁ ଭାଙ୍ଗିବା ପାଇଁ ଲୋକେ ବ୍ଲକ ପ୍ରଶାସନକୁ ଜଣାଇଛନ୍ତି।

# ମହାନଦୀ, ବ୍ରାହ୍ମଣୀ ଜଳ ପ୍ରଦୂଷିତ

**ହର୍ଷବର୍ଦ୍ଧନ ବେହେରା**
**ଯାଜପୁର ଅଫିସ,୭।୫**



■ ୧୯ଟି ସ୍ଥାନରୁ ମିଳିଛି ବିଓଡି, ଟିସି
■ ଏସ୍‌ପିସିବିର ୨୦୨୧ ପରୀକ୍ଷା ରିପୋର୍ଟ

ରାଜ୍ୟରେ ପ୍ରବାହିତ ମହାନଦୀ ଓ ବ୍ରାହ୍ମଣୀ ନଦୀର ୧୯ଟି ସ୍ଥାନର ଜଳରେ ବିଭିନ୍ନ ବିଷାକ୍ତ ଦ୍ରବ୍ୟ ରହିଥିବାରୁ ତାହା ବ୍ୟବହାର ଅନୁପଯୋଗୀ। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି) ପକ୍ଷରୁ ୨୦୨୧ ବର୍ଷ ପାଇଁ ୧୧ଟି ନଦୀର ୧୨୯ଟି ସ୍ଥାନରୁ ହୋଇଥିବା ଜଳନମୁନା ପରୀକ୍ଷାରୁ ଏହା ସ୍ପଷ୍ଟ ହୋଇଛି। ଏହି ମର୍ମରେ ଜଳ ସମ୍ପଦ ବିଭାଗର ସ୍ୱତନ୍ତ୍ର ସଚିବଙ୍କୁ ଗତ ଏପ୍ରିଲ ୨୭ରେ ଏସ୍‌ପିସିବିର ସଦସ୍ୟ ସଚିବ ସବିଶେଷ ଜଳନମୁନା ପରୀକ୍ଷା ରିପୋର୍ଟ ପ୍ରଦାନ କରିଛନ୍ତି। ଏହି ରିପୋର୍ଟ ଉପରେ ଜଳ ସମ୍ପଦ ବିଭାଗର ସ୍ୱତନ୍ତ୍ର ସଚିବ ଚନ୍ଦ୍ରଶେଖର ପାଢ଼ୀ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ବିଭାଗୀୟ ସେଚ ସଦନର ଚିଫ୍ ଇଞ୍ଜିନିୟରଙ୍କୁ ଗତ ୬ ତାରିଖରେ ସୂଚନା ଦେଇଛନ୍ତି। ଶିଳ୍ପ କାରଖାନା ଏବଂ ସହରର ବର୍ଜ୍ୟଜଳ ନିଷ୍କାସନରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ରିପୋର୍ଟରୁ ଜଣାପଡ଼ିଛି। ତେବେ ଯାଜପୁର ଓ କେନ୍ଦୁଝର ଜିଲାର ଖଣି ସମେତ ଶିଳ୍ପ କାରଖାନାରୁ ନିର୍ଗତ ପାଣି ବ୍ୟବହାର ଉପଯୋଗୀ ବୋଲି ରିପୋର୍ଟରେ ଦର୍ଶାଯାଇଥିବାରୁ ପରୀକ୍ଷାର ସତ୍ୟତା ଉପରେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଓଡ଼ିଶାରେ ପ୍ରବାହିତ ବିଭିନ୍ନ ନଦୀକୁ ଲୋକଙ୍କ ଜୀବନରେଖା ଭାବେ ଅଭିହିତ କରାଯାଇଥାଏ। ଏହି କ୍ରମରେ ନଦୀଜଳକୁ ସ୍ୱଚ୍ଛ ରଖିବା ସରକାରଙ୍କ ପ୍ରଥମ କର୍ତ୍ତବ୍ୟ ହୋଇଛି। ତେଣୁ ଏସ୍‌ପିସିବି ପ୍ରତିବର୍ଷ ନଦୀକୂଳର ବିଭିନ୍ନ ସ୍ଥାନରୁ ଜଳନମୁନା ସଂଗ୍ରହ କରି ପରୀକ୍ଷା ରିପୋର୍ଟ ସରକାରଙ୍କୁ ଉଚିତ ପଦକ୍ଷେପ ନେବାକୁ ପ୍ରଦାନ କରାଯାଏ। କିନ୍ତୁ ରାଜ୍ୟ ସରକାରଙ୍କ ପକ୍ଷରୁ ଏହାର ପ୍ରତିକାର ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଥିଲେ ହେଁ ତାହା ନିର୍ଦ୍ଧାରିତ ସମୟରେ ସମ୍ପନ୍ନ ହେଉ ନ ଥିବାରୁ ଅଞ୍ଚଳବାସୀ ବିଭିନ୍ନ ଜଳବାହିତ ରୋଗରେ ଆକ୍ରାନ୍ତ ହେଉଥିବା ନଜିର ରହିଛି। ୨୦୨୧ରେ ମହାନଦୀର ୫୫ଟି ସ୍ଥାନରୁ ହୋଇଥିବା ଜଳନମୁନା ପରୀକ୍ଷାରେ ୪୦ଟି ସ୍ଥାନର ଜଳ ସହ୍ୟ କରିବାର ସୀମିତ (ଟଲରେନ୍ସ ଲିମିଟ) ବୋଲି ଦର୍ଶାଯାଇଛି। ତେବେ ଏହି ନଦୀର ୮ଟି ସ୍ଥାନ ଯଥା କଟକ କାଠଯୋଡ଼ି, ସେରୁଆ, ଦୟା ନଦୀ ଭୁବନେଶ୍ୱର, ରାଜଧାନୀ ଇଞ୍ଜିନିୟର କଲେଜ ନିକଟ, ପଳାଶୁଣୀ, ସାମନ୍ତରାପୁର ଓ ଭାଡିମୂଳରୁ ଉଭୟ ବିଓଡି (ବାୟୋକେମିକାଲ ଅକ୍ସିଜେନ ଡିମାଣ୍ଡ) ଏବଂ ଟିସି (ଟୋଟାଲ କୋଲିଫର୍ମ) ଭଳି ବିଷାକ୍ତ ଦ୍ରବ୍ୟ ଯେତିକି ରହିବା କଥା ତା'ଠାରୁ ଅଧିକ ମିଳିଛି। ସେହିପରି ଗୋଲସାହି(ମଙ୍ଗଳା) ନିକଟରୁ କେବଳ ବିଓଡି ଅଧିକ ରହିଛି। ଅନ୍ୟପକ୍ଷେ ୬ଟି ସ୍ଥାନ କାଠଯୋଡ଼ି ମତଗଜପୁର, ଦୟା ନଦୀର ଗେଲପୁର ଓ କଣାସ, କୁଶଭଦ୍ରା ନଦୀର ଭିଙ୍ଗାରପୁର, ନିମାପଡ଼ା ଓ ଗୋପ ନିକଟରୁ କେବଳ ଟିସି ରାସାୟନିକ ଦ୍ରବ୍ୟ ଅଧିକ ମିଳିଛି। ମଣିଷ ବ୍ୟବହାର, ଭୁବନେଶ୍ୱର ଓ କଟକ ସହରର ବର୍ଜ୍ୟଜଳ ଉପରୋକ୍ତ ନଦୀରେ ମିଶୁଥିବାରୁ ଜଳ ବ୍ୟବହାର ଉପଯୋଗୀ ହୋଇ ପାରିନାହିଁ। ସେହିପରି ରାଜ୍ୟର ବ୍ରାହ୍ମଣୀ ନଦୀର ୪୧ଟି ସ୍ଥାନରୁ ହୋଇଥିବା ଜଳ ନମୁନା ପରୀକ୍ଷାରେ ୩୭ଟି ସ୍ଥାନର ଜଳ ବ୍ୟବହାର ଉପଯୋଗୀ। ଅଥଚ ଏହି ନଦୀର ୩ଟି ସ୍ଥାନ ଯଥା ପାନପୋଷ, ରାଉରକେଲା ଓ ଗୁରୁଡିହ ନାଳରେ ଉଭୟ ବିଓଡି ଓ ଟିସି ଅଧିକ ରହିଛି। ଏହାବାଦ୍ ଗୋଟିଏ ସ୍ଥାନ ରାଉରକେଲା ଅଟାଘାଟ ନିକଟରେ କେବଳ ବିଓଡି ରହିଥିବା ସୂଚନା ମିଳିଛି। ରାଉରକେଲା ଷ୍ଟିଲ ପ୍ଲାଣ୍ଟ ଏବଂ ସହରରୁ ନିର୍ଗତ ବର୍ଜ୍ୟପାଣି ଯୋଗୁ ଏଭଳି ବିପଦ ଦେଖା ଦେଇଛି। ଅନ୍ୟପକ୍ଷେ ବୈତରଣୀର ୧୪, ଋଷିକୁଲ୍ୟାର ୬, ନାଗବଳିର ୩, ସୁବର୍ଣ୍ଣରେଖା ୧, ବୁଢାବଲଙ୍ଗ ନଦୀର ୪, କୋଲାବ ନଦୀର ୧, ବଂଶଧାରାର ୨, ଇନ୍ଦ୍ରାବତୀର ୧ ଓ ବାହୁଦା ନଦୀର ଗୋଟିଏ ସ୍ଥାନର ଜଳନମୁନାରେ ବିଭିନ୍ନ ରାସାୟନିକ ଦ୍ରବ୍ୟ ସୀମିତ ମଧ୍ୟରେ ରହିଥିବା ରିପୋର୍ଟରେ ପ୍ରକାଶ ପାଇଛି।

ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ୧୬।୨୦୨୧ ଓ ୨୬।୨୦୨୧ରେ କଳିଙ୍ଗନଗର ଅଞ୍ଚଳସ୍ଥିତ ବ୍ରାହ୍ମଣୀ, ଖରସ୍ରୋତା ଓ ଗଣ୍ଡନାଳା ପାଣି ନମୁନା ପରୀକ୍ଷାରେ ସାଏନାଇଡ ପ୍ରାୟ ୨ ଗୁଣ ଓ ଫେନୋଲିକ୍ କମ୍ପାଉଣ୍ଡ ୧୫ ଗୁଣ ଅଧିକ ରହିଥିବା ଜଣାପଡ଼ିଥିଲା। ସେହିପରି ବ୍ରାହ୍ମଣୀରେ ମିଶିଥିବା ସୁକିନ୍ଦା ଖଣି ଅଞ୍ଚଳରେ ପ୍ରବାହିତ ଡମଶାଳା ପାଣି ବ୍ୟବହାର ଅନୁପଯୋଗୀ ବୋଲି ସମ୍ପୃକ୍ତ ଅଞ୍ଚଳବାସୀ ଅଭିଯୋଗ କରି ଆସୁଛନ୍ତି। କିନ୍ତୁ ଏସ୍‌ପିସିବିର ଏହି ରିପୋର୍ଟରେ ଗଣ୍ଡନାଳା ଓ ଡମଶାଳା ନଦୀଜଳକୁ କ୍ଲିନ୍‌ଚିଟ୍ ମିଳିଥିବା ନେଇ ସାଧାରଣରେ ଭିନ୍ନ ମତପ୍ରକାଶ ପାଇଛି। ବିଷାକ୍ତ ଜଳ ନିଃଶ୍ୱାସ–ପ୍ରଶ୍ୱାସ ସ୍ନାୟୁକୁ ଅକାମୀ କରିଦିଏ, ସ୍ମରଣଶକ୍ତି ହ୍ରାସ କରେ, ଦନ୍ତ କର୍କଟ, ଗର୍ଭରେ ଶିଶୁ ବୃଦ୍ଧି କରେ, ହୃତ୍‌ପିଣ୍ଡର ଗତିକୁ ଶିଥିଳ କରିବା ସହ ରୋଗ ପ୍ରତିରୋଧକ ଶକ୍ତି ସଂରକ୍ଷଣ, ସଂରଚନାରେ ବାଧା ସୃଷ୍ଟି କରିଥାଏ। ମସ୍ତିଷ୍କକୁ ଅଚଳ କରିଦିଏ ଏବଂ ହରମୋନ କ୍ଷରଣ ବନ୍ଦ କରିଦିଏ। ଆସ୍ତେ ଆସ୍ତେ ମଣିଷକୁ ମୃତ୍ୟୁ ମୁହଁକୁ ଠେଲିଦିଏ। ଏଭଳି ସ୍ଥିତିରେ ନଦୀଜଳର ସ୍ୱଚ୍ଛତା ଏବଂ ନିରପେକ୍ଷ ପରୀକ୍ଷା ନିହାତି ଆବଶ୍ୟକ ବୋଲି ମତପ୍ରକାଶ ପାଇଛି।

## ଶିଶୁକନ୍ୟାଙ୍କୁ ବଳାତ୍କାର ଅଭିଯୋଗ: ନାବାଳକ ଅଟକ

**ବାରିପଦା ଅଫିସ,୭।୫**

ମୟୂରଭଞ୍ଜ ଜିଲା କରଞ୍ଜିଆ ଥାନା ଅଞ୍ଚଳର ଜଣେ ୬ ବର୍ଷୀୟ ଶିଶୁକନ୍ୟାଙ୍କୁ ବଳାତ୍କାର ଅଭିଯୋଗରେ ପୋଲିସ ଅଭିଯୁକ୍ତ ନାବାଳକଙ୍କୁ ଶନିବାର ଅଟକ ରଖିଛି। ଏନେଇ ପୋଲିସ ଏକ ମାମଲା(ନଂ.୧୨୮/୨୨) ରୁଜୁ କରିବା ସହ ଉଭୟଙ୍କ ଡାକ୍ତରୀମାଇନା କରାଇ ତଦନ୍ତ ଜାରି ରଖିଛି। ଥାନାଧିକାରୀ ରଞ୍ଜନ କୁମାର ସେଠୀଙ୍କ ସୂଚନା ଅନୁଯାୟୀ, ଗତ ୫ ତାରିଖରେ ଉକ୍ତ ଶିଶୁକନ୍ୟାଙ୍କୁ ଚକୋଲେଟ ଦେବାକୁ ପ୍ରଲୋଭନ ଦେଖାଇ ଅଭିଯୁକ୍ତ ନାବାଳକ ବଳାତ୍କାର କରିଥିଲେ। ଶିଶୁକନ୍ୟା ଚିତ୍କାର କରିବାରୁ ସେ ସେଠାରୁ ପଳାଇଯାଇ ରାଇରଙ୍ଗପୁରରେ ଲୁଚିଥିଲେ। ପରିବାର ଲୋକେ ଝିଅକୁ ଉଦ୍ଧାର କରି ସ୍ଥାନୀୟ ଡାକ୍ତରଖାନାରେ ଚିକିତ୍ସା କରିବା ପରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

## ବୈତରଣୀରେ ବୁଡ଼ିଗଲେ ଦଶମ ଶ୍ରେଣୀ ଛାତ୍ର

**ଯାଜପୁର ଟାଉନ,୭।୫(ଡି.ଏନ.ଏ.)**

■ ପରୀକ୍ଷା ପରେ ସାଥୀଙ୍କ ସହ ନଦୀରେ ଗାଧୋଉଥିଲେ
■ ୨ ଦିନରେ ଗଲା ଦୁଇ ଜୀବନ
■ ବେଆଇନ ବାଲି ଖନନ ଯୋଗୁ ଘଟୁଛି ଦୁର୍ଘଟଣା

ଯାଜପୁର ସହରର ଦଶାଶ୍ୱମେଧ ଘାଟ ନିକଟ ବୈତରଣୀ ନଦୀରେ ନିର୍ମାଣାଧୀନ ବ୍ୟାରେଜ୍ ନିକଟରେ ଶୁକ୍ରବାର ବୁଡ଼ିଯାଇ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଥିଲା। ତେବେ ଏହି ଘଟଣାକୁ ୨୪ ଘଣ୍ଟା ନ ପୂରୁଣୁ ଶନିବାର ପୁଣି ଉକ୍ତ ନଦୀରେ ବୁଡ଼ି ଜଣେ ୧୦ମ ଶ୍ରେଣୀ ଛାତ୍ର ପ୍ରାଣ ହରାଇଛନ୍ତି। ସେ ହେଲେ ସହରର ରାଉତରାପୁର ନିବାସୀ ରାଜେନ୍ଦ୍ର କୁମାର ସାହୁଙ୍କ ବଡ଼ପୁଅ ପ୍ରିୟାଂଶୁ ସାହୁ(୧୬)। ପରୀକ୍ଷା ସରିବା ପରେ ଛାତ୍ର ଜଣକ ତାଙ୍କ ସାଙ୍ଗମାନଙ୍କ ସହ ଆସି ବୈତରଣୀ ନଦୀର ପଣସା ପଞ୍ଚାୟତ ଅଧୀନ ମୋଟରଙ୍ଗାପାଳ ନଦୀଘାଟରେ ଗାଧୋଉଥିଲେ। ଗାଧୋଇବା ପରେ ସେଠାରେ ପାର୍ଟି ମନାଇବାକୁ ସାଥିରେ ବିରିୟାନି କିଣି ଆଣିଥିଲେ। ସମସ୍ତ ପରୀକ୍ଷାର୍ଥୀ ନଦୀକୂଳରେ ବିରିୟାନି ରଖି ସ୍ନାନ କରୁଥିଲେ। ତେବେ ପ୍ରିୟାଂଶୁଙ୍କର ହଠାତ୍ ଗଭୀର ଜଳରେ ଗୋଡ଼ି ଖସିଯିବାରୁ ସେ ବୁଡ଼ିଯାଇଥିଲେ। ସାଥୀ ପିଲାମାନେ ଚିତ୍କାର କରି ଡାକିବାରୁ ନିକଟସ୍ଥ କ୍ଷେତରେ କାମ କରୁଥିବା ଚାଷୀମାନେ ଆସି ୪ଜଣଙ୍କୁ ନଦୀରୁ ଉଦ୍ଧାର କରିଥିଲେ। ହେଲେ ପ୍ରିୟାଂଶୁଙ୍କୁ ବଞ୍ଚାଇ ପାରି ନ ଥିଲେ। ମୃତ ଛାତ୍ର ପ୍ରିୟାଂଶୁ ନିକଟସ୍ଥ ଜିଲାସ୍କୁଲର ଜଣେ ମେଧାବୀ ଓ ଶାନ୍ତ ସ୍ୱଭାବର ଛାତ୍ର ଥିଲେ। ତାଙ୍କ ମୃତ୍ୟୁରେ ସମଗ୍ର ସହରରେ ଶୋକର ଛାୟା ଖେଳିଯାଇଛି। ଅନ୍ୟପକ୍ଷରେ ଏହି ସ୍ଥାନ ସମେତ ନଦୀଶଯ୍ୟାର ବିଭିନ୍ନ ସ୍ଥାନରେ ବେଧଡ଼କ ବାଲି ଚୋରି ଯୋଗୁ ଏଭଳି ଦୁଃଖଦ ପରିସ୍ଥିତି ସୃଷ୍ଟି ହୋଇଛି। ମେଶିନରେ ଏବଂ ନଦୀସ୍ରୋତ ମଧ୍ୟରୁ ବାଲି ଉତ୍ତୋଳନ ପାଇଁ ସମ୍ପୂର୍ଣ୍ଣ କଟକଣା ରହିଥିଲେ ମଧ୍ୟ ବାଲିମାଫିଆ ତହସିଲ ଓ ପ୍ରଭାବଶାଳୀଙ୍କ ବାହୁଛାୟା ତଳେ ରହିଥିବାରୁ ସେମାନେ ମନଇଚ୍ଛା ଯେଉଁଠି ନାହିଁ ସେଠି ଖନନ କରୁଛନ୍ତି। ଏଥିଯୋଗୁ ବାରମ୍ବାର ଦୁର୍ଘଟଣା ଘଟୁଛି। ତେଣୁ ଏ ଦିଗରେ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ଦାବି ହୋଇଛି।


## DRDA, BALANGIR

**No.129/DSMS/DRDA Dated 07.05.2022**
**Ph.No.06652 (232127 & 235916), Fax: 06652 (233082)**

**SHORT TENDER CALL NOTICE**

DRDA, Balangir on behalf of PR & DW Deptt., Govt. of Odisha invite proposal with certain terms & conditions from reputed & registered Tent Houses / Firms / Agencies / Decorators / Transport agencies / Security agencies having GSTIN No. may apply for the Tentage & Allied works / Security Services / Photo & Videography/ Local Transportation / Printing of Flex Hoardings & Banners for the Pallishree Mela to be organized at Koshal Kalamandal Ground, Balangir from 5th to 9th June 2022.

The tender papers only for Tentage & allied works will be available for purchase from 7th to 17th May 2022 during Official day of Office hour in the Accounts Section of DSMS, Balangir. Details documents, terms & conditions on apply for tentage & allied work is mentioned in the tender paper. The sealed tenders will be received latest upto 1.00 P.M. on 17.05.2022 at Office of DRDA in the tender box. The tenders will be opened in the Office of DRDA on 18.05.2022 at 11.00 A.M. in the presence of the tenderers or their authorized representatives. If it will found that the quoted amount of L1 party will be exceed the budget limit of the particular head then the party may be called for negotiation. The undersigned reserves the right to accept or reject any or all the tenders without assigning any reason thereof.

**Sd./- Project Director, DRDA, Balangir**

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କୋରାପୁଟ
## ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ, କୋରାପୁଟ

ସଂଖ୍ୟା: ୩୧୭/ଡିସିପିୟୁ/ପୋଷ୍ୟ/୨୨ ତାରିଖ: ୦୬।୦୫।୨୦୨୨

**ବିଜ୍ଞପ୍ତି**

No. g-14: ଏତଦ୍ୱାରା ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, କୋରାପୁଟ ଜିଲାର ସେମିଲିଗୁଡ଼ାସ୍ଥିତ ମହାବିଦ୍ୟାଳୟ କଲେଜ ପରିସରରୁ ଗତ ୧୨।୦୪।୨୦୨୨ ତାରିଖ ଦିନ ଏକ ଶିଶୁ ଉଦ୍ଧାର କରାଯାଇ ଜିଲ୍ଲା ଶିଶୁ ମଙ୍ଗଳ କମିଟି, କୋରାପୁଟ ନିର୍ଦ୍ଦେଶ ଅନୁସାରେ ବର୍ତ୍ତମାନ ଶିଶୁ ମିସିନାରୀ ଅଫ୍ ଚାରିଟି (ନିର୍ମଳ ଶିଶୁ ସଦନ), ପୁରୁଣା କୋରାପୁଟଠାରେ ସୁରକ୍ଷିତ ଭାବରେ ଅଇଥାନ କରାଯାଇଛି। ଉକ୍ତ ଶିଶୁଟିର ଯଦି କେହି ଜନ୍ମିତ ପିତାମାତା କିମ୍ବା ଅଭିଭାବକ ଓ ଆଇନ୍ ସିଦ୍ଧ ଦାବିଦାର ଥାଆନ୍ତି, ତେବେ ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୩୦ ଦିନ ମଧ୍ୟରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କୋରାପୁଟ, ଫୋନ୍: ୦୬୮୫୨-୨୯୧୦୬୨ ଏବଂ ଜିଲ୍ଲା ଶିଶୁ ମଙ୍ଗଳ କମିଟି, କୋରାପୁଟ, ଫୋନ୍; ୦୬୮୫୨-୨୯୧୨୮୦କୁ ଯୋଗାଯୋଗ କରି ଉପଯୁକ୍ତ ପ୍ରମାଣ ଦେଇ ଉକ୍ତ ଶିଶୁଟିକୁ ନେଇଯିବାକୁ ଅନୁରୋଧ। ଯଦି ଉପରୋକ୍ତ ସମୟସୀମା ମଧ୍ୟରେ କେହି ଦାବିଦାର ଦାବି ଉପସ୍ଥାପନ ନ କରନ୍ତି ତେବେ ଉକ୍ତ ଶିଶୁଟିକୁ କିଶୋର ନ୍ୟାୟ (ଯତ୍ନ ଓ ସୁରକ୍ଷା ) ଆଇନ୍ ୨୦୧୫ ଅନ୍ତର୍ଗତ ଧାରା ୩୮(୧) ଅନୁଯାୟୀ ପୋଷ୍ୟ ସନ୍ତାନ ଯୋଗ୍ୟ ନିମନ୍ତେ ଆଇନତଃ ଦାୟମୁକ୍ତ ଘୋଷଣା କରାଯିବ।

| ପିଲାର ନାମ | ଲିଙ୍ଗ | ବୟସ | CWC କେସ୍ ନମ୍ବର/ ତାରିଖ | ଉଦ୍ଧାର କରାଯାଇଥିବା ସ୍ଥାନ | ଫଟୋ |
|---|---|---|---|---|---|
| ଅଜଣା | ଝିଅ | ୧୨।୦୪।୨୦୨୨ | ୧୧୦୯/ ୨୦୨୨ | ସେମିଲିଗୁଡ଼ାସ୍ଥିତ ମହାବିଦ୍ୟାଳୟ କଲେଜ ପରିସର, ସେମିଲିଗୁଡ଼ା |  |

ସ୍ୱା./– ଜିଲ୍ଲାପାଳ, କୋରାପୁଟ
OIPR-33022/11/0001/2223

No. C-224

## GOVERNMENT OF ODISHA
## OFFICE OF THE SUPERINTENDING ENGINEER, PUBLIC HEALTH DIVISION, RAYAGADA

e-mail:- eephd.rgda.od@nic.in

**NATIONAL COMPETITIVE BIDDING THROUGH e-Procurement**
**INVITATION FOR BIDS (IFB)**
**NO. SEPHDRAYAGADA-9/2022-23 DT.05.05.2022**

| | | | |
|---|---|---|---|
| 01 | Name of the work | : | Procurement of D.I. K-7 Pipe for Augmentation of W/S to Rayagada Town. |
| 02 | Number of works | : | 1 No. |
| 03 | Estimate cost | : | **Rs.776.29 Lakh** |
| 04 | Period of completion | : | As per DTCN |
| 05 | Class of contractor | : | **Reputed Manufacturers** |
| 06 | Date & Time of availability of bid document in the portal | : | From 08.00 AM of Dt.16.05.2022 To 5.30 PM of 30.05.2022 |
| 07 | Last date/time of receipt of bids in the portal | : | 1.00 PM of 30.05.2022 |
| 08 | Date & Time of opening of bids | : | At 12 PM of 31.05.2022 |
| 09 | Name and Address of the Officer Inviting Bid | : | Superintending Engineer, P.H. Division, Rayagada |
| 10 | The bidders have to participate in ONLINE bidding only. | | |

- Further details can be seen from the e-Procurement Portal "https://www.tendersorissa.gov.in"

**Sd./- SUPERINTENDING ENGINEER, P.H. DIVISION, RAYAGADA**
OIPR-13052/11/0003/2223

## BPMU, CHC MANAMUNDA, BOUDH
**QUOTATION CALL NOTICE FOR HIRING OF VEHICLE**

**No. 22** **Date: 06.05.2022**

No. E-63: Sealed tenders are invited from Travel Agencies/ Transporters/Tour Operator/Individuals/Private Organization/ NGOs for supply of vehicle on monthly hiring basis to be used for **BPMU, Addl. MHU, RBSK-I & RBSK-II** in CHC, Manamunda. Last date for submitting the documents is 27.05.2022 upto 5 P.M. For details information and documents, please visit **www.boudh.nic.in**. The authority has reserve the right to cancel the whole process without any notice.

**Sd./- Superintendent, CHC, Manamunda, Boudh**
OIPR-10177/11/0001/2223

## INVITING RFP FOR SELECTION OF AGENCY FOR ESTABLISHMENT OF STATE RESOURCE CENTRE (SRC) AT ODISHA ADARSHA VIDYALAYA SANGATHAN (OAVS)

**Tender Ref. No. 2294** **Bhubaneswar, Dt. 04.05.2022**

No. n-7: The Odisha Adarsha Vidyalaya Sangathan (OAVS) invites Prequalification, Technical and Financial Proposals from Agencies of national repute for the establishment of State Resource Centre (SRC) for increasing the efficiency and effectiveness as well as educational competitiveness of students as well as teachers OAVS, Odisha as specified in this RFP Document.

The RFP document can be downloaded from the website link **http//www.oav.edu** with effect from 05.05.2022 (11 A.M.) to 25.05.2022 (2 P.M.) and response to this tender shall be deemed to have been done after careful study and examination of this document with full understanding of its implications.

Interested agencies are requested to submit the details to the undersigned as per the schedule indicated in the Fact Sheet, by Post (Registered/Speed)/by hand submission at the Office of the Odisha Adarsha Vidyalaya Sangathan (OAVS). Based on the eligibility criteria as mentioned in the RFP, the applicant agency will be selected.

**Office Address:**
**Odisha Adarsha Vidyalaya Sangathan (OAVS)**
**N-1/9, Nayapalli, P.O.: Sainik School**
**Land Mark - Near Bbubaneswar Doordarshan Centre**
**Bhubaneswar - 751005**

For further clarifications, please contact the Odisha Adarsha Vidyalaya Sangathan (OAVS) on Phone Number: 0674-2391471 during official working hours only (10 A.M. to 5 P.M.).

OIPR-27029/11/0002/2223 **Sd./- State Project Director**

## OFFICE OF THE ROURKELA MUNICIPAL CORPORATION
**UDITNAGAR, ROURKELA, ODISHA - 769012**
**E-mail ID: rourkelamunicipality@gmail.com**

**RFP No. 4956** **Date: 05.05.2022**

**NOTICE INVITING REQUEST FOR PROPOSAL (RFP) FOR SUPPLY AND INSTALLATION OF PORTABLE CABINS FOR CONTAINER LIBRARY AT DIFFERENT LOCATIONS OF ROURKELA MUNICIPAL CORPORATION AREA**

No. C-225: Rourkela Municipal Corporation (RMC) invites Request for Proposal (RFP) from the reputed Intending Agencies/Suppliers/Bidders for Supply and Installation of 04 Nos. of Portable Cabins for Container Library at Different Locations of Rourkela Municipal Corporation area.
The RFP is to be submitted in closed covers addressed to the Commissioner, Rourkela Municipal Corporation, Uditnagar, Rourkela, Dist.- Sundargarh (Odisha), PIN - 769012 on or before 11.00 A.M. 25.05.2022 through Speed Post/Registered Post/Courier/or by Hand.
The complete RFP document can be downloaded from the RMC website **(www.rmc.nic.in)** from 07.05.2022 onwards.
Authority reserves the right to reject any or all the RFP without assigning any reason thereof.

**Sd./- Commissioner**
**Rourkela Municipal Corporation**
OIPR-13131/11/0018/2223

## OFFICE OF THE PROJECT ADMINISTRATOR, I.T.D.A., RAIRANGPUR

**At: Rairangpur, W. No.-3, Mandirsahi, P.O.: Rairangpur, Dist.- Mayurbhanj - 757043**
**E-mail: paitdarrp@yahoo.in, itdargp@nic.in, Office No.: 06794-222024**
**Letter No. 739//2022-ITDARRP** **Dated, the 06.05.2022**

**2nd CORRIGENDUM NOTICE OF BID IDENTIFICATION No. 01/2022-23 OF ITDA, RAIRANGPUR**

No.CAD-451: The Bid Identification No. 01/2022-23 Date 25.04.2022 which was published in daily Oriya Newspaper "Dharitri" & "Pragativadi" and in English Newspaper "The Times of India" on date 26.04.2022 and the 1st Corrigendum Notice No. 682 Dt.28.04.2022 as per DTCN Work Sl. No. 1 to 44 is hereby cancelled due to unavoidable circumstances. The cancel notice of Bid Identification No. 01/2022-23 Dt.25.04.2022 may pelase be published in two daily Oriya Newspaper and One English Newspaper for wide circulation.

**Sd./- Project Administrator**
**I.T.D.A., Rairangpur**
OIPR-19080/11/0003/2223

Your classified advertisement published in Dharitri will be listed free in Dharitri online edition : **www.dharitri.com**

GOVERNMENT OF ODISHA
## OFFICE OF THE EXECUTIVE ENGINEER, PUBLIC HEALTH DIVISION, BHAWANIPATNA
**Parmanandpur, Railway Station Road, Bhawanipatna, Dist.: Kalahandi, PIN - 766001**
**e-mail: eephbhpt@gmail.com, Tel.: 06670-230243**

**NATIONAL COMPETITIVE BIDDING THROUGH e-Procurement**
**Identification No. EEPH-BHPT-02 of 2022-23 / Dt.02.05.2022**

**No. C-222**
**e-Procurement Notice**

| | | |
|---|---|---|
| Name of work | : | PHEO works |
| Total No. of works | : | 1 (One) |
| Estimated Cost | : | Approx. Rs.7.37 lakhs |
| Class of contractor | : | Manufacturer/Authorised dealer |
| Period of Completion | : | 120 Days |

| Procurement Officer | Bid Identification No. | No. of Works | Availability of Tender Online for Bidding | | Date & time of opening of Bid |
|---|---|---|---|---|---|
| | | | From | To | |
| 1 | 2 | 3 | 4 | 5 | 6 |
| Executive Engineer, P.H. Division, Bhawanipatna | EEPH - BHPT - 02 of 2022-23 | 01 (One) | 09.05.2022 | 23.05.2022 | 24.05.2022 |

For details can be seen from the Government website **www.tendersorissa.gov.in**.
**OIPR-13059/11/0001/2223** **Executive Engineer, P.H. Division, Bhawanipatna**

## OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, NUAPADA

**Advt. No. 1764** **Date: 07.05.2022**

**CONTRACTUAL ENGAGEMENT**

No. E-70: Walk-in-Interview will be conducted for hiring of Specialists/Super Specialist Doctors on Full Time/Part Time/Visiting Basis under Zilla Swasthya Samiti, Nuapada (Corpus Fund) on contractual basis for a period of 11 months and subject to renewal as per society norms basing on the performance and subject to continuance of the scheme whichever is earlier. The minimum age for all post is 21 years and maximum age limit is 70 years for doctors **Honourarium for all the posts is negotiable as per mutual consent and conditionality of engagement. Remuneration fixed for full time specialist is 1,50,000.00/month which is negotiable**. The remuneration of Super Specialist will be negotiated as per their convenience.

| Sl. No. | Name of the Post | Requirement | Qualification | Full Time/ Part Time | Date of Interview |
|---|---|---|---|---|---|
| 01 | Specialist in Orthopedics | 01 | The Candidate must have I) Passed MBBS Degree from an Institution recognized by MCI II) Valid registration from Council of Medical Registration III) Completed compulsory internship IV) Passed Post Graduation/ Super Speciality Degree in the concerned specialist subject. | Full Time | Walk in Interview on 24.05.2022 at Office of CDM & PHO |
| 02 | Specialist in Surgery | 03 | | Full Time | |
| 03 | Specialist in O & G | 03 | | Full Time | |
| 04 | Specialist in Pediatrics | 02 | | Full Time | |
| 05 | Specialist in Radiologist | 01 | | Full Time | |
| 06 | Specialist in Cardiology | 01 | | Part Time/ Visiting | |
| 07 | Specialist in Nephrology | 01 | | Part Time/ Visiting | |
| 08 | Specialist in Neurology | 01 | | Part Time/ Visting | |

Interested eligible candidates can download application format from **www.nuapada.nic.in** and may appear for Walk-in-Interivew on 24.05.2022. Registration timing will be from **9.00 A.M. to 11 A.M.** The undersigned reserves the right to select/cancel/modification of the selection process without assigning any reason thereof. No personal query will be entertained in the recruitment/selection process.

**Sd./- Chief District Medical & Public Health Officer, Nuapada**
OIPR-10055/11/0006/2223

## ପଞ୍ଚାୟତ ସମିତି କାର୍ଯ୍ୟାଳୟ, ପୁରୁଷୋତ୍ତମପୁର, ଜିଲ୍ଲା- ଗଞ୍ଜାମ
## OFFICE OF THE PANCHAYAT SAMITI, PURUSHOTTAMPUR, DIST: GANJAM, PIN NO: 761018

Sri Bijaya Kumar Behera, OAS-I, JB,
Email-ID:- ori-purusottampur@nic.in, bdoppur@gmail.com, Telephone No.:- 0680-275323

**TENDER CALL NOTICE:- 01/2022-23 DATED: 27.04.2022**
**INVITATION FOR COMPETITIVE BIDING**

**Bid Notice No:-1355** **Dated: 27.04.2022**

**No.i-12:-** The Block Development Officer, Purusottampur on behalf of Govt. of Odisha, Invites sealed tender in confirming with sealed tender call notice ( D.T.C.N) from the Registered contractor of state PWD or equivalent class of CPWD /Railway/MES/Central Govt./State Govt. Undertaking for the following works to be eventually drawn up in the percent rate contractor from ( P-1).

| Sl No. | Name of the Work | Estimate Cost in Rs. | Tender Cost in Rs. | EMD in Rs. | Eligibility of Contractor | Time of Completion | Cost of Tender Paper (Non Refund-able) including GST 4% |
|---|---|---|---|---|---|---|---|
| 1 | Art & Craft Room at Kolidashapur UGHS of Village: Kolidashapur GP: Antarigaon | 1125000 | 932803 | 9328 | C & D CLASS | 6 MONTHS | 6240 |
| 2 | Science laboratory at Kolidashapur UGH School Village: Kolidashapur GP: Antarigaon | 1199000 | 1011156 | 10112 | C & D CLASS | 6 MONTHS | 6240 |
| 3 | Addl Class Room at Kolidashpur UGH School Village: Kolidashapur GP: Antarigaon | 1125000 | 999802 | 9998 | C & D CLASS | 6 MONTHS | 6240 |
| 4 | Computer Room at Kolidashapur UGHS Village: Kolidashapur GP: Antarigaon | 1125000 | 817401 | 8174 | C & D CLASS | 6 MONTHS | 6240 |
| 5 | Library Room at Kolidashapur UGHS Village: Kolidashapur GP: Antarigaon | 1404000 | 1234423 | 12344 | C & D CLASS | 6 MONTHS | 6240 |
| 6 | Addl. Class Room at Nimapalli UGHS Village: Nimapalli GP: Jaganathapur | 1125000 | 975610 | 9756 | C & D CLASS | 6 MONTHS | 6240 |
| 7 | Addl. Class Room at Nimapalli UGHS Village: Nimapalli GP: Jaganathapur | 1125000 | 975610 | 9756 | C & D CLASS | 6 MONTHS | 6240 |
| 8 | Art & Craft Room at Tankachhai UGHS Village/GP: Tankachhai | 1125000 | 932803 | 9328 | C & D CLASS | 6 MONTHS | 6240 |
| 9 | Science laboratory at Tankachhai UGH School Village/GP: Tankachhai | 1199000 | 1011156 | 10112 | C & D CLASS | 6 MONTHS | 6240 |
| 10 | Addl Class Room at Tankachhai UGHS Village/GP: Tankachhai | 1125000 | 999802 | 9998 | C & D CLASS | 6 MONTHS | 6240 |
| 11 | Computer Room at Tankachhai UGHS Village/GP: Tankachhai | 1125000 | 817401 | 8174 | C & D CLASS | 6 MONTHS | 6240 |
| 12 | Library Room at Tankachhai UGH School Village/GP: Tankachhai | 1404000 | 1241827 | 12418 | C & D CLASS | 6 MONTHS | 6240 |
| | Total | 14206000 | 11949794 | 119498 | | | 74,880 |

| | | |
|---|---|---|
| Date of Sale of tender paper | : | **04.05.2022 to 18.05.2022 at 7.00 AM to 1.00 PM (except Govt Holidays)** |
| Receipt of tender paper | : | **04.05.2022 to 18.05.2022 at 7.00 AM to 1.00 PM (except Govt Holidays)** |
| Date of opening Tender paper | : | **19.05.2022 at 10.00 AM** |

**Block Developement Officer, Purusottampur**
OIPR-19199/11/0001/2223

## PUBLIC NOTICE

**Announcement of Award for acquisition of land for Construction of Nayagarh By-pass N.H.-57 U/S 3(G) of N.H. Act.1956 for land Owners / Persons interested therein.**

No.XXV-01:- Kind attention of all landowners/ interested persons are invited to the Notification No. 1776 Dt. 06.05.2021 and 3758 Dt. 15.10.2021 issued under Section 3A of the NH Act, 1956 for acquisition of land for construction of Nayagarh town By-pass on the stretch from 235.53 Km. to 246.35 Km. of National Highways No.57 in the District Nayagarh in the State of Odisha and the Notification No. 5210 dated 15.12.2021 issued under Section 3 D of the NH Act, 1956 and published in the following newspapers:

| Sl. No. | Notification | Names of Newspapers in which published | Date of Newspapers | Language |
|---|---|---|---|---|
| 1 | Section 3 A | Samaj | 03.06.2021 | Odia |
| | | Prameya | 03.06.2021 | English |
| | Additional 3 A | Odisha Bhaskar | 09.10.2021 | Odia |
| | | Dharitri | 10.10.2021 | English |
| 2 | Section 3 D | Dharitri | 14.01.2022 | English |
| | | Prameya | 14.01.2022 | Odia |

It is informed that, the undersigned has announced the Award in respect of the said land under Section 3(G) of the NH Act, 1956 vide order dated 30.04.2022.

The land acquiring agency (MORTH) approved the estimate. Notices have also been issued to the concerned landowners/ interested persons as required under Section 3( E) of the NH Act, 1956.

Accordingly, all the concerned landowners/ interested persons are hereby informed/ notified through this additional Public Notice that, the claimants entitled to receive the compensation amount may deposit the relevant documents in the office of the undersigned on any working day between 8.00 A.M. to 12.30 P.M. within a period of 60 days for transfer of compensation amount through PFMS/Bhoomirashi Portal. Any failure to collect the compensation amount by depositing the relevant documents to the undersigned, the amount shall be deemed to have been paid on expiry of this period of sixty days from the date of publicatron of this notice.

The landowners/ interested persons interested their in are further called upon to surrender or deliver the possession of the subject land to the undersigned, failing which the possession of subject land will be taken with police assistance on expiry of the period of 60 days.

**Sd./- Tahasildar-cum-CALA, Nayagarh**
OIPR-24052/14/0001/2223

## ଏଲ୍ଆଇସିର ଘରୋଇକରଣ ଚର୍ଚ୍ଚା

ନୂଆଦିଲ୍ଲୀ: ଦେଶର ସର୍ବବୃହତ୍ ବୀମା କମ୍ପାନୀ ଭାରତୀୟ ଜୀବନ ବୀମା ନିଗମ (ଏଲ୍ଆଇସି) ର ଆଇପିଓ କାର୍ଯ୍ୟକ୍ରମ ପରେ ସରକାର କୌଣସି ସମୟରେ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇପାରନ୍ତି। ଏପରିକି ଉକ୍ତ ବୀମା କମ୍ପାନୀର ଘରୋଇକରଣ ମଧ କରିପାରନ୍ତି ବୋଲି ଚର୍ଚ୍ଚା ହେଉଛି। ଜାତୀୟ ଗଣମାଧମରେ ଏ ନେଇ ମଧ ଏକ ରିପୋର୍ଟ ପ୍ରକାଶ ପାଇଛି। ଉକ୍ତ ରିପୋର୍ଟ ଅନୁସାରେ ସରକାର ନିଜର ୩ ସାଧାରଣ ବୀମା କମ୍ପାନୀ, ନ୍ୟାଶନାଲ ଇନ୍ସ୍ୟୁରାନ୍ସ କୋ, ୟୁନାଇଟେଡ୍ ଇନ୍ସ୍ୟୁରାନ୍ସ କୋ ଏବଂ ଓରିଏଣ୍ଟାଲ ଇଣ୍ଡିଆ ଇନ୍ସ୍ୟୁରାନ୍ସ ମଧରୁ ଗୋଟିଏକୁ ଘରୋଇକରଣ କରିବାକୁ ପ୍ରସ୍ତୁତି ଆରମ୍ଭ କରିଛନ୍ତି।

### ସଂକ୍ଷେପରେ

## ରିଅଲ୍ମିର ନୂତନ ଉତ୍ପାଦ

**ନୂଆଦିଲ୍ଲୀ,୭ା୫:** ସ୍ମାର୍ଟଫୋନ୍ ବ୍ରାଣ୍ଡ ରିଅଲ୍ମି ପକ୍ଷରୁ ରିଅଲ୍ମି ଜିଟି ନିଓ ୩ ସହ ଏହାର ଏଆଇଓଟି ପୋର୍ଟଫୋଲିଓରେ ୩ଟି ନୂତନ ରିଅଲ୍ମି ପ୍ୟାଡ୍ ମିନି, ରିଅଲ୍ମି ବଡ୍ସ କ୍ୟୁ୨ଏସ୍ ଓ ରିଅଲ୍ମି ସ୍ମାର୍ଟ ଟିଭି ଏକ୍ସ ଫୁଲ୍ ଏଚ୍ଡିର ଶୁଭାରମ୍ଭ କରାଯାଇଛି। ରିଅଲ୍ମି ଜିଟି ନିଓ ୩ ହେଉଛି ୧୫୦ୱାଟ୍ ଅଲ୍ଟ୍ରା ଡାର୍ଟ ଚାର୍ଜ ସହ ଚାର୍ଜିଂ ସ୍ମାର୍ଟଫୋନ୍ ଯାହା କେବଳ ୫ ମିନିଟ୍ରେ ୫୦% ପର୍ଯ୍ୟନ୍ତ ଚାର୍ଜ ହୋଇଥାଏ। ଏ ସମ୍ପର୍କରେ ରିଅଲ୍ମି ବିଜ୍ନେସ୍ ଗ୍ରୁପ୍ର ପ୍ରେସିଡେଣ୍ଟ ମାଧବ ସେଠ୍ କହିଛନ୍ତି, ଆମେ ଏକ ଏଭଳି ବ୍ରାଣ୍ଡ ହୋଇ ଉପଭୋଗ କରୁଛୁ, ଯାହା ଟେକ୍ ଇଣ୍ଡଷ୍ଟ୍ରିରେ ଉଦ୍ଭାବନଗୁଡ଼ିକୁ ପରିଚିତ କରାଉଛି ଏବଂ ଆମେ ରିଅଲ୍ମି ଜିଟି ନିଓ ୩ ସହିତ ୧୫୦ୱାଟ୍ ଫାଷ୍ଟ ଚାର୍ଜିଂ ଟେକ୍ନୋଲୋଜି ଆଣି ଉତ୍ସାହିତ ରହିଛୁ। ରିଅଲ୍ମି ଜିଟି ନିଓ ୩ ସହିତ ଆମେ ଏଆଇଓଟି ପୋର୍ଟଫୋଲିଓରେ ୩ଟି ନୂତନ ଉତ୍ପାଦ ଆଣିଛୁ। ରିଅଲ୍ମିର ୨ୟ ଟାବ୍ଲେଟ୍ ରିଅଲ୍ମି ପ୍ୟାଡ୍ ମିନି, ରିଅଲ୍ମି ବଡ୍ସ କ୍ୟୁ୨ଏସ୍ ଓ ଏକ ନୂଆ ସ୍ମାର୍ଟ ଟିଭି ରିଅଲ୍ମି ସ୍ମାର୍ଟ ଟିଭି ଏକ୍ସ ଫୁଲ୍ ଏଚ୍ଡିକୁ ଦୁଇଟି ଭିନ୍ନ ସାଇଜରେ ଅଣାଯାଇଛି।

## ହିଣ୍ଡୱେୟାର ଇଟାଲିଆନ୍ କଲେକ୍ସନ

**ନୂଆଦିଲ୍ଲୀ,୭ା୫ :** ଆଇକୋନିକ୍ ବାଥ୍ୱେୟାର ବ୍ରାଣ୍ଡ 'ହିଣ୍ଡୱେୟାର' ପକ୍ଷରୁ ଇଟାଲିଆନ୍ କଲେକ୍ସନର ବଜାର ପ୍ରବେଶ କରାଯାଇଛି। ଏହା ହିଣ୍ଡୱେୟାର ଇଟାଲିଆନ୍ ଟାଇଲ୍ସ ଏବଂ ଟାଇଲ୍ସ ସେଗ୍ମେଣ୍ଟର ସମ୍ପ୍ରସାରଣ ସମ୍ପର୍କରେ ମଧ ଘୋଷଣା କରାଯାଇଛି। ଏହି ପରିପ୍ରେକ୍ଷୀରେ ପଞ୍ଜାବର ରାଜପୁରାଠାରେ ଏକ ଡିପୋର ମଧ ଉଦ୍ଘାଟନ ସହ ଦେଶବ୍ୟାପୀ ମୋଟ ୧୮ଟି ଡିପୋ ଖୋଲିବା ନେଇ ମଧ କମ୍ପାନୀ ପକ୍ଷରୁ କୁହାଯାଇଛି। ବର୍ତ୍ତମାନ କମ୍ପାନୀ ୨୫୯ଟି ସହରରେ ନିଜର ସର୍ବବୃହତ୍ ନେଟ୍ୱର୍କ ବିସ୍ତାର କରିଛି। ଏହି ଅବସରରେ ବ୍ରିଲୋକା ଲିମିଟେଡ୍ର ବାଥ୍ ଆଣ୍ଡ ଟାଇଲ୍ସ ବିଜ୍ନେସ୍ର ସିଇଓ ସୁଧାଂଶୁ ପୋଖ୍ରିଆଲ କହିଛନ୍ତି, ହିଣ୍ଡୱେୟାର ହେଉଛି ଏକ ଘରୋଇ ନାମ ଏବଂ ଏହା ଶିଳ୍ପର ପ୍ରଥମ ଡିଜାଇନ୍ ଓ ଉଦ୍ଭାବନଗୁଡିକର ଆଗରେ ରହିଆସିଛି।

# ରିଲାଏନ୍ସର ଆୟ ୧୦୦ ବିଲିଅନ ଡଲାର

ମୁମ୍ବାଇ,୭ା୫




■ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ର ୪ର୍ଥ ତ୍ରୈମାସ ଫଳାଫଳ

■କମ୍ପାନୀର ନିଟ୍ ଲାଭରେ ୨୨.୫% ବୃଦ୍ଧି

ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ପକ୍ଷରୁ ନିକଟରେ ଏହାର ୪ର୍ଥ ତ୍ରୈମାସିକ ଫଳାଫଳ ସମ୍ପର୍କରେ ଘୋଷଣା କରାଯାଇଛି। କମ୍ପାନୀର ତୈଳ ବିଶୋଧନରେ ବ୍ୟାପକ ମାର୍ଜିନ, ଟେଲିକମ୍ ଓ ଡିଜିଟାଲ ସେବାରେ ଦ୍ରୁତ ଅଭିବୃଦ୍ଧି ଓ ରିଟେଲ ବ୍ୟବସାୟରେ ଦୃଢ଼ ଗତିଶୀଳତା ଯୋଗୁ ମାର୍ଚ୍ଚ ଶେଷ ସୁଦ୍ଧା କମ୍ପାନୀର ତ୍ରୈମାସରେ ନିଟ୍ ଲାଭରେ ୨୨.୫% ବୃଦ୍ଧି ହୋଇଛି। ଫଳରେ ତୈଳରୁ ରିଟେଲ ଓ ଟେଲିକମ୍ ପର୍ଯ୍ୟନ୍ତ ଏହି ବ୍ୟବସାୟ ସାମ୍ରାଜ୍ୟର ନିଟ୍ ଲାଭ ୧୩,୨୨୭ କୋଟି ଟଙ୍କାରୁ ବୃଦ୍ଧି ପାଇ ଚଳିତ ବର୍ଷ ମାର୍ଚ୍ଚ ୩୧ ସୁଦ୍ଧା ୧୬,୨୦୩ କୋଟି ଟଙ୍କା ହୋଇଛି। ବଜାର ମୂଲ୍ୟ ଅନୁସାରେ ଦେଶର ସର୍ବବୃହତ୍ କମ୍ପାନୀର ଏକତ୍ରିତ ରାଜସ୍ୱ ୨୦୨୧-୨୨ ଆର୍ଥିକ ବର୍ଷର ୪ର୍ଥ ତ୍ରୈମାସରେ ବର୍ଷରୁ ବର୍ଷ ଭିତ୍ତିରେ ୩୫% ବୃଦ୍ଧି ପାଇ ୨.୩୨ ଲକ୍ଷ କୋଟି ଟଙ୍କା ହୋଇଛି। ସେହିଭଳି ୨୦୨୧-୨୨ ଆର୍ଥିକ ବର୍ଷରେ ରିଲାଏନ୍ସ ନିଟ୍ ଲାଭ ୬୦,୭୦୫ କୋଟି ଟଙ୍କା ହୋଇଥିବା ବେଳେ ରାଜସ୍ୱ ୭.୯୨ ଲକ୍ଷ କୋଟି ଟଙ୍କା (୧୦୨ବିଲିଅନ ଡଲାର) ରହିଛି। ଏହା ହେଉଛି ପ୍ରଥମ ଭାରତୀୟ କମ୍ପାନୀ ଯାହା ଗୋଟିଏ ଆର୍ଥିକ ବର୍ଷରେ ୧୦୦ ବିଲିଅନ ଡଲାର ରାଜସ୍ୱ ଅତିକ୍ରମ କରିଛି। କମ୍ପାନୀ ସର୍ବକାଳୀନ ଶ୍ରେଷ୍ଠ ତ୍ରୈମାସ ଇବିଆଇଟିଡିଏ ହାସଲ କରିଛି, ଯାହା ବର୍ଷରୁ ବର୍ଷ ଭିତ୍ତିରେ ୨୮% ବୃଦ୍ଧି ପାଇ ୩୩,୯୬୮ କୋଟି ଟଙ୍କା ହୋଇଛି। ଅପରପକ୍ଷରେ ତୈଳରୁ ରସାୟନ (ଓ୨ସି) ବ୍ୟବସାୟର ଇବିଆଇଟିଡିଏ୨୫% ବୃଦ୍ଧି ପାଇ ୧୪,୨୧୪ କୋଟି ଟଙ୍କା ହୋଇଥିବା ବେଳେ ଡିଜିଟାଲ୍ ବ୍ୟବସାୟର ଟିକସ ପୂର୍ବବର୍ତ୍ତୀ ଆୟ ଗତବର୍ଷ ତୁଳନାରେ ୨୫% ବୃଦ୍ଧି ପାଇ ୧୧,୨୦୯ କୋଟି ଟଙ୍କା ହୋଇଛି। ରିଟେଲ ବ୍ୟବସାୟର ଇବିଆଇଟିଡିଏ ୨.୫% ବୃଦ୍ଧି ପାଇ ୩,୭୧୨ କୋଟି ଟଙ୍କା ହୋଇଛି ଓ କେଜି-ଡି୬ ବ୍ଲକ୍ର ସାଟେଲାଇଟ୍ ଫିଲ୍ଡରୁ ଗ୍ୟାସ୍ ଉତ୍ପାଦନ ଯୋଗୁ ତୈଳ ଓ ଗ୍ୟାସ୍ର ଇବିଆଇଟିଡିଏ ୩ଗୁଣା ବୃଦ୍ଧି ପାଇ ୧,୫୫୬ କୋଟି ଟଙ୍କା ହୋଇଛି। କ୍ଷେତ୍ର ଇବିଆଇଟିଡିଏରେ ଉପଭୋକ୍ତା ବ୍ୟବସାୟ ଅବଦାନ ପାଖାପାଖି ୪୫% ରହିଛି।

ରିଲାଏନ୍ସ ରିଟେଲ୍ର ଦକ୍ଷତା ବଢ଼ାଇବା ଓ ସମ୍ପତ୍ତି ଅଧିଗ୍ରହଣ ପାଇଁ କମ୍ପାନୀ ୧ ବିଲିଅନ ଡଲାରରୁ ଅଧିକ ନିବେଶ କରିଛି ଏବଂ ଦ୍ୱିତୀୟ ଏବଂ ତୃତୀୟ ଶ୍ରେଣୀ ସହରରେ ଅଧିକ ଷ୍ଟୋର୍ ଖୋଲିଛି। ସବୁଜ ଶକ୍ତି ସମ୍ପର୍କିତ ଗିଗା ଫ୍ୟାକ୍ଟ୍ରି ଓ ଉତ୍ସାହଜନକ ଅପଷ୍ଟ୍ରିମ୍ କ୍ଷେତ୍ର ୪-୫ ବର୍ଷ ମନ୍ଥର ରହିବା ପରେ ଆଗାମୀ ୨୪-୩୬ ମାସ ପାଇଁ ଦୃଢ଼ ଅଭିବୃଦ୍ଧି ସୁଯୋଗ ସୃଷ୍ଟି କରିଛି।

# ଜିତେନ୍ଦ୍ରଙ୍କୁ ନୂଆ ଦାୟିତ୍ୱ

କଟକ,୭ା୫



ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍ବି)ର ବରିଷ୍ଠ ଅଧିକାରୀ ଜିତେନ୍ଦ୍ର ସ୍ୱାଇଁଙ୍କୁ ବ୍ୟାଙ୍କ ପକ୍ଷରୁ ନୂଆ ଦିଆଯାଇଛି। ପିଏନ୍ବି କଟକ ମଣ୍ଡଳର ନୂତନ ମଣ୍ଡଳ ମୁଖ୍ୟ ଭାବେ ସ୍ୱାଇଁ ନିକଟରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ଛତିଶଗଡ଼ସ୍ଥିତ ଭିଲାଇ ମଣ୍ଡଳର ମଣ୍ଡଳ ମୁଖ୍ୟ ଭାବେ କାର୍ଯ୍ୟ କରୁଥିଲେ। ୧୯୮୯ରେ ସେ ପିଏନ୍ବିରେ ଯୋଗ ଦେଇଥିଲେ। ପରବର୍ତ୍ତୀ ସମୟରେ ସେ ବ୍ୟାଙ୍କର ଉତ୍ତରପ୍ରଦେଶ, ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ହରିୟାଣା, ଛତିଶଗଡ଼ ଓ ଓଡ଼ିଶାର ବିଭିନ୍ନ ଶାଖାରେ କାର୍ଯ୍ୟ କରିଛନ୍ତି। ସେ ତାଙ୍କର ଅଧିକାଂଶ ସମୟ ଶାଖା ସ୍ତରରେ ବିତାଇବା ସହ ଅନେକ ଅଭିଜ୍ଞତା ମଧ ହାସଲ କରିଛନ୍ତି। ବ୍ୟାଙ୍କର ରିଟେଲ୍ କ୍ଷେତ୍ରରେ ଅଧିକ ରୁଚି ରଖିଥିବା ସ୍ୱାଇଁ ତାଙ୍କର କାର୍ଯ୍ୟକାଳ ମଧରେ ରିଟେଲ କ୍ଷେତ୍ରକୁ ଅଧିକ ଗୁରୁତ୍ୱ ଦେବେ ବୋଲି ଆଶା କରାଯାଉଛି।

# ବେଦାନ୍ତର ଅଭିନବ କାର୍ଯ୍ୟକ୍ରମ

ଭୁବନେଶ୍ୱର,୭ା୫

### ସ୍ଥାନୀୟ ପ୍ରତିଭାକୁ କମ୍ପାନୀର ଗୁରୁତ୍ୱ

ବେଦାନ୍ତ ଲିମିଟେଡ୍ର ଲାଞ୍ଜିଗଡ଼ ୟୁନିଟ୍ ଭାରତର ଅଗ୍ରଣୀ ମେଟାଲର୍ଜିକାଲ ଗ୍ରେଡ୍ର ଆଲୁମିନିୟମ ନିର୍ମାତା ସହ ସ୍ଥାନୀୟ ଯୁବଗୋଷ୍ଠୀଙ୍କୁ ପ୍ରୋତ୍ସାହନ ଉଦ୍ଦେଶ୍ୟରେ କିଡ୍ସ୍ ଆଥ୍ଲେଟିକସ ଦିବସ ପାଳନ କରୁଛି। ଏହି ପରିପ୍ରେକ୍ଷୀରେ ତୃଣମୂଳ ସ୍ତରୀୟ କ୍ରୀଡ଼ା ସଂସ୍କୃତିକୁ ମଜଭୁତ କରିବା ପାଇଁ କମ୍ପାନୀ ସଂକଳ୍ପ ନେଇଛି। ବେଦାନ୍ତର କାର୍ଯ୍ୟ ପରିଚାଳନା ଦର୍ଶନରେ ଗୋଷ୍ଠୀ ବିକାଶ ଲକ୍ଷ୍ୟକୁ ନେଇ ବେଦାନ୍ତ ଲାଞ୍ଜିଗଡ଼ ଉକ୍ତ ଅଞ୍ଚଳରେ ବହୁ ସାମାଜିକ, ଅର୍ଥନୈତିକ ପ୍ରକଳ୍ପ ଆରମ୍ଭ କରିଛି। ବର୍ତ୍ତମାନ ୧୦୦ଜଣ ଛାତ୍ର ତୀରନ୍ଦାଜ ଓ ୮୦ଛାତ୍ର କରାଟେ ଶିକ୍ଷା ପାଇଁ ଡିଏଭି ବେଦାନ୍ତ ଇଣ୍ଟରନ୍ୟାଶନାଲ ସ୍କୁଲ ଓ ଏସ୍ଏସ୍ଡି ସ୍କୁଲ, ଲାଞ୍ଜିଗଡ଼ରେ ଯୋଗ ଦେଇଛନ୍ତି। ସେମାନଙ୍କ ମଧ୍ୟରୁ ଅନେକେ ଜାତୀୟ ତଥା ରାଜ୍ୟ ସ୍ତରରେ ପଦକ ଜିତିଛନ୍ତି। ଆଜି ପର୍ଯ୍ୟନ୍ତ ତୀରନ୍ଦାଜୀ ଛାତ୍ରମାନେ ଜାତୀୟ ଓ ରାଜ୍ୟସ୍ତରୀୟ ପ୍ରତିଯୋଗିତାରୁ ୪ଟି ସ୍ୱର୍ଣ୍ଣ ପଦକ ଓ ୮ଟି ରୌପ୍ୟ ପଦକ ତଥା ୪ଟି ବ୍ରୋଞ୍ଜ ପଦକ ଲାଭ କରିଛନ୍ତି। ନିକଟରେ ଜମ୍ମୁ କଶ୍ମୀରରେ ଆୟୋଜିତ ତୀରନ୍ଦାଜ ସିନିୟର ନ୍ୟାଶନାଲ ପ୍ରତିଯୋଗିତାରେ ଛାତ୍ର ସୀମାଞ୍ଚଳ କାଡ୍ରାକା ଓ ରତ୍ନା ମାଝି ଅଂଶ ଗ୍ରହଣ କରିଥିଲେ। କରାଟେ କ୍ଷେତ୍ରରେ ମଧ୍ୟ ଛାତ୍ରମାନେ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ପୁରସ୍କାର ପାଇଛନ୍ତି। ଏ ସମ୍ପର୍କରେ ବେଦାନ୍ତ ଲିମିଟେଡ୍ ଲାଞ୍ଜିଗଡ଼ର ସିଇଓ ଜି.ଜି.ପାଲ୍ କହିଛନ୍ତି, ଯଦି ଆମେ ନିଜର ଭବିଷ୍ୟତ ପାଇଁ ପିଲାମାନଙ୍କର ଅନ୍ତର୍ନିହିତ ସାମର୍ଥ୍ୟର ବିକାଶ ପାଇଁ ଆବଶ୍ୟକ ଉପକରଣ ସହିତ ସେମାନଙ୍କୁ ଉପଯୁକ୍ତ ତାଲିମ ଯୋଗାଇଦେବା ତେବେ ସ୍ଥାୟୀ ବିକାଶ ସମ୍ଭବ ହୋଇପାରିବ। ପ୍ରତ୍ୟେକ ପିଲାକୁ ତା'ର ଅନ୍ତର୍ନିହିତ ଗୁଣର ବିକାଶ ପାଇଁ ସୁଯୋଗ ଦିଆଯିବା ଉଚିତ। ଆମର ବିକାଶମୂଳକ ପଦକ୍ଷେପ ଆମ ପଡ଼ୋଶୀ ଗୋଷ୍ଠୀ ମଧ୍ୟରେ ଖେଳୁଥିବା ଆଥଲେଟିକ୍ସଙ୍କୁ ସାହାଯ୍ୟ କରିବ। ସେମାନେ ଚାହିଁଲେ ନିଜର ଶ୍ରେଷ୍ଠତା ପ୍ରଦର୍ଶନ କରିପାରିବେ।

# ଟିପିସିଓଡିଏଲ୍ର ସିସିସି ଉଦ୍ଘାଟିତ

ଭୁବନେଶ୍ୱର,୭ା୫




ମାର୍ଶାଘାଇ ଅଞ୍ଚଳର ଗ୍ରାମୀଣ ଗ୍ରାହକଙ୍କ ଅନୁଭୂତିରେ ଉନ୍ନତି ଆଣିବା ଲକ୍ଷ୍ୟ ନେଇ ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ କେନ୍ଦ୍ରାପଡ଼ା ଜିଲାର ମାର୍ଶାଘାଇ ତହସିଲରେ ଏହାର ପ୍ରଥମ ଭ୍ରାମ୍ୟମାଣ ଗ୍ରାହକ ସେବା କେନ୍ଦ୍ର (ସିସିସି)ର ଶୁଭାରମ୍ଭ କରାଯାଇଛି। ଟିପିସିଓଡିଏଲ୍ର ବରିଷ୍ଠ ଅଧିକାରୀମାନଙ୍କ ଉପସ୍ଥିତିରେ ମହାକାଳପଡ଼ା ବିଧାୟକ ଅତନୁ ସବ୍ୟସାଚୀ ନାୟକ ଏହି ଭ୍ରାମ୍ୟମାଣ ଗ୍ରାହକ ସେବା କେନ୍ଦ୍ରକୁ ପତାକା ଦେଖାଇ ଲୋକାର୍ପଣ କରିଛନ୍ତି। ଏହା ହେଉଛି କମ୍ପାନୀ ପକ୍ଷରୁ ଏହାର ଲାଇସେନ୍ସପ୍ରାପ୍ତ ଅଞ୍ଚଳରେ ସ୍ଥାପନ କରାଯାଇଥିବା ୧୫ତମ ଗ୍ରାହକ ସେବା କେନ୍ଦ୍ର।

ଏ ସମ୍ପର୍କରେ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ର ସିଇଓ ଏମ୍. ସେନ୍ବାଗମ୍ କହିଛନ୍ତି, ବିଦ୍ୟୁତ୍ ଯୋଗାଣ ସମ୍ପର୍କିତ ସବୁ ପ୍ରକାର ସେବା ପାଇଁ ଆମ ପାଖରେ ପହଞ୍ଚିବା ଲାଗି ସମସ୍ତ ଗ୍ରାହକଙ୍କୁ ଗ୍ରାହକ ସେବା କେନ୍ଦ୍ର ଏକ ମଞ୍ଚ ପ୍ରଦାନ କରୁଛି। ଏବେ ଆଉ ପାଦେ ଆଗକୁ ବଢ଼ି ଆମେ ଓଡ଼ିଶାର ଆଭ୍ୟନ୍ତରୀଣ ଗ୍ରାମାଞ୍ଚଳରେ ଥିବା ଆମର ଗ୍ରାହକଙ୍କ ପାଖରେ ପହଞ୍ଚିବାକୁ ଚାହୁଁଛୁ। ଏହାଦ୍ୱାରା ସେମାନେ ଆମର ବିଭିନ୍ନ ସେବା ଦ୍ୱାରା ଉପକୃତ ହୋଇପାରିବେ।

## ଏସ୍ସିଏଲ୍ର ନୂଆ ଏମ୍ଡି ନିଯୁକ୍ତ

ନୂଆଦିଲ୍ଲୀ,୭ା୫

ଦେଶର ଅଗ୍ରଣୀ ଅଟୋ ଉପକରଣ ନିର୍ମାତା ସୁନ୍ଦରମ୍-କ୍ଲେଟନ୍ ଲିମିଟେଡ୍ (ଏସ୍ସିଏଲ୍) ର ପରିଚାଳନା ନିର୍ଦ୍ଦେଶକ (ଏମ୍ଡି) ଭାବେ ଡ. ଲକ୍ଷ୍ମୀ ବେଣୁ ଶ୍ରୀନିବାସଙ୍କୁ ନିଯୁକ୍ତ କରାଯାଇଛି। ପୂର୍ବରୁ ମଧ କମ୍ପାନୀର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ଭାବେ ସେ କାର୍ଯ୍ୟ କରୁଥିଲେ। ଡ. ଶ୍ରୀନିବାସ ଏକ ଦଶନ୍ଧିରୁ ଅଧିକ ସମୟ ଧରି ସୁନ୍ଦରମ କ୍ଲେଟନ୍ର ନେତୃତ୍ୱ ନେଥିବା ସହ ଏହାକୁ ବିଶ୍ୱ ଦରବାରରେ ପରିଚିତ କରାଇଛନ୍ତି। ଏ ସମ୍ପର୍କରେ ସୁନ୍ଦରମ୍ କ୍ଲେଟନ୍ର ଅଧକ୍ଷ ଆର୍.ଗୋପାଳନ କହିଛନ୍ତି, ଲକ୍ଷ୍ମୀଙ୍କ ପାଖରେ ଗ୍ରାହକଙ୍କୁ ଗଭୀର ଭାବେ ବୁଝିବାର ଜ୍ଞାନ ରହିଛି। ବିଶ୍ୱସ୍ତରୀୟ ଗ୍ରାହକମାନଙ୍କ ସହିତ ସେ ଦୃଢ଼ ସମ୍ପର୍କ ବିକଶିତ କରିଛନ୍ତି।

### ଫୁର୍ସତ୍

# ସଚେତନତା ହିଁ ପ୍ରକୃତ ନିଦାନ

### ବିଶ୍ୱ ଥାଲାସେମିଆ ଦିବସ



**କୌଣସି** ସ୍ୱାସ୍ଥ୍ୟ ସମସ୍ୟା ପୂର୍ବରୁ ଏନେଇ ସଚେତନତା ସୃଷ୍ଟି ଦ୍ୱାରା ବହୁ ଅସୁବିଧାରୁ ଦୂରେଇ ହୋଇ ରହିବା ସମ୍ଭବ ହୋଇଥାଏ। ଥାଲାସେମିଆ ଭଳି ଜିନ୍ଗତ ରକ୍ତ ସମସ୍ୟା ପ୍ରତି ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ମେ' ୮ରେ ବିଶ୍ୱ ଥାଲାସେମିଆ ଦିବସ ପାଳିତ ହୋଇଥାଏ। ଏହି ରୋଗରେ ଶରୀରରେ ଥିବା ରକ୍ତରେ ଯଥେଷ୍ଟ ହେମୋଗ୍ଲୋବିନ ସୃଷ୍ଟି କରିବାରେ ସମ୍ଭବ ହୋଇ ନଥାଏ। ଫଳସ୍ୱରୂପ ଲାଲ ରକ୍ତକଣିକା ଦୁର୍ବଳ ହୋଇଯାଏ। ସାଧାରଣତଃ ଦୁଇ ପ୍ରକାରର ଥାଲାସେମିଆ ସମସ୍ୟା ରହିଛି। ଏହାକୁ ଆଲ୍ଫା ଏବଂ ବିଟା ଭାବେ ନାମିତ କରାଯାଇଛି। ଏହି ସମସ୍ୟା ଯୋଗୁ ରକ୍ତହୀନତା, ନିଃଶ୍ୱାସପ୍ରଶ୍ୱାସ ନେବାରେ ଅସୁବିଧା, ଅତ୍ୟଧିକ ଥକା ଏବଂ ଅନିୟମିତ ହୃଦ୍ସ୍ପନ୍ଦନ ହୋଇଥାଏ। ଏହି ରୋଗ ବିଷୟରେ ସଚେତନତା ସୃଷ୍ଟି କରିବା ଏବଂ ଏହାର ମୁକାବିଲା ପାଇଁ ରୋଗୀ, ସେମାନଙ୍କ ପରିବାର ଏବଂ ସ୍ୱାସ୍ଥ୍ୟସେବା କର୍ମଚାରୀଙ୍କୁ ସହାୟତା କରିବା ସକାଶେ ବିଶ୍ୱ ଥାଲାସେମିଆ ଦିବସ ପାଳନର ଲକ୍ଷ୍ୟ ରଖାଯାଇଥାଏ। ୧୯୯୪ରେ ଥାଲାସେମିଆ ଇଣ୍ଟରନ୍ୟାଶନାଲ ଫେଡେରେଶନ (ଟିଆଇଏଫ୍) ଦ୍ୱାରା ପ୍ରତିଷ୍ଠାତା ପାନୋସ ଏଙ୍ଗଲେଜୋସଙ୍କ ପୁଅ ଜର୍ଜ ଏଙ୍ଗଲେଜୋସଙ୍କ ସ୍ମୃତିରେ ଏହି ଦିବସ ପାଳନ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଭାରତୀୟ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ୱେବ୍ସାଇଟ ଅନୁସାରେ ପ୍ରତିବର୍ଷ ଭାରତରେ ଥାଲାସେମିଆ ସମସ୍ୟା ସହ ପ୍ରାୟ ୧୦ରୁ ୧୫ ହଜାର ଶିଶୁ ଜନ୍ମ ହୁଅନ୍ତି। ବିଶ୍ୱସ୍ତରରେ ପ୍ରତିବର୍ଷ ଏଭଳି ସମସ୍ୟା ଥିବା ପିଲାଙ୍କ ସଂଖ୍ୟା ପ୍ରାୟ ୩ ଲକ୍ଷରୁ ୫ ଲକ୍ଷ ରହିଥାଏ।

# 'କିପ୍ ସାଇନିଂ ଶେହନାଜ'



**ନୂଆଦିଲ୍ଲୀ:** ବିଗ୍ ବସ୍ ରିଆଲିଟି ଶୋ'ରୁ ହିନ୍ଦୀ ମନୋରଞ୍ଜନ ଜଗତରେ ପାଦ ଥାପିଥିବା ପଞ୍ଜାବର ଶେହନାଜ ଗିଲ୍ ଏବେ ଅନେକଙ୍କ ପ୍ରିୟ ଭାଜନ ହୋଇପାରିଛନ୍ତି। ନିକଟରେ ବ୍ରହ୍ମାକୁମାରୀ ସଂସ୍ଥାନ ଶେହନାଜଙ୍କୁ କିପ୍ ସାଇନିଂ ସମ୍ମାନରେ ସମ୍ମାନିତ କରିଛନ୍ତି। ସଂସ୍ଥା ପକ୍ଷରୁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଶେହନାଜ ଯୋଗ ଦେଇଥିଲେ। ସିରିଏଲ୍ ଅଭିନେତା ତଥା ବିଗ୍ବସ୍ ୧୩ର ବିଜେତା ସିଦ୍ଧାର୍ଥ ମାଲହୋତ୍ରାଙ୍କ ଅକାଳ ବିୟୋଗ ପରେ ତାଙ୍କ ବାନ୍ଧବୀ ଶେହନାଜ ଭାଙ୍ଗିପଡ଼ିଥିଲେ। ମାନସିକଚାପରେ ରହୁଥିବା ଶେହନାଜ ଶେଷରେ ବ୍ରହ୍ମାକୁମାରୀ ସଂସ୍ଥାନର ଆଶ୍ରୟ ନେବା ପରେ ସମସ୍ତ ପ୍ରକାର ଦୁଶ୍ଚିନ୍ତାରୁ ବାହାରି ଆସିପାରିଥିଲେ।

ନିକଟରେ ଶେହନାଜ ସଲମାନ୍ ଖାନ୍ଙ୍କ ଇଦ୍ ପାର୍ଟିରେ ଦେଖିବାକୁ ମିଳିଥିଲେ, ଯାହାକୁ ନେଇ ଗଣମାଧମରେ ଖୁବ୍ ଚର୍ଚ୍ଚା ହୋଇଥିଲା। ସୂଚନାଯୋଗ୍ୟ ଶେହନାଜ ଖୁବ୍ ଶୀଘ୍ର ବଲିଉଡ୍ରେ ଡେବ୍ୟୁ କରିବାକୁ ଯାଉଛନ୍ତି। ସଲମାନଙ୍କ ଦ୍ୱାରା ଅଭିନୀତ ଫିଲ୍ମ 'କଭି ଇଦ୍ କଭି ଦିୱାଲି'ରେ ଶେହନାଜ ଦେଖିବାକୁ ମିଳିବେ।

# ୭୦୦ ବର୍ଷର ଗଛତଳେ ବିବସ୍ତ୍ର: ୬ ବର୍ଷ ଜେଲ

**ମସ୍କୋ:** ଇଣ୍ଡୋନେସିଆ ବାଲିରେ ଥିବା ୭୦୦ ବର୍ଷ ପୁରୁଣା ଗଛ ତଳେ ଉଲଗ୍ନ ଫଟୋ ଉତ୍ତୋଳନ କରିବା ପାଇଁ ରୁଷିଆର ଜଣେ ମଡେଲ ତଥା ଯୋଗ ଟ୍ରେନରଙ୍କୁ ୬ ବର୍ଷ ଜେଲ୍ ଦଣ୍ଡ ଭୋଗିବାକୁ ପଡ଼ିପାରେ। ଏଲିନା ନାମରେ ଏହି ଯୁବତୀ ଇନ୍ଷ୍ଟାଗ୍ରାମରେ ଉକ୍ତ ଫଟୋ ଶେୟାର କରିବା ପରେ ଇଣ୍ଡୋନେସିଆର ଜଣେ ବ୍ୟବସାୟୀ ଅଭିଯୋଗ କରିଥିଲେ, ଯାହାଫଳରେ ମଡେଲ ଜଣକ ଉକ୍ତ ଫଟୋକୁ ଇନ୍ଷ୍ଟାଗ୍ରାମରୁ ଡିଲିଟ୍ କରି ଦେଇଥିଲେ। ପର୍ଣ୍ଣୋଗ୍ରାଫିକୁ ନେଇ ଇଣ୍ଡୋନେସିଆରେ କଡ଼ା ଆଇନ୍ ପାଳନ କରାଯାଉଥିବାବେଳେ ବାଲିର ପବିତ୍ର ଗଛତଳେ ନଗ୍ନ ଫଟୋ ଉତ୍ତୋଳନ ଅଭିଯୋଗରେ ଏଲିନାକୁ ୫୫ ହଜାର ଡଲାର ଜରିମାନା ଦେବା ସହ ୬ ବର୍ଷ ଜେଲ୍ ଦଣ୍ଡ ମିଳିବା ଆଶଙ୍କା ଥିବା ଡେଲିମେଲ୍ ରିପୋର୍ଟରେ ପ୍ରକାଶ ପାଇଛି। ଇନ୍ଷ୍ଟାଗ୍ରାମରେ ଫଟୋ ହଟାଇବା ସହ ଏଲିନା କ୍ଷମା ମାଗୁଥିବାର ଏକ ଏକ ଭିଡିଓ ଜାରି କରିଛନ୍ତି। ବାବାକନ ମନ୍ଦିରରେ ଥିବା ଏହି ୭୦୦ ବର୍ଷ ପୁରୁଣା ଗଛ ବିଷୟରେ ତାଙ୍କରେ କୌଣସି ଧାରଣା ନ ଥିବା ସେ କହିଛନ୍ତି। ପବିତ୍ର ଗଛତଳେ ପ୍ରାର୍ଥନା କରିବା ସହ ପୋଲିସ ନିକଟରେ ତାଙ୍କ ଦ୍ୱାରା ହୋଇଥିବା ଭୁଲ ପାଇଁ ସେ କ୍ଷମା ମାଗିବାକୁ ପ୍ରସ୍ତୁତ ଥିବା ଜାରି ଭିଡିଓରେ କହିଛନ୍ତି।





# ଲେମ୍ବୁ ପାଇଁ ଜେଲ ଅଧିକାରୀ ନିଲମ୍ବିତ

**ଚଣ୍ଡିଗଡ:** ଲେମ୍ବୁକୁ ନେଇ ପଞ୍ଜାବରେ ଏକ ସମ୍ବେଦନଶୀଳ ଘଟଣା ଘଟିଛି। ଲେମ୍ବୁ ପାଇଁ ପଞ୍ଜାବର କପୁରଥାଲା ମଡର୍ନ ଜେଲ ସୁପରିଣ୍ଟେଣ୍ଡେଣ୍ଟ ଗୁରନାମ ଲାଲ୍ଙ୍କୁ ଚାକିରିରୁ ନିଲମ୍ବନ କରାଯାଇଛି। ଗୁରନାମ ଲାଲ୍ ବନ୍ଦୀମାନଙ୍କ ପାଇଁ ୫୦ କିଲୋଗ୍ରାମର ଲେମ୍ବୁ କିଣିଥିବାବେଳେ ସେଥିରୁ ଗୋଟିଏ ବି ଲେମ୍ବୁ କଏଦୀମାନଙ୍କୁ ଦିଆଯାଇ ନ ଥିଲା। ଏ ଘଟଣା ସେତେବେଳେ ସାମ୍ନାକୁ ଆସିଲା ଯେତେବେଳେ ଇନ୍ସପେକ୍ସନ୍ ଟିମ୍ ଜେଲ୍ରେ ପହଞ୍ଚିଥିଲେ। ଜେଲ୍ରେ କଏଦୀମାନଙ୍କୁ ଦିଆଯାଉଥିବା ଖାଦ୍ୟରେ ଲେମ୍ବୁ ପରଷାଯାଇ ନ ଥିବା ଏବଂ ଅଟା ଓ ପରିବା କିଣାରେ ଅନିୟମିତତା ଅଭିଯୋଗ ଆସିଥିଲା, ଯାହାପରେ ପଞ୍ଜାବ ଖଣି, ପର୍ଯ୍ୟଟନ ଏବଂ ଜେଲମନ୍ତ୍ରୀ ହରଜୋତ ସିଂ ବେନ୍ସ ଅଚାନକ ପରିଦର୍ଶନ ପାଇଁ ଦୁଇ ଜଣ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଜେଲ୍ ପରିଦର୍ଶନ ପାଇଁ ପଠାଇଥିଲେ। କଏଦୀମାନଙ୍କ ପାଇଁ ଯୋଗାଯାଉଥିବା ଖାଦ୍ୟରେ ଅନେକ ଦୁର୍ନୀତି ହେଉଥିବାର ପ୍ରମାଣ ମିଳିବା ପରେ ଜେଲ ସୁପରିଣ୍ଟେଣ୍ଡେଣ୍ଟଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି।

# ମା' ଶିଶୁର ପ୍ରଥମ ଗୁରୁ

### ମାତୃ ଦିବସ



**ମା'** ପ୍ରାଣୀଙ୍କଠାରୁ ଆରମ୍ଭ କରି ମଣିଷ ପର୍ଯ୍ୟନ୍ତ ସମସ୍ତଙ୍କର ଅତି ପ୍ରିୟ। ଜନ୍ମ ପରେ ଶିଶୁ ପ୍ରଥମେ ହିଁ ମା' ସ୍ନେହର ପରଶ ପାଇଥାଏ। ମା' ଶବ୍ଦ ସୃଜନର ଓଁକାର ଭରିଦିଏ। ସେହିପରି ମା' ପ୍ରତିଟି ଶିଶୁର ପ୍ରଥମ ଗୁରୁ। ମା' ଶିଶୁକୁ ସମସ୍ତ ଶିକ୍ଷାର ପ୍ରଥମ ପାହାଚରେ ପହଞ୍ଚାଇଥାଏ। ତେଣୁ ମା'ଙ୍କର ମହାନତାକୁ ହୃଦୟଙ୍ଗମ କରିବା ଲାଗି ପ୍ରତିବର୍ଷ ମେ' ମାସ ଦ୍ୱିତୀୟ ରବିବାରକୁ ବିଶ୍ୱ ମାତୃ ଦିବସ ଭାବେ ପାଳନ କରାଯାଇଥାଏ। ଚଳିତ ବର୍ଷ ଏହା ମେ' ୮ରେ ପାଳିତ ହେଉଛି। ୧୯୦୭ରେ ମାତୃ ଦିବସ ପାଳନ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହି ଦିବସର ପାଳନ ଦୁଇଜଣ ବିଶିଷ୍ଟ ମହିଳା ଜୁଲିଆ ୱାର୍ଡ ହାଓ ଏବଂ ଆନ୍ନା ଜାରଭିସଙ୍କ ଦ୍ୱାରା ଆରମ୍ଭ ହୋଇଥିଲା। ସେମାନେ ଆମେରିକାରେ ମାତୃ ଦିବସର ଶୁଭାରମ୍ଭ କରିଥିଲେ। ଆମେରିକାର ରାଷ୍ଟ୍ରପତି ଉଡ୍ରୋ ୱିଲସନ ଏହି ଦିବସକୁ ୧୯୧୪ରେ ଏକ ଜାତୀୟ ଛୁଟି ଘୋଷଣା କରିଥିଲେ। ମାତୃ ଦିବସ ହେଉଛି ଏକ ଉତ୍ସବ, ଯାହାକି ପରିବାରରେ ମାତାଙ୍କୁ ସମ୍ମାନିତ କରିବା ସହିତ ମାତୃତ୍ୱ, ମାତୃତ୍ୱ ବନ୍ଧନ ଏବଂ ସମାଜରେ ମା'ଙ୍କର ପ୍ରଭାବକୁ ସମ୍ମାନିତ କରିଥାଏ। ପ୍ରତ୍ୟେକ ମା'ଙ୍କ ପାଇଁ ଏହି ଦିବସଟି ଉତ୍ସର୍ଗୀକୃତ। କାରଣ ଜଣେ ଶିଶୁଙ୍କ ପାଇଁ ଦୁନିଆରେ ସମସ୍ତଙ୍କ ଅପେକ୍ଷା ବହୁ କାର୍ଯ୍ୟ କରିଥାନ୍ତି।

# ରାଜସ୍ଥାନ ପ୍ଲେଅଫ୍ ନିକଟତର

ମୁମ୍ବାଇ, ୭।୫

ସ୍ଥାନୀୟ ୱାଙ୍ଖଡେ ଷ୍ଟାଡିୟମରେ ଶନିବାର ଅପରାହ୍ନରେ ଖେଳାଯାଇଥିବା ଆଇପିଏଲ ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସ ୬ ଉଇକେଟରେ ପଞ୍ଜାବ କିଙ୍ଗ୍ସକୁ ହରାଇ ଦେଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ପଞ୍ଜାବ ୨୦ ଓଭର ଖେଳି ୫ ଉଇକେଟରେ ୧୮୯ ରନ୍ କରିଥିଲା। ଜବାବରେ ଯଶସ୍ୱୀ ଜୟସ୍ୱାଲ (୬୮)ଙ୍କ ଅର୍ଦ୍ଧଶତକ ବଳରେ ରାଜସ୍ଥାନ ୧୯.୪ ଓଭରରେ ୪ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଏହି ବିଜୟ ଯୋଗୁ ସଞ୍ଜୁ ସାମ୍ସନଙ୍କ ରାଜସ୍ଥାନ ୧୪ ପଏଣ୍ଟ ସହ ଅଙ୍କ ତାଲିକାରେ ତୃତୀୟ ସ୍ଥାନ ବଜାୟ ରଖିବା ସହ ପ୍ଲେ-ଅଫ୍‌ର ନିକଟତର ହୋଇଛି।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ ମୟଙ୍କ ଅଗ୍ରୱାଲ। ପଞ୍ଜାବ ପାଇଁ ଜନି ବେଆରଷ୍ଟୋ(୫୬ ରନ୍, ୮ ଚୌକା ଓ ୧ ଛକା) ଓ ଶିଖର ଧାୱନ (୧୨)ଙ୍କ ଓପନିଂ ଯୋଡ଼ି ୪୧ ରନ୍ କରିଥିଲା। ରାଜସ୍ଥାନକୁ ପ୍ରଥମ ଉଇକେଟ ଆଣିଦେଇଥିଲେ ଅଭିଜ୍ଞ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ। ତା'ପରେ ଭାନୁକା ରାଜପାକ୍ସା(୨୭ ରନ୍, ୨ ଲେଖାଏ ଚୌକା ଓ ଛକା)ଙ୍କ ସହ ମିଶି ବେଆରଷ୍ଟୋ ଦଳୀୟ ସ୍କୋରକୁ ୮୯ ପର୍ଯ୍ୟନ୍ତ ନେଇଥିଲେ। ଚଳିତ ଆଇପିଏଲ୍‌ରେ ପ୍ରଥମ ଥର ମଧ୍ୟକ୍ରମରେ ବ୍ୟାଟିଂ କରିଥିବା ମୟଙ୍କ (୧୫) କିଛି ଖାସ୍ କରିପାରି ନ ଥିଲେ। ଶେଷ ଆଡ଼କୁ ଜିତେଶ ଶର୍ମା (୩୮* ରନ୍, ୪ ଚୌକା ଓ ୨ ଛକା) ଓ ଲିଆମ ଲିଭିଂଷ୍ଟୋନ (୨୨ ରନ୍, ୧ ଚୌକା ଓ ୨ ଛକା)ଙ୍କ ଉପଯୋଗୀ ଯୋଗଦାନ ଯୋଗୁ ପଞ୍ଜାବ ୧୮୯/୫ରେ ପହଞ୍ଚି ପାରିଥିଲା। ୟୁଜ୍‌ବେନ୍ଦ୍ର ଚହଲ ସର୍ବାଧିକ ୩ ଉଇକେଟ ନେଇଥିବା ବେଳେ ଅଶ୍ୱିନ ଓ ପ୍ରସିଦ୍ଧ କ୍ରିଷ୍ଣା ଗୋଟିଏ ଲେଖାଏ ଉଇକେଟ ହାତେଇଥିଲେ। ଜବାବରେ ରାଜସ୍ଥାନକୁ ବିସ୍ଫୋରକ ଆରମ୍ଭ ଦେଇଥିଲା ଜୟସ୍ୱାଲ ଓ ବଟ୍‌ଲରଙ୍କ ଓପନିଂ ଯୋଡ଼ି। ଦଳୀୟ ସ୍କୋର ୪ ଓଭରରେ ୪୬ ହୋଇଥିବା ବେଳେ ବଟ୍‌ଲର (୩୦ ରନ୍, ୫ ଚୌକା ଓ ୧ ଛକା) ଆଉଟ୍ ହୋଇଥିଲେ। ତାଙ୍କ ପରେ ଅଧିନାୟକ ସଞ୍ଜୁ ୨୩ ରନ୍ କରି ପ୍ୟାଭିଲିଅନ ଫେରିଥିଲେ। କିନ୍ତୁ ଜୟସ୍ୱାଲ ଗୋଟିଏ ପକ୍ଷ ସମ୍ଭାଳି ଖେଳ ଜାରି ରଖିଥିଲେ। ତୃତୀୟ ଉଇକେଟ ପାଇଁ ଦେବଦତ୍ତ ପଡିକଲ (୩୧) ଓ ଜୟସ୍ୱାଲ ୫୬ ରନ୍ ଯୋଡ଼ି ଦଳକୁ ବିଜୟ ଦିଗରେ ଆଗେଇ ନେଇଥିଲେ। ଦୁଇ ବ୍ୟାଟରଙ୍କୁ ଅର୍ଶଦୀପ ସିଂ ପ୍ୟାଭିଲିଅନ ପଠାଇଥିଲେ। ଶେଷକୁ ୧୬ ବଲରେ ୩ ଚୌକା ଓ ୨ ଛକା ସହାୟତାରେ ଶିମରନ ହେଟମେୟରଙ୍କ ୩୧* ରନ୍‌ର ଇନିଂସ ଯୋଗୁ ରାଜସ୍ଥାନ ୧୯.୪ ଓଭରରେ ୪ ଉଇକେଟ ହରାଇ ୧୯୦ ରନ୍ କରିଥିଲା। ଦଳ ପାଇଁ ଜୈସ୍ୱାଲ ୪୧ ବଲରେ ୬୮ ରନ୍ କରିଥିଲେ। ତାଙ୍କ ଇନିଂସରେ ୯ ଚୌକା ଓ ୨ ଛକା ସାମିଲ ଥିଲା। ଏଭଳି ମ୍ୟାଚ୍ ବିଜୟୀ ଇନିଂସ ପାଇଁ ତାଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି। ପଞ୍ଜାବ ପାଇଁ ଅର୍ଶଦୀପ ୨ ଉଇକେଟ ପାଇଥିବା ବେଳେ କାଗିସୋ ରବାଡା ଓ ରିଶି ଧାୱନ ଗୋଟିଏ ଲେଖାଏ ଉଇକେଟ ହାତେଇଥିଲେ।

**ସଂକ୍ଷିପ୍ତ ସ୍କୋର**

**ପଞ୍ଜାବ କିଙ୍ଗ୍ସ:** ୨୦ ଓଭରରେ ୧୮୯/୫(ଜନି ବେଆରଷ୍ଟୋ-୫୬, ଜିତେଶ ଶର୍ମା-୩୮*, ଭାନୁକା ରାଜପାକ୍ସା-୨୭, ୟୁଜ୍‌ବେନ୍ଦ୍ର ଚହଲ-୩/୨୮, ରବିଚନ୍ଦ୍ରନ ଅଶ୍ୱିନ-୧/୩୨)।

**ରାଜସ୍ଥାନ ରୟାଲ୍ସ:** ୧୯.୪ ଓଭରରେ ୧୯୦/୪ (ଯଶସ୍ୱୀ ଜୟସ୍ୱାଲ-୬୮, ଶିମର ହେଟମେୟର-୩୧*, ଦେବଦତ୍ତ ପଡିକଲ-୩୧, ଅର୍ଶଦୀପ ସିଂ-୨/୨୯, ରିଶି ଧାୱନ-୨/୨୫ )।



ଏକ ଦର୍ଶନୀୟ ଶଟ୍ ଖେଳୁଛନ୍ତି ଯଶସ୍ୱୀ ଜୟସ୍ୱାଲ।

## ଆଇପିଏଲ୍-୧୫

### ଆଜିର ମ୍ୟାଚ

**ସନରାଇଜର୍ସ ହାଇଦ୍ରାବାଦ ବନାମ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର**
**ସ୍ଥାନ: ମୁମ୍ବାଇ**
**ସମୟ: ଅପରାହ୍ନ ୩ଟା ୩୦**

**ଚେନ୍ନାଇ ସୁପର କିଙ୍ଗ୍ସ ବନାମ ଦିଲ୍ଲୀ କ୍ୟାପିଟାଲ୍ସ**
**ସ୍ଥାନ: ମୁମ୍ବାଇ**
**ସମୟ: ରାତି ୭ଟା ୩୦**

**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନହାର |
|---|---|---|---|---|---|
| ଗୁଜରାଟ ଟାଇଟାନ୍ସ | ୧୧ | ୮ | ୩ | ୧୬ | +୦.୧୨୦ |
| ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ | ୧୦ | ୭ | ୩ | ୧୪ | +୦.୩୯୭ |
| ରାଜସ୍ଥାନ ରୟାଲ୍ସ | ୧୧ | ୭ | ୪ | ୧୪ | +୦.୩୨୬ |
| ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୧୧ | ୬ | ୫ | ୧୨ | -୦.୪୪୪ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୦ | ୫ | ୫ | ୧୦ | +୦.୬୪୧ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୧୦ | ୫ | ୫ | ୧୦ | +୦.୩୨୫ |
| ପଞ୍ଜାବ କିଙ୍ଗ୍ସ | ୧୧ | ୫ | ୬ | ୧୦ | -୦.୨୩୧ |
| କୋଲକାତା ନାଇଟ ରାଇଡର୍ସ | ୧୦ | ୪ | ୬ | ୮ | +୦.୦୬୦ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୦ | ୩ | ୭ | ୬ | -୦.୪୩୧ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୦ | ୨ | ୮ | ୪ | -୦.୭୨୫ |

## ଭୁବନେଶ୍ୱରରେ ହେବ ଇଣ୍ଡିଆନ୍ ଗ୍ରାଁ ପ୍ରି

**ଭୁବେନେଶ୍ୱର, ୫।୭ (ସ୍ପୋର୍ଟ୍ସ ବ୍ୟୁରୋ):** ଓଡ଼ିଶା ସରକାର ଓ ଆଥଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍ଆଇ)ଏବଂ ଓଡ଼ିଶା ଆଥଲେଟିକ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ଇଣ୍ଡିଆନ ଗ୍ରାଁ ପ୍ରି-୩ ଓ ଇଣ୍ଡିଆନ ଗ୍ରାଁ ପ୍ରି-୪ ଭୁବନେଶରରେ ଯଥାକ୍ରମେ ଚଳିତ ମାସ ୨୧ ଓ ୨୪ରେ ଅନୁଷ୍ଠିତ ହେବ। ପୂର୍ବରୁ ଏହି ଇଭେଣ୍ଟ ମଦୁରାଇରେ ହେବାର କାର୍ଯ୍ୟକ୍ରମ ରହିଥିଲା। ଆଥଲେଟ୍‌ମାନଙ୍କ ପାଇଁ ଉନ୍ନତ ବ୍ୟବସ୍ଥା ରହିଥିବାରୁ ଇଭେଣ୍ଟକୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ୱାର୍ଲ୍ଡ ଆଥଲେଟିକ୍ସ, ରାଜ୍ୟଗୋଷ୍ଠୀ କ୍ରୀଡ଼ା ଓ ସ୍ଥଗିତ ରଖାଯାଇଥିବା ଏସିଆନ ଗେମ୍ସ ପାଇଁ ଯୋଗ୍ୟତା ଅଙ୍କ ହାସଲ ପାଇଁ ଏହି ଆଥଲେଟିକ୍ ମିଟ୍ ଦୁଇଟିର ବିଶେଷ ଗୁରୁତ୍ୱ ରହିଛି। ଉଭୟ ମିଟ୍‌ରେ ମୋଟ ୧୭ଟି ଇଭେଣ୍ଟ ହେବ। ତନ୍ମଧ୍ୟରେ ମହିଳା ପାଇଁ ୯ ଏବଂ ପୁରୁଷ ପାଇଁ ୮ ଇଭେଣ୍ଟ ରହିଛି। ଆଥଲେଟିକ ମିଟ୍ ଦୁଇଟି ଉଭୟ ଦିବସ ସନ୍ଧ୍ୟାରେ ଅନୁଷ୍ଠିତ ହେବ।

## ବଧିର ଅଲିମ୍ପିକ୍ସ: ଅଭିନବଙ୍କୁ ସ୍ୱର୍ଣ୍ଣ ପଦକ



ଅଭିନବ ଦେଶୱାଲ

**ନୂଆଦିଲ୍ଲୀ, ୭।୫ (ପି.ଟି.):** ବ୍ରାଜିଲର କାକ୍ସିଆସ ଡୁ ସୁଲ୍‌ଠାରେ ଚାଲିଥିବା ୨୪ତମ ବଧିର ଅଲିମ୍ପିକ୍ସରେ ଭାରତ ଶୁଟିଂରେ ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ଲାଭ କରିଛି। ଅଭିନବ ଦେଶୱାଲ ପୁରୁଷ ୧୦ ମିଟର ଏୟାର ପିସ୍ତଲ ଟାଇଟଲ ହାସଲ କରିଛନ୍ତି। ୨୪ ଶଟ୍ ବିଶିଷ୍ଟ ଫାଇନାଲରେ ଉତ୍ତରାଖଣ୍ଡ ଅନ୍ତର୍ଗତ ରୁର୍କି ବାସିନ୍ଦା ଏହି ୧୫ ବର୍ଷୀୟ ଶୁଟର ରୌପ୍ୟ ବିଜେତା ୟୁକ୍ରେନ୍‌ର ଓଲେକ୍ସି ଲେଜ୍‌ବେନିକ୍ (୨୩୪.୨) ସହ ସମାନ ପଏଣ୍ଟ ସ୍କୋର କରିଥିଲେ। ପରେ ଅନୁଷ୍ଠିତ ଶୁଟ୍ ଅଫ୍‌ରେ ସେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀଙ୍କୁ ୧୦.୩-୯.୭ରେ ହରାଇ ସ୍ୱର୍ଣ୍ଣ ଜିତିଥିଲେ। ଚାଇନିଜ ତାଇପେର ହୁ ମିଙ୍ଗ୍ ଜୁଇ ବ୍ରୋଞ୍ଜ ଜିତିଥିଲେ। ଦ୍ୱିତୀୟ ଭାରତୀୟ ଭାବେ ଫାଇନାଲରେ ପ୍ରବେଶ କରିଥିବା ଶୁଭମ ବଶିଷ୍ଟ ୫୬୩ ପଏଣ୍ଟ ସ୍କୋର କରିବା ସହ ୬ଷ୍ଠ ସ୍ଥାନରେ ରହିଥିଲେ। ବଧିର ଅଲିମ୍ପିକ୍ସ ଶୁଟିଂ ପ୍ରତିଯୋଗିତାରେ ବର୍ତ୍ତମାନ ଭାରତର ପଦକ ସଂଖ୍ୟା ୪ରେ ପହଞ୍ଚିଛି। ପୂର୍ବରୁ ଧନୁଷ୍ ଶ୍ରୀକାନ୍ତ ପୁରୁଷ ୧୦ ମିଟର ଏୟାର ରାଇଫଲରେ ସ୍ୱର୍ଣ୍ଣ ଜିତିଥିବା ବେଳେ ସମାନ ଇଭେଣ୍ଟରେ ସୌର୍ଯ୍ୟ ସଇନି ଏକ ବ୍ରୋଞ୍ଜ ପଦକ ଲାଭ କରିଥିଲେ। ପରେ ଗୁରୁବାର ବେଦିକା ଶର୍ମା ମହିଳା ୧୦ ମିଟର ଏୟାର ପିସ୍ତଲରେ ଏକ ବ୍ରୋଞ୍ଜ ପଦକ ପାଇଥିଲେ। ବ୍ରାଜିଲ ବଧିର ଅଲିମ୍ପିକ୍ସକୁ ଭାରତ ୬୫ ଜଣିଆ ଦଳ ପଠାଇଛି। ତନ୍ମଧ୍ୟରେ ୧୦ ଶୁଟର ରହିଛନ୍ତି।

## 'ଦୁଇଟି ରନ୍‌ଆଉଟ୍ ଥିଲା ଟର୍ନିଂ ପଏଣ୍ଟ'

**ମୁମ୍ବାଇ, ୭।୫:** ଲଗାତର ୫ମ ବିଜୟ ପରେ ଗୁଜରାଟ ଟାଇଟାନ୍ସ ପଏଣ୍ଟ ଟେବୁଲ ତଳେ ଥିବା ଦଳଗୁଡ଼ିକଠାରୁ କ୍ରମାଗତ ଦୁଇଟି ମ୍ୟାଚ୍‌ରେ ପରାସ୍ତ ହୋଇଛି। ପଞ୍ଜାବ କିଙ୍ଗ୍ସ ଏକତରଫା ଭାବେ ଟାଇଟାନ୍ସକୁ ହରାଇଥିବା ବେଳେ ମୁମ୍ବାଇ ଇଣ୍ଡିଆନ୍ସ ମ୍ୟାଚ୍‌କୁ ଶେଷ ଓଭର ପର୍ଯ୍ୟନ୍ତ ଟାଣି ନେଇ ଚମତ୍କାର ବିଜୟ ହାସଲ କରିଥିଲା। ମ୍ୟାଚ୍ ପରେ ରଶିଦ୍ ଖାନ୍ କହିଛନ୍ତି, ଆମେ ୪ରୁ ୫ ମ୍ୟାଚ୍ ସମାନ ପରିସ୍ଥିତିରେ ଆବଶ୍ୟକ ରନ୍ କରି ଜିତିଛୁ। ଏହା ଟି୨୦ କ୍ରିକେଟର ପ୍ରକୃତି। ପ୍ରାୟତଃ ୬ ବଲ୍‌ରେ ୨୦ ରନ୍ ହୋଇଯାଏ, ବେଳେବେଳେ ୧୦ ରନ୍ ବି ହୁଏ ନାହିଁ। ମୋ ମତରେ ଆମେ ପୂରା ମ୍ୟାଚ୍‌ରେ ଭଲ ଖେଳିଥିଲୁ। ସେମାନେ ଭଲ ଆରମ୍ଭ କରିଥିଲେ। କିନ୍ତୁ ପରେ ଆମେ ମ୍ୟାଚ୍‌କୁ ପ୍ରତ୍ୟାବର୍ତ୍ତନ କରିଥିଲୁ। ମାତ୍ର ଦୁଇଟି ରନ୍‌ଆଉଟ୍ ମ୍ୟାଚ୍ ପାଇଁ ଟର୍ନିଂ ପଏଣ୍ଟ ସାବ୍ୟସ୍ତ ହୋଇଥିଲା। ଯଦି ଓଭରରେ ୮ରୁ ୯ ଦରକାର, ତେବେ ଏହା ସମ୍ଭବ। ଏଣୁ ଜିତିବା ପାଇଁ ଗୋଟିଏ ବଡ଼ ଶଟ୍ ଦରକାର। ବେଳେବେଳେ ୬ ବଲ୍‌ରେ ୯ ରନ୍ କରିବା କଷ୍ଟକର ହୋଇପଡ଼େ। ହେଲେ ପ୍ରାୟ ସମୟରେ ୨ ବଲରେ ୯ ରନ୍ ସହଜ ହୋଇଥାଏ।

ଉଲ୍ଲେଖଯୋଗ୍ୟ, ଇଶାନ କିଷନ (୪୫), ଅଧିନାୟକ ରୋହିତ ଶର୍ମା (୪୩) ଓ ଟିମ୍ ଡେଭିଡ୍ (୪୪*)ଙ୍କ ଯୋଗୁ ମୁମ୍ବାଇ ଇଣ୍ଡିଆନ୍ସ ୨୦ ଓଭରରେ ୬ ଉଇକେଟ ହରାଇ ୧୭୭ ରନ୍ କରିଥିଲା। ଜବାବରେ ଋଦ୍ଧିମାନ ଶାହା (୫୫) ଓ ଶୁବମନ ଗିଲ(୫୨)ଙ୍କ ଶତକୀୟ ଓପନିଂ ଭାଗିଦାରି ଯୋଗୁ ମ୍ୟାଚ୍‌କୁ ୧୯ତମ ଓଭର ପର୍ଯ୍ୟନ୍ତ ଗୁଜରାଟ ନିୟନ୍ତ୍ରଣରେ ରଖିଥିଲା। ଅନ୍ତିମ ଓଭରରେ ଜିତିବାକୁ ୯ ରନ୍ ଆବଶ୍ୟକ ଥିବା ବେଳେ ଡାନିଏଲ ସାମ୍ସ ଚମତ୍କାର ବୋଲିଂ କରି ମୁମ୍ବାଇକୁ ସହଜ ବିଜୟ ଦେଇଥିଲେ। ଶେଷ ୩ ଓଭରରେ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ଓ ରାହୁଲ ତେୱାଟିଆ ରନ୍‌ଆଉଟ୍ ହୋଇଥିଲେ, ଯାହା ମ୍ୟାଚ୍‌ରେ ଟର୍ନିଂ ପଏଣ୍ଟ ସାବ୍ୟସ୍ତ ହୋଇଥିଲା।

## ଡି'କକ୍‌ଙ୍କ ବିସ୍ଫୋରକ ଅର୍ଦ୍ଧଶତକ

**ପୁଣେ,୭।୫:** ମହାରାଷ୍ଟ୍ର କ୍ରିକେଟ ଆସୋସିଏଶନ ଷ୍ଟାଡିୟମରେ ଶନିବାର ରାତିରେ କୋଲକାତା ନାଇଟ୍ ରାଇଡର୍ସ ବିପକ୍ଷରେ ଖେଳାଯାଇଥିବା ମ୍ୟାଚ୍‌ରେ କୁଇଣ୍ଟନ ଡି'କକ୍ ବିସ୍ଫୋରକ ଅର୍ଦ୍ଧଶତକ ହାସଲ କରିଛନ୍ତି। ୨୯ ବଲରେ ତାଙ୍କର ୫୦ ରନ୍‌ର ଇନିଂସ ଯୋଗୁ ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ ୨୦ ଓଭରରେ ୭ ଉଇକେଟ ହରାଇ ୧୭୬ ରନ୍ କରିଛି। ରିପୋର୍ଟ ଲେଖା ହେବା ସୁଦ୍ଧା କର ବା ମର ପରିସ୍ଥିତିରେ ଥିବା କେକେଆର ୪ ଓଭରରେ ଦୁଇ ଉଇକେଟରେ ୧୧ ରନ୍ କରିଛି।

କେକେଆର୍ ଅଧିନାୟକ ଶ୍ରେୟାସ ଆୟାର ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ମ୍ୟାଚ୍‌ର ପ୍ରଥମ ଓଭରରେ ଦୁର୍ଭାଗ୍ୟବଶତଃ ଭାବେ ଲକ୍ଷ୍ନୌ ଅଧିନାୟକ ଲୋକେଶ ରାହୁଲ କୌଣସି ବଲ ଖେଳିବା ପୂର୍ବରୁ ରନ୍ ଆଉଟ୍ ହୋଇଥିଲେ। ୩ ନଂରେ ଆସିଥିବା ଦୀପକ ହୁଡାଙ୍କ ସହ ଅନ୍ୟତମ ଓପନର ଡି'କକ୍ ମିଶି ପାୱାରପ୍ଲେରେ ପ୍ରତିପକ୍ଷ ବୋଲରଙ୍କୁ ନିର୍ଘାତ ପ୍ରହାର କରିଥିଲେ। ଦୁହେଁ ୭ ଓଭରରେ ୭୧ ରନ୍ ଯୋଡ଼ିଥିଲେ। ୨୭ ବଲରେ ଅର୍ଦ୍ଧଶତକ ପୂରଣ କରିଥିବା ଡି'କକ୍‌ଙ୍କୁ ୮ମ ଓଭରରେ ପ୍ୟାଭିଲିଅନ ବାଟ ଦେଖାଇଥିଲେ ସୁନିଲ ନାରିନ। ଆଉଟ୍ ହେବା ପୂର୍ବରୁ ସେ ୪ ଚୌକା ଓ ୩ ଛକା ସହାୟତାରେ ୫୦ ରନ୍ କରିଥିଲେ। ସେହିଭଳି ହୁଡା (୨୭ ବଲରେ ୪୧ ରନ୍, ୪ ଚୌକା ଓ ୨ ଛକା) ଓ କ୍ରୁନାଲ ପାଣ୍ଡ୍ୟା (୨୫) ଭଲ ଆରମ୍ଭ ପାଇଥିଲେ ମଧ୍ୟ ତାହାକୁ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ। ତା' ପରେ ୧୯ତମ ଓଭରରେ ଶିଭମ ମାଭିଙ୍କ ପ୍ରଥମ ୩ ବଲରେ ଛକା ଲଗାଇବା ପରେ ଚତୁର୍ଥ ବଲରେ ଆଉଟ୍ ହୋଇଥିଲେ ମାର୍କସ ଷ୍ଟୋଇନିସ(୨୮)। ପରବର୍ତ୍ତୀ ଦୁଇ ବଲରେ ଦୁଇଟି ଛକା ମାରିଥିଲେ ଜାସନ ହୋଲ୍ଡର (୧୩)। ଫଳରେ ଲକ୍ଷ୍ନୌ ୨୦ ଓଭରରେ ୭ ଉଇକେଟ ହରାଇ ୧୭୬ ରନ୍ କରିବାକୁ ସକ୍ଷମ ହୋଇଥିଲା। କୋଲକାତା ପକ୍ଷରୁ ଆଣ୍ଡ୍ରେ ରସେଲ ୨ ଉଇକେଟ ନେଇଥିବା ବେଳେ ଟିମ୍ ସୌଦି, ମାଭି ଓ ନାରିନ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

**ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ:** ୨୦ ଓଭରରେ ୧୭୬/୭ (କ୍ୱିଣ୍ଟନ ଡି'କକ୍-୫୦, ଦୀପକ ହୁଡା-୪୧, ମାର୍କସ ଷ୍ଟୋଇନିସ-୨୮, ଆଣ୍ଡ୍ରେ ରସେଲ-୨/୨୨, ଟିମ୍ ସୌଦି-୧/୨୮)।



ଅର୍ଦ୍ଧଶତକୀୟ ଇନିଂସ ଅବସରରେ କ୍ୱିଣ୍ଟନ ଡି'କକ୍।

CLASSIFIED DISPLAY
ALL EDITION - B/W (Everyday)
TARIFF
MORE SPACE • SAME PRICE

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%
for Booking Contact: 0674-2580385, 8637280816, 7894447167, 9338226625

Pratichi
ରାଜ୍ୟର ଅନ୍ୟତମ ଅଗ୍ରଣୀ ଘରୋଇ ଦୁଗ୍ଧ କମ୍ପାନୀ ପାଇଁ ପୁରୀ, କଟକ ଓ ଖୋର୍ଦ୍ଧା ଜିଲ୍ଲାରୁ
ଡିଷ୍ଟ୍ରିବ୍ୟୁଟର ଆବଶ୍ୟକ
ପ୍ରତିଚୀ ଡ଼ାଏରୀ ପ୍ରଡ଼କ୍ଟ ପ୍ରା.ଲି଼ଃ.
ପ୍ଲଟ୍ ନଂ-୨୫୪, ଏକମକଣା ଛକ, କନପୁର, ନିମାପଡ଼ା, ପୁରୀ।
Email : pratichidairyproducts@gmail.com
Mob : 9853003317

ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା
ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ ।
2% ସୁଧ, 40% ରିହାତି ।
ମହିଳାଙ୍କ ପାଇଁ ବିଶେଷ ରିହାତି ।
ଅନ୍‌ଲାଇନ୍ ସୁବିଧା ।
Mudra Finance
Mob. 9470149388
Whatsapp: 9470149608

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଓଡ଼ିଶା କୁସ୍ତି ଚାମ୍ପିୟନଶିପ୍ ଉଦ୍‌ଯାପିତ

**ଭୁବନେଶ୍ୱର, ୭।୫(ସ୍ପୋର୍ଟ୍ସ ବ୍ୟୁରୋ):** ଓଡ଼ିଶା ରେସ୍‌ଲିଂ ଆସୋସିଏଶନ ପକ୍ଷରୁ କଟକ ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଓଡ଼ିଶା ରେସ୍‌ଲିଂ ଚାମ୍ପିୟନଶିପ୍‌ରେ ଶନିବାର ୨୩ ଓ ୧୫ ବର୍ଷରୁ କମ୍ ଉଭୟ ମହିଳା ଏବଂ ପୁରୁଷ ବିଭାଗର ବିଭିନ୍ନ ଓଜନ ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା ଅନୁଷ୍ଠିତ ହୋଇଯାଇଛି। ୨୩ ବର୍ଷରୁ କମ୍ ପୁରୁଷ ବିଭାଗରେ ପୁରୀର ବାପି ଦାସ (୫୭ କେଜି), ସଦାଶିବ ବାରିକ (୬୧ କେଜି), ପବିତ୍ର ସାହୁ (୬୫ କେଜି), ସମ୍ବଲପୁରର କାହ୍ନୁ ଚରଣ ସ୍ୱାଇଁ (୭୦ କେଜି), ପୁରୀର କିରଣ ଦଳାଇ (୭୪ କେଜି), ରୁଦ୍ରନାରାୟଣ ମହାପାତ୍ର (୭୯ କେଜି), କଟକର ବାଦଲ ସାମଲ(୮୬ କେଜି), ପୁରୀର ସୁଦର୍ଶନ ଦିକ୍ଷିତ (୯୧କେଜି) ଚାମ୍ପିୟନ ହୋଇଛନ୍ତି। ସେହିପରି ମହିଳା ବିଭାଗରେ ପୁରୀର ସୁପ୍ରିୟା ମହାପାତ୍ର (୫୦ କେଜି), ଆଲୋକରଶ୍ମି ଗୁରୁ (୫୩ କଜି), କଟକର ରୋଜାଲିନ ପାଲ (୫୫ କେଜି), ବିୟୁଟି ସାମଲ (୫୯କେଜି), ପୁରୀର ଦିବ୍ୟଜ୍ୟୋତି ନାୟକ (୬୨ କେଜି), କଟକର ମିତାଲି ନାୟକ (୬୫ କେଜି), ପୁରୀର ପୂଜା ମହାରଣା (୬୮ କେଜି) ଏହିସବୁ ବର୍ଗରେ ଶୀର୍ଷ ସଫଳତା ପାଇଛନ୍ତି। ସେହିଭଳି ୧୫ ବର୍ଷରୁ କମ୍ ବାଳକ ବିଭାଗର ୩୮, ୪୧, ୪୪, ୪୮, ୫୨, ୫୭, ୬୨ ଓ ୬୮ କେଜି ବର୍ଗରେ ଯଥାକ୍ରମେ ପୁରୀର ଜି. କିରଣ, ଶୁଭମ ସାହୁ, ଦେବାଶିଷ ପାଣିଗ୍ରାହୀ, ଆର୍ଯ୍ୟନ ସାହୁ, ସମ୍ପିତ ସାହୁ, ପ୍ରଭାସ ରଞ୍ଜନ ପ୍ରଧାନ, କୃଷ୍ଣ ଚନ୍ଦ୍ରନ ପଣ୍ଡା ଓ ଖୋର୍ଦ୍ଧାର ଆଦିତ୍ୟ ଅମ୍ଳାନ ରାଉତ ନିଜ ନିଜ ଇଭେଣ୍ଟରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ବାଳିକା ବର୍ଗର ୩୩, ୩୬, ୩୯, ୪୨, ୪୬, ୫୦, ୫୪, ୫୮ କେଜି ବର୍ଗରେ ଯଥାକ୍ରମେ ପ୍ରୀତିଶ୍ରୀ ପରିଡ଼ା (ପୁରୀ), ଶୁଭଲକ୍ଷ୍ମୀ ପାଲ (କଟକ), ଜ୍ୟୋତି ସେଠୀ (କଟକ), ପୁତା ସେଠୀ (କଟକ), ଅନ୍ନପୂର୍ଣ୍ଣା ନାୟକ (କଟକ), ଶ୍ରଦ୍ଧାଶ୍ରୀ ଉପାଧ୍ୟାୟ (ପୁରୀ), ସୋନିଆ ନାୟକ (କଟକ) ଓ ଚାନ୍ଦିନୀ ବେଗମ୍ (କଟକ) ପ୍ରମୁଖ ବିଜୟୀ ହୋଇଛନ୍ତି।



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ
✓ ବୀଣାପାଣି ହରିଚନ୍ଦନ
ସ୍ୱାମୀ- ଶଶୀଭୂଷଣ ହରିଚନ୍ଦନ
ନୂଆପଲ୍ଲୀ, ଭୁବନେଶ୍ୱର ।
ଆବିର୍ଭାବ- ୦୯.୦୮.୧୯୪୭
ତିରୋଧାନ- ୨୮.୦୪.୨୦୨୨
ଚାହୁଁ ଚାହୁଁ ୧୧ଦିନ ବିତିଗଲା । ଏବେ ବି ବିଶ୍ୱାସ ହେଉନାହିଁ ଯେ, ତୁମେ ଆମ୍ଭମାନଙ୍କୁ ଛାଡି ସବୁଦିନ ପାଇଁ ଚାଲିଯାଇଛ । ତୁମର ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମ ପାଇଁ ପ୍ରେରଣାଦାୟକ ହେଉ । ତୁମର ପବିତ୍ର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ ।
ଶୋକସନ୍ତପ୍ତ :- ବୁନୁ, ପୁକୁ, କୁନା, ଟିଟୁ, ମିତା, ଗୁଲୁ, ଦର୍ଶନା ଓ ଚୁମକି ।
ଧ-୩୫୭

ପ୍ରଥମ ଶ୍ରାଦ୍ଧବାର୍ଷିକୀ
✓ନୀଳକଣ୍ଠ ମହାନ୍ତି
ଏନ୍-୪/୨୫୫, ଆଇଆରସି ଭିଲେଜ୍, ଭୁବନେଶ୍ୱର
ଚାହୁଁ ଚାହୁଁ ଏକବର୍ଷ ବିତିଗଲା । ଆଜି ବି ଆପଣଙ୍କ ଅନୁପସ୍ଥିତି ଆମେ ସମସ୍ତେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ । ଆମକୁ ଶୋକସାଗରରେ ଭସାଇଦେଇ ପ୍ରଭୁଙ୍କ କୋଳକୁ ବାହୁଡ଼ିଗଲେ । ଆପଣଙ୍କ ସ୍ନେହ, ତ୍ୟାଗ, କର୍ତ୍ତବ୍ୟନିଷ୍ଠା ଓ ପରୋପକାରିତା ଆମ ପାଇ ପ୍ରେରଣାର ଉତ୍ସ । ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ ।
ଶୋକସନ୍ତପ୍ତ : ଧର୍ମପତ୍ନୀ-ସୁରବାଳା ମହାନ୍ତି, ପୁତ୍ର-ସୁଜିତ, ପୁତ୍ରବଧୂ-ଲକି, କନ୍ୟା-ନାରାୟଣୀ, ଜ୍ୱାଇଁ-ଉପେନ୍ଦ୍ର, ନାତି-ଅଭିଷେକ, ସତ୍ୟମ୍, ବନ୍ଧୁ, ପରିବାରବର୍ଗ
ଧ-୭୨୦୩୩

ପ୍ରଥମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
✓ ନୃସିଂହ ଚରଣ ମହାନ୍ତି
କିଆଡିଗିରି, ନୂଆଡିହି, ଏରସମା, ଜଗତସିଂହପୁର
ଆବିର୍ଭାବ : ୨୦.୦୮.୧୯୪୧
ତିରୋଧାନ : ୧୯.୦୫.୨୦୨୧
ତୁମେ ଆମକୁ ଛାଡ଼ିଯିବାର ଦେଖୁ ଦେଖୁ ବର୍ଷେ ବିତିଗଲା । ତୁମେ ଥିଲ ଆମ ଜୀବନର ସ୍ପନ୍ଦନ । ଆମ ଆଖିର ଆଲୋକ, ଆମ ଆନନ୍ଦର ଉତ୍ସ, ଆମ ପାଇଁ ପୋତି ଦେଇଥିଲ ମାନବତାର ମାଇଲଖୁଣ୍ଟ । ତୁମେ ଗଲାପରେ ଆମେ ଜୀଉଛୁ ସ୍ପନ୍ଦନହୀନ ଏକ ନିସ୍ତବ୍ଧ ଜୀବନ । ତୁମେ ସ୍ୱର୍ଗରେ ଆନନ୍ଦରେ ଥାଅ, ଅମରତ୍ୱ ପ୍ରାପ୍ତ କର, ଏତିକି ପ୍ରାର୍ଥନା ।
॥ତୁମର॥
ହତଭାଗ୍ୟ ବଡ଼ଭାଇ-ସାଧୁଚରଣ, ସାନଭାଇ-ଶ୍ୟାମସୁନ୍ଦର
ହତଭାଗିନୀ ସ୍ତ୍ରୀ - ସୁରମା,
ହତଭାଗ୍ୟ ପୁତ୍ର-ଚଗଲା, ପାଗଳା, ବୋହୂ-ରଶ୍ମୀ, ଲୋପା
ଝିଅ-ମାଗିଁନୀ, ନିନି, ଜ୍ୱାଇଁ-ବଳରାମ, ସଂଜୀବ,
ନାତିନାତୁଣୀ-ଶୁଭମ, ଲିକୁନ୍, ସାନି,
ପୁତୁରା-ଝିଆରୀ, ଭଣଜା-ଭାଣିଜି ଓ ଶୋକସନ୍ତପ୍ତ ପରିବାରବର୍ଗ
ଧ-୩୬୦

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
✓ଦେବକୀ ପୋଥାଳ
(ସ୍ୱାମୀ- ✓ରାମଚନ୍ଦ୍ର ପୋଥାଳ)
ଶ୍ୟାମଦାସପୁର, କୁଜାହାଲା, ଯାଜପୁର
ତିରୋଧାନ: ୨୮।୦୪।୨୦୨୨
ମା', ତୋର କୋମଳ କୋଳର ଆଶ୍ରା, ପଣତର ଛାଇ ଓ ଅନାବିଳ ସ୍ନେହ, ମମତା ପାଖରେ ଆମେ ଚିର ଋଣୀ। ତୋର ପୂଜିତ ଗିରିଧାରୀ ଓ ଗୋବିନ୍ଦଙ୍କ ପାଖରେ ଏତିକି ପ୍ରାର୍ଥନା। ତୋର ପବିତ୍ର ଅମର ଆତ୍ମାକୁ ସଦ୍‌ଗତି ପ୍ରଦାନ କରନ୍ତୁ।
ଶୋକସନ୍ତପ୍ତ: ଝିଅ: ଲିଲି (ବୁଢ଼ୀ), ଜ୍ୱାଇଁ: ହୃଷୀକେଶ (ହୃଷୀ), ନାତି: ସୁନୁ (ହୃଦୟ ରଞ୍ଜନ), ନାତୁଣୀ: ଲିସି (ନିରାଳୀ) ।
ଧ-୬୫୯୨୯



# ମା’

## ମା’ ପାଇଁ ପ୍ରତିଟି ମୁହୂର୍ତ୍ତ ଉତ୍ସର୍ଗୀକୃତ

*ଅଭିଷେକ ମହାନ୍ତି (କର୍ମଜୀବୀ, ଭୁବନେଶ୍ୱର)–* ଯାହା ହାତରନ୍ଧା ଖାଇଲେ ସବୁ କ୍ଷୁଧା ମେଣ୍ଟିଯାଏ, ଯାହା ପଣତକାନି ତଳେ ସବୁ ଡର ଛାଡ଼ିଯାଏ, ଯିଏ ସ୍ନେହରେ ଜାବୁଡ଼ି ଧରିଲେ ସବୁ ଦୁଃଖ ମେଣ୍ଟିଯାଏ, ସିଏ ମୋ ଅତି ଆପଣାର ମା’ (ପୁଷ୍ପଲତା ମହାନ୍ତି)। ତା’ର ସ୍ନେହ, ଶ୍ରଦ୍ଧା ଆଉ କର୍ତ୍ତବ୍ୟପରାୟଣତା ଆଗରେ ଆମେ ଭାଇଭଉଣୀ ଋଣୀ। କାରଣ ଖୁବ୍ କମ୍ ବୟସରୁ ବାପାଙ୍କୁ ହରାଇଲା ପରେ ମୋ ସହ ଆଉ ଦୁଇ ସନ୍ତାନଙ୍କୁ ବଡ଼ କରିବା ଲାଗି ମା’ ସହିଥିବା କଷ୍ଟକୁ ଦେଖିଛି। କାହାରି ବିନା ସହଯୋଗରେ ଜଣେ ଏକାକୀ ମା’ ପାଇଁ ତିନି ସନ୍ତାନଙ୍କୁ ପାଳିବା ଯେ କେତେ ବଡ଼ ଚ୍ୟାଲେଞ୍ଜ ତାହା ଅନୁଭବ କରିଛି। ସବୁ ସମୟରେ ଏବଂ ସବୁ ପରିସ୍ଥିତିରେ ସେ ଆମକୁ ଅଣ୍ଟା ସଳଖି ଚାଲିବା ଶିଖାଇଛି। ଆଜି ମୁଁ ଯେଉଁ ସ୍ଥାନରେ ପହଞ୍ଚିଛି, ସେଥିରେ ମୋ ମା’ର ଅବଦାନ ଅତୁଳନୀୟ। ତେଣୁ ଏଭଳି ମା’ ପାଇଁ ଆଜି ଗୋଟିଏ ଦିନ ନୁହେଁ, ପ୍ରତିଟି ମୁହୂର୍ତ୍ତ ଉତ୍ସର୍ଗୀକୃତ।

## କଷ୍ଟ ଲୁଚାଇ ମୋତେ ହସାଏ

***ବିଶ୍ୱରୂପା ପ୍ରିୟଦର୍ଶିନୀ, ପୁରୀ–*** ମୋ ମନରେ ଛପି ରହିଥିବା ପ୍ରତ୍ୟେକ ଅକୁହା କଥାକୁ ମା’ (ବିଜୟଲକ୍ଷ୍ମୀ ସାହୁ)ଠୁ ଭଲ ଭାବରେ ଆଉ କିଏ ବା ବୁଝିପାରେ! ପିଲାବେଳୁ ବାବା ମୋ ପାଖରେ ନାହାନ୍ତି, ଏକଥା ସେ କେବେ ଅନୁଭବ କରିବାକୁ ଦେଇନି। ଦିନରୁ ରାତି ଭିତରେ ତା’ର ଯେମିତି ବଡ଼ ଟେନ୍‌ସନ ମୋତେ ଖୁଆଇବା। ମମି ପେସାରେ ଶିକ୍ଷୟିତ୍ରୀ, ଚାକିରି କରିବା ସହ ଏକାକୀ ମୋର ଦାୟିତ୍ୱ ନେବା ପାଇଁ ସେ କେତେ କଷ୍ଟ କରେ ସେ କଥା ବଖାଣିବାକୁ ଭାଷା ନିଅଣ୍ଟ। ଯେତେ ବ୍ୟସ୍ତ ଥିଲେ ମଧ୍ୟ ଦିନଯାକ ମୋ ଖାଇବାଠୁ ଆରମ୍ଭ କରି ସ୍ୱାସ୍ଥ୍ୟ ଠିକ୍ ଅଛି ନା ନାହିଁ ପ୍ରତ୍ୟେକ କଥା ବୁଝିଥାଏ। ବେଳେବେଳେ ଆଶ୍ଚର୍ଯ୍ୟ ଲାଗେ ଏତେ ଅସୁବିଧାରେ ଥାଇ ବି ସେ କେବେହେଲେ ମୋତେ ଟାଣ କଥା ପଦେ ବି କୁହେନି। ପ୍ରତ୍ୟେକ କାର୍ଯ୍ୟରେ ଏବଂ ଯେକୌଣସି ପରିସ୍ଥିତିରେ ମମି ମୋ ପଛରେ ସବୁବେଳେ ଠିଆ ହୋଇଥାଏ। ଆଉ ମୋର ପ୍ରତିଟି କାମ ପାଇଁ ମୋତେ ଉତ୍ସାହିତ କରେ। ମମି ପାଇଁ ଏତିକି କହିବି, ତା’ ଛଡା ଦୁନିଆରେ ମୋର କେହି ନାହିଁ। ସେ ପାଖରେ ରହିଲେ ମୋତେ ଦୁନିଆର ସବୁ ଖୁସି ମିଳିଯାଏ।

## ମା’ ପାଇଁ ମୁଁ ଆଜି ଗର୍ବିତ

***ଶୁଭମ୍ ପାତ୍ର** (ବ୍ରହ୍ମପୁର)–* ମା’ (ସନ୍ତୋଷୀ ପାତ୍ର) ବିନା ଜୀବନରେ କୌଣସି କାର୍ଯ୍ୟ ସଫଳ ହେବା ସମ୍ଭବପର ନୁହେଁ। କାରଣ ଦୀର୍ଘ ବର୍ଷ ଅନେକ କଷ୍ଟ ସହି ସେ ହିଁ ଏକାକୀ ଆମ ଦୁଇ ଭାଇ ଭଉଣୀଙ୍କୁ ସମ୍ଭାଳିଛି। ଆମେ ଛୋଟ ଥିବା ବେଳେ ଶାରୀରିକ ଅସୁସ୍ଥତା କାରଣରୁ ବାପାଙ୍କ ମୃତ୍ୟୁ ହୋଇଥିଲା। ସେ ସମୟରେ ପରିବାର ଚଳାଇବା ସହ ନିଜର ଦୁଇଟି ସନ୍ତାନଙ୍କୁ ପଢ଼ାଇ ଭଲ ମଣିଷ କରିବା ମା’ ପାଇଁ ଚିନ୍ତା ପାଲଟିଥିଲା। କିନ୍ତୁ ମା’ ହାର ମାନି ନ ଥିଲା ବରଂ ଏକ ଘରୋଇ ବିଦ୍ୟାଳୟରେ ପିଅନ ଭାବେ କାର୍ଯ୍ୟ ଆରମ୍ଭ କରିଥିଲା। ସେଥିରୁ ମିଳୁଥିବା ସ୍ୱଳ୍ପ ଅର୍ଥରେ ସେ ଆମକୁ ପାଠ ପଢ଼ିବା ଲାଗି ସମସ୍ତ ସୁବିଧା ଯୋଗାଇ ଦେଇଥିଲା। ମା’ର ଆଶୀର୍ବାଦ ଓ ସହଯୋଗ କାରଣରୁ ଆଜି ମୁଁ ଏକ ଘରୋଇ ସଂସ୍ଥାରେ କର୍ମଚାରୀ ଭାବେ କାର୍ଯ୍ୟ ପାଇବାରେ ସଫଳ ହୋଇଛି। ସେହିପରି ମୋ ଭଉଣୀ ମଧ୍ୟ ପାଠପଢ଼ା ଜାରି ରଖିଛି। ଏଭଳି ଜଣେ ମା’ କୋଳରେ ଜନ୍ମ ନେଇ ଆମେ ବହୁତ ଗର୍ବିତ। ଭବିଷ୍ୟତରେ ଆହୁରି ଭଲ ଜବ୍ କରି ମା’ ଆମ ପାଇଁ ଦେଖିଥିବା ସ୍ୱପ୍ନକୁ ସାକାର କରି ତା’ ମୁହଁରେ ହସ ଫୁଟାଇବା ଆମର ଏକ ମାତ୍ର ଲକ୍ଷ୍ୟ।

**ମା’ ଯାହା ପାଖରେ ଭରିରହିଛି ସନ୍ତାନ ପ୍ରତି ଅମାପ ସ୍ନେହ, ମମତା ଓ ଭଲଭାଇବା। ତା’ର ପ୍ରତିଟି ସମୟ ନିଜ ସନ୍ତାନ ପାଇଁ ଉତ୍ସର୍ଗୀକୃତ। ସନ୍ତାନଙ୍କୁ ସବୁ ଖୁସି ଆଉ ସୁବିଧା ସୁଯୋଗ ଅଜାଡ଼ି ଦେଇ ଏକ ସଫଳ ବ୍ୟକ୍ତିତ୍ୱର ପରିଚୟ ଦେବାରେ ଯେମିତି ତା’ର ଶ୍ରମ ହୁଏ ସାର୍ଥକ। ତେବେ ସମାଜରେ ଏଭଳି କେତେଜଣ ମା’ ରହିଛନ୍ତି, ଯେଉଁମାନେ ନିଜର ଜୀବନସାଥୀଙ୍କୁ ବିଭିନ୍ନ କାରଣରୁ ହରାଇ ମଧ୍ୟ ନିଜ ସନ୍ତାନକୁ ଭଲ ମଣିଷ ଗଢ଼ିବାରେ ସଫଳ ହୋଇଛନ୍ତି। ଆଜି ମଦର୍ସ ଡେ’ ଅବସରରେ ନିଜର ସେଭଳି ମା’ଙ୍କ ସମ୍ପର୍କରେ ଯାହା କୁହନ୍ତି ଏମାନେ...**



ମା’ ପୁଷ୍ପଲତାଙ୍କ ସହ ଅଭିଷେକ



ମା’ ବିଜୟଲକ୍ଷ୍ମୀଙ୍କ ସହ ବିଶ୍ୱରୂପା



ମା’ ଝୁନାଲତାଙ୍କ ସହ ପବିତ୍ର



ମା’ ସନ୍ତୋଷୀଙ୍କ ସହ ଶୁଭମ୍ ଏବଂ ଶୁଭଶ୍ରୀ

## ମା’ ହିଁ ମୋ ସାହସ

***ପବିତ୍ର କୁମାର ପ୍ରଧାନ** (ନିଆଳି, କଟକ)–* ମା’ (ଝୁନାଲତା ପ୍ରଧାନ) ମୋ ପାଇଁ ଏମିତି ଏକ ଶବ୍ଦ, ଯାହାର ଉଚ୍ଚାରଣ ମାତ୍ରେ ମୋ ମନରେ ସାହସ ଭରିଯାଏ। କାରଣ ସ୍କୁଲ୍‌ରେ ପଢ଼ିବା ବେଳେ ଯେବେ ହଠାତ୍ ବାପା ଚାଲିଗଲେ ଆମ ପାଇଁ ପୃଥିବୀ ଯେମିତି ଅନ୍ଧାର ହୋଇଗଲା। ପରିବାରରେ ଖେଳି ଯାଇଥିଲା ଦୁଃଖର ଛାୟା। କେମିତି ପରିବାର ଚଳିବ, କେମିତି ପିଲା ମଣିଷ ହେବେ ଇତ୍ୟାଦି ଚିନ୍ତାରେ ମା’ ଭାଙ୍ଗିପଡିଥିଲା। ତଥାପି ସେ ନିଜକୁ ସମ୍ଭାଳି ଆମକୁ ମଣିଷ କରିବା ଲାଗି ଚେଷ୍ଟା ଜାରି ରଖିଲା। ଯେତେ କଷ୍ଟରେ ଥିଲେ ବି ସେ ଆମକୁ ବାପାଙ୍କ ଅଭାବ ଅନୁଭବ ହେବାକୁ ଦେଇନି। ଆମ ମୁହଁରେ ହସ ଫୁଟାଇବାକୁ ନିଜ କଷ୍ଟକୁ ଲୁଚାଇ ରଖିଛି। ପ୍ରତ୍ୟେକ କ୍ଷେତ୍ରରେ ଆଗକୁ ବଢିବାକୁ ପ୍ରେରଣା ଓ ପ୍ରୋତ୍ସାହନ ଯୋଗାଇ ଦେଇଛି। ସତ କହିଲେ ମା’ ହେଉଛି ମୋର ସବୁଠୁ ବଡ ସାହସ। ତା’ ମୁହଁକୁ ଥରେ ଚାହିଁଦେଲେ ଦୁନିଆରେ କୌଣସି କାର୍ଯ୍ୟ ଅସମ୍ଭବ ନୁହେଁ ବୋଲି ମନେ ହୁଏ।

**–ପୌର୍ଣ୍ଣମାସୀ**





## ଏ ସପ୍ତାହର ପ୍ରଶ୍ନ

୧– ରିପୋର୍ଟ ଅନ୍ କରେନ୍ସି ଆଣ୍ଡ ଫାଇନାନ୍ସ ................ ଅନୁଷ୍ଠାନ ପକ୍ଷରୁ ପ୍ରକାଶ ପାଇଥାଏ ?
୨– ସେମିକନ୍ ଇଣ୍ଡିଆ କନ୍‌ଫରେନ୍ସ–୨୦୨୨.......... ଠାରେ ଆୟୋଜିତ ହୋଇଛି ?
୩– ଲିଫ୍ଟର ଉଦ୍ଭାବକ.............. ?
୪– ଇଣ୍ଟର ପାର୍ଲିଆମେଣ୍ଟାରୀ ୟୁନିଅନ୍‌ର ହେଡ୍‌କ୍ୱାର୍ଟର.......... ଠାରେ ଅବସ୍ଥିତ ?
୫– ମିଲ୍କ ଟ୍ରେ ପ୍ରଥମ ଥର........... ମସିହାରେ ପ୍ରସ୍ତୁତ କରାଯାଇଥିଲା ?

## ଗତ ଥରର ଉତ୍ତର

୧ ଆମେରିକା
୨ ସେଲ୍ୟୁଲଏଡ୍
୩ ଭାରତ
୪ ଡାଇଓପ୍ଟର
୫ ପାରୁଚ୍ଛ ଘଷି

## ଉତ୍ତରଦାତା



ଶେଖ୍ ୟାକୁବ୍, ଗୋପ



ବିଭାସ ମହାନ୍ତ, ବାରିପଦା



ପ୍ରଶାନ୍ତ କର, ପୁରୀ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ–ମେଲ୍ ଠିକଣା: dharitriagamiasha @gmail.com

# କାର୍ଟୁନ୍ ପ୍ରିଣ୍ଟ ଫ୍ୟାଶନ



**ଯୁବପିଢ଼ି ସବୁବେଳେ କ୍ଲାସି ଲୁକ୍ ପାଇଁ ନୂଆ ନୂଆ ଭେରାଇଟିର ଡ୍ରେସ୍, ଶୁଜ୍, ଶାଢ଼ି ଇତ୍ୟାଦି ଟ୍ରାଏ କରିଥାଆନ୍ତି। ତେବେ ମାର୍କେଟ୍‌ରେ ଏବେ କାର୍ଟୁନ୍ ପ୍ରିଣ୍ଟ ଆଉଟ୍‌ଫିଟ୍ ଟ୍ରେଣ୍ଡ କରୁଛି। ଏହାକୁ ପିନ୍ଧିଲେ ଆପଣ ସମସ୍ତଙ୍କଠାରୁ ଆଟ୍ରାକ୍ଟିଭ୍, ଷ୍ଟାଇଲିଶ୍ ଏବଂ ଟ୍ରେଣ୍ଡି ଲୁକ୍ ମଧ୍ୟ ପାଇପାରିବେ...**

**ଟି–ଶାର୍ଟ:** ଆପଣ ଫର୍ମାଲ ଟି–ଶାର୍ଟ ପିନ୍ଧିବାକୁ ଭଲ ପାଉଛନ୍ତି କି? ତେବେ କାର୍ଟୁନ୍ ପ୍ରିଣ୍ଟର ଟି–ଶାର୍ଟ ଆପଣଙ୍କ ପାଇଁ ବେଷ୍ଟ ଅପ୍ସନ। ଏହାକୁ ପିନ୍ଧି ଆପଣ ସମସ୍ତଙ୍କଠାରୁ ୟୁନିକ୍ ଦେଖାଯିବେ। ଯୁବକ ହୁଅନ୍ତୁ କି ଯୁବତୀ, ଏହି ଟି–ଶାର୍ଟ ପିନ୍ଧି ଟ୍ରେଣ୍ଡି ଲୁକ୍ ପାଇପାରିବେ। କୌଣସି ଟ୍ରିପ୍‌ରେ ଯାଉଥିଲେ ଏଥିରେ ଶର୍ଟ୍ସ କିମ୍ବା ଜିନ୍ସ ପେୟାର ଅପ୍ କରିପାରିବେ। ଯଦି ଆପଣଙ୍କୁ କଲାର ଥିବା ଟି–ଶାର୍ଟ ପସନ୍ଦ, କାର୍ଟୁନ୍ ପ୍ରିଣ୍ଟରେ କଲାର ଥିବା ଟି–ଶାର୍ଟ ମାର୍କେଟରେ ଉପଲବ୍ଧ। ଏଥିସହିତ ବିଭିନ୍ନ ଡିଜାଇନ୍‌ର କାର୍ଟୁନ୍ ପ୍ରିଣ୍ଟ ଟପ୍ସ ଏବଂ ଟିଜ୍ ମଧ୍ୟ ଟ୍ରେଣ୍ଡି ଲୁକ୍ ଦେବ।

**କାର୍ଟୁନ୍ ପ୍ରିଣ୍ଟ ଶାଢ଼ି:** ଯଦି ଆପଣ କାଜୁଆଲ କିମ୍ବା ଗର୍ଜିୟସ୍ ଶାଢ଼ି ପିନ୍ଧି ବୋର ହୋଇଗଲେଣି, ତେବେ କାର୍ଟୁନ୍ ପ୍ରିଣ୍ଟର ଶାଢ଼ି ବାଛିପାରିବେ। ଏଥିରେ ସବୁପ୍ରକାର କାର୍ଟୁନ୍ ଚରିତ୍ରକୁ ଅତି ସୁନ୍ଦର ଭାବରେ ପ୍ରିଣ୍ଟ କରାଯାଇଛି। ଆପଣଙ୍କର ମନପସନ୍ଦ ଉଭୟ କଲର୍ ସାଙ୍ଗକୁ କାର୍ଟୁନ୍ ପ୍ରିଣ୍ଟ ଶାଢ଼ି ମାର୍କେଟରେ ଉପଲବ୍ଧ ହେଉଛି। ଏହାକୁ ଆପଣ ଯେକୌଣସି ପାର୍ଟି ଫଙ୍କସନ୍ କିମ୍ବା ଟ୍ରିପ୍‌ରେ ପିନ୍ଧି ସମସ୍ତଙ୍କଠାରୁ ଅଲଗା ଦେଖାଯିବେ। ଏଥିସହ ଶାଢ଼ି ସହ ମ୍ୟାଚ୍ କରି ଆପଣ କାର୍ଟୁନ୍ ପ୍ରିଣ୍ଟ ବ୍ଲାଉଜ୍ ଟ୍ରାଏ କରିପାରିବେ। ଏହାକୁ ଆପଣ ଚାହିଁଲେ ଅନ୍‌ଲାଇନ୍‌ରୁ ଅର୍ଡର କରିପାରିବେ କିମ୍ବା ଶାଢ଼ିରେ ପ୍ରିଣ୍ଟ ହୋଇଥିବା କାର୍ଟୁନ୍ କ୍ୟାରେକ୍ଟର ଅନୁଯାୟୀ ବ୍ଲାଉଜ୍ ତିଆରି ବି କରିପାରିବେ। ଏହି ବ୍ଲାଉଜ୍‌କୁ ଆପଣ ଅନ୍ୟ ଶାଢ଼ିରେ ବି ଟିମ୍‌ଅପ୍ କରିପାରିବେ।

**ଶୁଜ୍:** କାଜୁଆଲ ଶୁ କିମ୍ବା ସ୍ନିକର୍ସ ପିନ୍ଧି ବୋର୍ ହୋଇଗଲେଣି କି, ତେବେ ଟ୍ରାଏ କରନ୍ତୁ କାର୍ଟୁନ୍ ପ୍ରିଣ୍ଟର ସ୍ନିକର୍ସ। ଏହା ଆପଣଙ୍କୁ ଫନ୍ ଲୁକ୍ ଦେବ। କାଜୁଆଲ୍ ଲୁକ୍ ପାଇଁ କାର୍ଟୁନ୍ ପ୍ରିଣ୍ଟର ସ୍ଲିପର୍ ପରଫେକ୍ଟ। ଏଥିସହିତ ହିଲ୍ସ ପିନ୍ଧିବାକୁ ପସନ୍ଦ କରୁଥିବା ଯୁବତୀମାନଙ୍କ ପାଇଁ କାର୍ଟୁନ୍ ପ୍ରଣ୍ଟର ହିଲ୍ସ ମଧ୍ୟ ମାର୍କେଟ୍‌ରେ ଉପଲବ୍ଧ। ଯୁବତୀମାନେ ଏହାକୁ ନିନ୍ଧି ଗର୍ଜିୟସ୍ ଲୁକ୍ ପାଇପାରିବେ।



## ଜାଣନ୍ତୁ ଦୁନିଆ

**ଆଜି ମଦର୍ସ ଡେ’। ମା’ଙ୍କ ପ୍ରତି ଥିବା ଗଭୀର ସ୍ନେହ ଶ୍ରଦ୍ଧା ଦର୍ଶାଇବା ପାଇଁ ଏହି ଦିବସଟିର ପରିକଳ୍ପନା। ହେଲେ ଆପଣ ଜାଣନ୍ତି, ପୃଥିବୀର ସମସ୍ତ ଦେଶରେ ଆଜିର ଦିନରେ ଏହି ଦିବସ ପାଳନ ହୋଇ ନ ଥାଏ। ଆସନ୍ତୁ ଜାଣିବା କେଉଁ ଦେଶରେ କେବେ ପାଳନ ହୁଏ ମଦର୍ସ ଡେ’...**

# ମଦର୍ସ ଡେ’

୧୯୧୪ ମସିହା ମେ’ ୯ ତାରିଖରେ ଆମେରିକା ରାଷ୍ଟ୍ରପତି ଵୁଡ୍ରୋ ବିଲ୍‌ସନ୍ ମେ ମାସର ଦ୍ୱିତୀୟ ରବିବାରକୁ ମଦର୍ସ ଡେ’ ଭାବେ ପାଳନ କରାଯିବ ବୋଲି ଏକ ବିଲ୍ ପାସ୍ କରିଥିଲେ। ସେବେଠୁ ଆମେରିକା, ଭାରତ, ଆଙ୍ଗୁଇଲା, ଆଣ୍ଟିଗୁଆ ଆଣ୍ଡ ବରବୁଡା, ଆରୁବା, ଅଷ୍ଟ୍ରେଲିଆ, ଅଷ୍ଟ୍ରିଆ, ବାହାମାସ, ବାଂଲାଦେଶ, ବାର୍ବାଡସ୍, ବେଲ୍‌ଜିୟମ୍, ବେଲିଜ, ବର୍ମୁଡା, ବୋନାଇରେ, ବୋତ୍ସ୍ୱାନା, ବ୍ରାଜିଲ୍, ବ୍ରୁନେଇ, କାନାଡ଼ା, କାମ୍ବୋଡ଼ିଆ, ଚିଲି, ଚାଇନା, କଲମ୍ବିଆ, କ୍ରୋଏସିଆ, କ୍ୟୁବା, କ୍ୟୁରାକାଓ, ସାଇପ୍ରସ, ଚେକ୍ ରିପବ୍ଲିକ୍, ଡେନ୍‌ମାର୍କ, ଡୋମିନିକା, ଇକ୍ୱେଡର, ଇସ୍ତୋନିଆ, ଇଥିଓପିଆ, ଫିଜି, ଫିନ୍‌ଲାଣ୍ଡ, ଜର୍ମାନୀ, ଘାନା, ଗ୍ରୀସ୍, ଗ୍ରେନାଡା, ଗୁଆନା, ହଣ୍ଡୁରାସ, ହଂକଂ, ଆଇସ୍‌ଲାଣ୍ଡ, ଇଟାଲୀ, ଜାମାଇକା, ଜାପାନ, କେନିଆ, ଲାଟ୍‌ଭିଆ, ଲାଇବେରିଆ, ଲିଚେନ୍‌ଷ୍ଟେଇନ୍, ମକାଓ, ମାଲେସିଆ, ମାଲ୍‌ଟା, ମ୍ୟାନ୍‌ମାର୍, ନାମ୍ବିଆ, ନେଦରଲାଣ୍ଡ, ନ୍ୟୁଜିଲାଣ୍ଡ, ପାକିସ୍ତାନ, ପପୁଆ ନ୍ୟୁଗିନି, ପେରୁ, ଫିଲିପାଇନ୍ସ, ପୋର୍ଟୋରିକୋ, ସେଣ୍ଟ କିଟ୍ସ ଆଣ୍ଡ ନେଭିସ୍, ସେଣ୍ଟ ଲୁସିଆ, ସେଣ୍ଟ ଭିନ୍‌ସେଣ୍ଟ ଆଣ୍ଡ ଦି ଗ୍ରେନାଡାଇନ୍ସ, ସାମୋଆ, ସିଙ୍ଗାପୁର, ସେଣ୍ଟ ମାର୍ଟିନ, ସ୍ଲୋଭାକିଆ, ଦକ୍ଷିଣ ଆଫ୍ରିକା, ଶ୍ରୀଲଙ୍କା, ସୁରିନାମ, ସୁଇଜରଲାଣ୍ଡ, ତାଇୱାନ୍, ତାଞ୍ଜାନିଆ, ଟୋଙ୍ଗା, ତ୍ରିନିଦାଦ୍ ଆଣ୍ଡ ଟବାଗୋ, ତୁର୍କୀ, ଉଗାଣ୍ଡା, ୟୁକ୍ରେନ୍, ଉରୁଗୁଏ, ଭେନେଜୁଏଲା, ଜାମ୍ବିଆ, ଜିମ୍ବାୱେ ଆଦି ଦେଶରେ ମେ’ ଦ୍ୱିତୀୟ ରବିବାରକୁ ମଦର୍ସ ଡେ’ ଭାବେ ପାଳନ କରାଯାଉଛି।

ଏହା ବ୍ୟତୀତ ଅନ୍ୟ ଦେଶଗୁଡ଼ିକରେ ଏହି ଦିବସ ଭିନ୍ନ ଭିନ୍ନ ତାରିଖରେ ପାଳନ କରାଯାଇଥାଏ–



ଫେବୃୟାରୀ ପ୍ରଥମ ରବିବାର: କୋସାଭୋ।
ଫେବୃୟାରୀ ଦ୍ୱିତୀୟ ରବିବାର: ନରୱେ।
ମାର୍ଚ୍ଚ ୩: ଜର୍ଜିଆ।
ମାର୍ଚ୍ଚ ୮: ଆଫଗାନିସ୍ତାନ, ଆଲ୍‌ବାନିଆ, ଆର୍ମେନିଆ, ଆଜରବୈଜାନ, ବୁଲ୍‌ଗେରିଆ, କାଜାଖସ୍ତାନ, ଲାଓସ୍, ମାସିଡୋନିଆ, ମାଲ୍‌ଟୋଭା, ମଣ୍ଟେନିଗ୍ରୋ, ରୋମାନିଆ, ରୁଷିଆ, ସର୍ବିୟା, ତାଜିକିସ୍ତାନ, ଭିଏତ୍‌ନାମ।
ମାର୍ଚ୍ଚ ୨୧: ବାହାରିନ୍, କମରୋ, ଜିବୁଟି, ଇଜିପ୍ଟ, ଇରାକ୍, ଜୋର୍ଡାନ, କୁଏଟ୍, ଲିବ୍ୟା, ଲେବାନନ୍, ମରିଟାନିଆ, ଓମାନ୍, କାତାର, ସୌଦିଆରବ, ସୋମାଲିଆ, ସୁଦାନ, ସିରିଆ, ୟୁନାଇଟେଡ୍ ଆରବ ଏମିରେଟ୍ସ, ୟେମେନ୍।
ମାର୍ଚ୍ଚ ୨୫: ସ୍ଲୋଭେନିଆ।
ମାର୍ଚ୍ଚ ୪ର୍ଥ ରବିବାର: ଆୟର୍ଲାଣ୍ଡ, ନାଇଜେରିଆ, ଇଂଲଣ୍ଡ, ଗୁଏର୍ନସେ, ଜର୍ସି, ଆଇଲ୍ ଅଫ୍ ମ୍ୟାନ୍।
ମେ ପ୍ରଥମ ରବିବାର: ଆଙ୍ଗୋଲା, କେପ୍ ଭର୍ଡେ, ହଙ୍ଗେରୀ, ଲିଥୁଆନିଆ, ମୋଜାମ୍ବିକ୍, ପର୍ତ୍ତୁଗାଲ, ସ୍ପେନ୍।
ମେ ୮: ଦକ୍ଷିଣ କୋରିଆ।
ମେ ୧୦: ଇଆଇ ସାଲ୍‌ଭାଡର, ଗୁଏଟ୍‌ମାଲା, ମେକ୍ସିକୋ।
ମେ ୧୫: ପାରାଗୁଏ।
ମେ ୧୯: କିରଗିଜସ୍ତାନ।
ମେ ୨୬: ପୋଲାଣ୍ଡ।
ମେ ୨୭: ବଲିଭିଆ।
ମେ ଶେଷ ରବିବାର: ଆଲ୍‌ଜେରିଆ, ଡୋମନିକାନ୍ ରିପବ୍ଲିକ୍, ଫ୍ରାନ୍ସ, ଫ୍ରେଞ୍ଚ ଆଣ୍ଟିଲ୍ସ, ମାଡାଗାସ୍କାର, ମରକ୍କୋ, ହାଇତି, ମରିସସ୍, ସେନିଗାଲ, ସ୍ୱିଡେନ, ଟ୍ୟୁନିସିଆ।
ମେ ୩୦: ନିକାରାଗୁଆ।
ଜୁନ୍ ୧: ମଙ୍ଗୋଲିଆ।
ଜୁନ୍ ଦ୍ୱିତୀୟ ରବିବାର: ଲକ୍ସେନବର୍ଗ।
ଜୁଲାଇ ପ୍ରଥମ ସୋମବାର: ସାଉଥ ସୁଦାନ।
ଅଗଷ୍ଟ ୧୨: ଥାଇଲାଣ୍ଡ।
ଅଗଷ୍ଟ ୧୫: କୋଷ୍ଟାରିକା, ବେଲ୍‌ଜିୟମ୍।
ଅକ୍ଟୋବର ଦ୍ୱିତୀୟ ସୋମବାର: ମାଲାଓ୍ୱି।
ଅକ୍ଟୋବର ୧୪: ବେଲାରୁସ୍।
ଅକ୍ଟୋବର ତୃତୀୟ ରବିବାର: ଆର୍ଜେଣ୍ଟିଆ।
ନଭେମ୍ବର ୩: ଟିମର ଲେଷ୍ଟେ।
ଡିସେମ୍ବର ୮: ପାନାମା।
ଡିସେମ୍ବର ୨୨: ଇଣ୍ଡୋନେସିଆ।

## ଟପ୍ ୧୦

### ପୃଥିବୀର ଅଜବ ମ୍ୟୁଜିୟମ୍

୧– ମେଗୁରୋ ପାରାସାଇଟୋଲୋଜିକାଲ୍ ମ୍ୟୁଜିୟମ୍.... ଟୋକିଓ, ଜାପାନ
୨– ଦି ଡଗ୍ କଲାର ମ୍ୟୁଜିୟମ୍.....କେଣ୍ଟ, ଇଂଲଣ୍ଡ
୩– ମ୍ୟାକ୍‌ଡୋନାଲ୍ଡସ୍ ବିଗ୍ ମ୍ୟାକ୍ ମ୍ୟୁଜିୟମ୍.. ପେନ୍‌ସିଲ୍‌ଭାନିଆ, ଆମେରିକା
୪– ମ୍ୟୁଜିୟମ୍ ଅଫ୍ ବ୍ରେଡ୍ କଲ୍‌ଚର...... ଜର୍ମାନୀ
୫– ସୁଲଭ ଇଣ୍ଟରନ୍ୟାଶନାଲ୍ ମ୍ୟୁଜିୟମ୍ ଅଫ୍ ଟଏଲେଟ୍... ନୂଆଦିଲ୍ଲୀ, ଭାରତ
୬– ହିଷ୍ଟୋରିକ୍ ୱାଇନ୍ ଟୁଲ୍ ମ୍ୟୁଜିୟମ୍... କାଲିଫର୍ନିଆ, ଆମେରିକା
୭– କରିଓ୍ୱର୍ଷ୍ଟ ମ୍ୟୁଜିୟମ୍..... ବର୍ଲିନ୍, ଜର୍ମାନୀ
୮– ଦି ମ୍ୟୁଜିୟମ୍ ଅଫ୍ ବ୍ରୋକେନ୍ ରିଲେସନ୍‌ଶିପ୍...ଜାଗରେବ, କ୍ରୋସିଆ
୯– ଦି ଆଇସ୍‌ଲାଣ୍ଡିକ୍ ଫାଲୋଲୋଜିକାଲ୍ ମ୍ୟୁଜିୟମ୍...... ରେଜାଭିକ୍, ଆଇସ୍‌ଲାଣ୍ଡ
୧୦– କାନ୍ସାସ୍ ବାର୍‌ବେଡ୍ ୱାଏର୍ ମ୍ୟୁଜିୟମ୍....... କାନ୍ସାସ୍, ଆମେରିକା

